ବର୍ଷ-୨୬, ସଂଖ୍ୟା-୧୬୬
ଭୁବନେଶ୍ୱର
୨୨, ଜୁନ ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 166
Bhubaneswar
22, June, 2026, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ଯୋଗମୟ ସାରା ବିଶ୍ୱ

# କୋଲକାତାରେ ଯୋଗଦେଲେ ପ୍ରଧାନମନ୍ତ୍ରୀ

କୋଲକାତା,୨୧।୦୬(ମହାଭାରତ): ଯୋଗ କରନ୍ତୁ ସୁସ୍ଥ ରୁହନ୍ତୁ । ଯୋଗ କରିବା ଦ୍ୱାରା ମାନସିକ ଶାନ୍ତି ସହିତ ଶାରିରୀକ ସୁସ୍ଥତା ମିଳିଥାଏ । ତେଣୁ ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଏ । ଆଜି ୧୨ ତମ ଯୋଗ ଦିବସରେ ଦେଶ ଯୋଗମୟ ହୋଇଛି । ଦେଶବିଦେଶରେ ମହା ଆଡମ୍ବରରେ ପାଳନ ହୋଇଛି ଯୋଗ ଦିବସ । ଚଳିତବର୍ଷର ଥିମ୍ ରହିଛି କୋଲକାତାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିଲେ 'ସୁସ୍ଥ ଆୟୁ ପାଇଁ ଯୋଗ' । କୋଲକାତାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ରେଡ୍ ରୋଡରେ ଆୟୋଜିତ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ୩୫୦୦୦ ଲୋକଙ୍କ ଗହଣରେ ଯୋଗ କହିଛନ୍ତି ମୋଦି । ଗୁଜରାଟରେ ଆୟୋଜିକ କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଯୋଗ କରିଛନ୍ତି । ବିଶ୍ୱରେ ପ୍ରାୟ ୨୫୦୦ ସ୍ଥାନରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଦେଶବ୍ୟାପୀ ୧୦୦ଟି ପ୍ରସିଦ୍ଧ ସାଂସ୍କୃତିକ ଏବଂ ଐତିହାସିକ ସ୍ଥାନରେ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

### ବିଶ୍ୱବ୍ୟାପୀ ୨୫୦୦ ସ୍ଥାନରେ ଯୋଗ ଆୟୋଜନ

ଅନ୍ତର୍ଜାତୀୟ ଯୋଗ ଦିବସରେ ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱବାସୀଙ୍କୁ ଉଦବୋଧନ ଦେଇ କହିଛନ୍ତି, ବିଶ୍ୱର ସବୁଠୁ ବଡ଼ ସାମୂହିକ ଦିବସ ଭାବେ ପାଳିତ ହେଉଛି ଯୋଗ ଦିବସ । ସାରା ବିଶ୍ୱରେ ଯୋଗର ଲୋକପ୍ରିୟତା ରହିଛି । ଯୋଗ ପାଇଁ ବୟସ ସୀମା ନାହିଁ, ସବୁ ବର୍ଗ ପାଇଁ ଏହା ଜରୁରୀ । ଯୋଗ କେବଳ ବ୍ୟାୟାମ ନୁହେଁ, ସୁସ୍ଥ ଜୀବନର ରାସ୍ତା । ବଙ୍ଗଳା ଯୋଗର ମାଟି । ସ୍ୱାମୀ ବିବେକାନନ୍ଦ ଯୋଗ ସହ ପରିଚିତ କରାଇଥିଲେ । ଭାରତରେ, ହିମାଳୟରୁ ଭାରତ ମହାସାଗର, ଉତ୍ତର-ପୂର୍ବରେ ବଙ୍ଗଳା ଏବଂ ପୂର୍ବରେ ପଶ୍ଚିମରେ ସୌରାଷ୍ଟ୍ର ପର୍ଯ୍ୟନ୍ତ, ସମଗ୍ର ଦେଶ ଯୋଗର ଶକ୍ତିରେ ପରିପୂର୍ଣ୍ଣ, ଚେତନାପୂର୍ଣ୍ଣ ପରି ମନେହୁଏ । ସମଗ୍ର ବିଶ୍ୱ ଏବଂ ସମଗ୍ର ଦେଶ ପରସ୍ପର ସହିତ ଜଡିତ ପରି ମନେହୁଏ, ଏବଂ ଏହା ଯୋଗର ଶକ୍ତି । ଯୋଗ ସମସ୍ତଙ୍କୁ ଯୋଡେ। ଏହି ଅବସରରେ, ମୁଁ ଅନ୍ତର୍ଜାତୀୟ ଯୋଗ ଦିବସରେ ସମଗ୍ର ବିଶ୍ୱକୁ, ସମଗ୍ର ମାନବ ସମ୍ପ୍ରଦାୟକୁ ମୋର ଶୁଭକାମନା ଜଣାଉଛି । '

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, 'ପୃଥିବୀର କିଛି ସ୍ଥାନରେ ଜୁନ୍ ୨୧ ତାରିଖ ବର୍ଷର ସବୁଠାରୁ ଲମ୍ବା ଦିନ ଏବଂ ଅନ୍ତର୍ଜାତୀୟ ଯୋଗ ଦିବସ ଯୋଗୁଁ, ଜୁନ୍ ୨୧ ବିଶ୍ୱର ସବୁଠାରୁ ବଡ଼ ସାମୁହିକ ଉତ୍ସବର ଦିନ ପାଲଟିଛି । ଯୋଗ ହେଉଛି ମାନବ ଚେତନାର ଆଲୋକ । ଆଜି ହେଉଛି ସାମୂହିକ ଉତ୍ସବର ଦିନ । ଏହି ଦିନଟି ସମସ୍ତଙ୍କୁ ଏକାଠି କରିଥାଏ । ସ୍ୱାମୀ ବିବେକାନନ୍ଦ ଆମକୁ ଯୋଗ ସହିତ ପରିଚିତ କରାଇଥିଲେ । ବିଶ୍ୱ ସଂଯୋଗ ହେଉଛି ଯୋଗର ମୌଳିକ ଆତ୍ମା । ଯେତେବେଳେ ଆମେ ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ ବିଷୟରେ କଥା ହେଉ, ଏହାର ଅର୍ଥ ହେଉଛି ଯେ, ଆମେ ଏହା ସୁନିଶ୍ଚିତ କରିପାରିବା ଯେ ବୟସ ମଣିଷର ସମ୍ଭାବନାକୁ ହ୍ରାସ ନ କରେ । ଯୋଗ ମଣିଷ ଜୀବନକୁ ନିରନ୍ତର ବିକାଶ ପାଇଁ ଆକାଂକ୍ଷା କରିବାରେ ସାହାଯ୍ୟ କରିପାରେ। ଆମର ଲକ୍ଷ୍ୟ ୨୦ ବର୍ଷ ଅପେକ୍ଷା ୪୦ ବର୍ଷରେ ଅଧିକ ନମନୀୟ ହେବା ଉଚିତ । ଆମର ଲକ୍ଷ୍ୟ ୩୦ ବର୍ଷ ଅପେକ୍ଷା ୫୦ ବର୍ଷରେ ଅଧିକ ଶକ୍ତିଶାଳୀ ହେବା ଉଚିତ୍ । ଆମର ଲକ୍ଷ୍ୟ ୫୦ ବର୍ଷ ଅପେକ୍ଷା ୭୦ ବର୍ଷରେ ଜୀବନଶୈଳୀ ରୋଗ ପ୍ରତି ଅଧିକ ପ୍ରତିରୋଧୀ ହେବା ଉଚିତ୍ । ଏହିଠାରେ ଯୋଗ ଆମକୁ ସାହାଯ୍ୟ କରିପାରିବ । ଯୋଗ ମାଧ୍ୟମରେ ବିଶ୍ୱ ଯୋଡ଼ି ହୋଇଛି । ବୟସ ବୃଦ୍ଧି ପାଇଲେ ମଧ୍ୟ ଯୁବକ ଏବଂ ସୁସ୍ଥ ରହିବାରେ ସାହାଯ୍ୟ କରେ । ଯୋଗ ମାନବ ଜୀବନକୁ ନିରନ୍ତର ବିକାଶ ଆଡ଼କୁ ଆଗେଇ ଯିବାକୁ ପ୍ରେରଣା ଦେଇଥାଏ ଯୋଗ ।



## ଅସଦାଚରଣ କରି ବିଧାୟକଙ୍କ ଡ୍ରାଇଭର ଗିରଫ

ରାୟଗଡା,୨୧।୬(ମହାଭାରତ): ଟ୍ରେନ ଯାତ୍ରା କରୁଥିବା ବେଳେ ଜଣେ ନାବାଳିକାକୁ ଅସଦାଚରଣ ଘଟଣାରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତାଙ୍କ ଡ୍ରାଇଭର ଗିରଫ୍ ହୋଇଛନ୍ତି। ଗିରଫ ହୋଇଥିବା ଡ୍ରାଇଭର ଜଣଙ୍କ ହେଲେ ବିକାଶ ବାଗ୍ (୨୪)।

ରାୟଗଡା ଜିଆର୍‌ପି ଥାନା ଅଧିକାରୀ ବିନୟ କୁମାର ମିଞ୍ଜ୍ ଘଟଣା ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଗତକାଲି ରାତିରେ ଆରପିଏଫ୍ ଗୁଇନ୍ଦା ବିଭାଗର ଜଣେ କର୍ମଚାରୀଙ୍କ ପରିବାର ସଦସ୍ୟ କୋରପୁଟ ଠାରୁ ହିରାଖଣ୍ଡ ଟ୍ରେନ୍‌ରେ ଯାତ୍ରା କରୁଥିଲେ। ବିଧାୟକଙ୍କ ଡ୍ରାଇଭର ବିକାଶ ଲକ୍ଷ୍ମୀପୁର ଠାରେ ସେହି ଟ୍ରେନରେ ଚଢ଼ିଥିଲେ। ଚଳନ୍ତା ଟ୍ରେନ୍‌ରେ ଏସି ବଗିରେ ଥିବା ନାବାଳିକାକୁ ଅସଦାଚରଣ କରିଥିଲେ । ନାବାଳିକଙ୍କ ମା' ତାଙ୍କୁ ବିରୋଧ କରିବାରୁ ବିକାଶ ତାଙ୍କୁ ଗାଳିଗୁଲଜ କରିଥିଲା। ଏନେଇ ଟ୍ରେନରେ କାର୍ଯ୍ୟରତ ଥିବା ଆର୍‌ପିଏଫ ପୁଲିସଙ୍କୁ ଅବଗତ କରିଥିଲେ। ଆର୍‌ପିଏଫ୍ ଡ୍ରାଇଭର ବିକାଶକୁ ଅଟକ ରଖିବା ସହ ରାୟଗଡା ଠାରେ ଜିଆର୍‌ପି ପୁଲିସକୁ ହସ୍ତାନ୍ତର କରିଥିଲେ ।

# ଯୋଗାଭ୍ୟାସ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୨୧।୬(ମହାଭାରତ): ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଆଜି ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗକୁ ଶାରୀରିକ, ବୌଦ୍ଧିକ ଓ ଆଧ୍ୟାତ୍ମିକତାର ଏକ ଅପୂର୍ବ ସଙ୍ଗମ ଭାବେ ଅଭିହିତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯୋଗ କୌଣସି ନିର୍ଦ୍ଦିଷ୍ଟ ଧର୍ମ ମଧ୍ୟରେ ସୀମିତ ନୁହେଁ, ବରଂ ମାନବ ଚେତନାର ବିକାଶ ପାଇଁ ଏକ ବିଶ୍ୱବ୍ୟାପୀ ଅମୂଲ୍ୟ ଉପହାର। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଯୋଗୁଁ ଆଜି ଯୋଗ ବିଶ୍ୱ ସ୍ତରରେ ସ୍ୱୀକୃତି ଲାଭ କରି ଭାରତର ସାଂସ୍କୃତିକ ଗୌରବକୁ ପ୍ରତିଷ୍ଠିତ କରିଛି ବୋଲି ସେ ପ୍ରକାଶ କରିଛନ୍ତି।

ଚଳିତ ବର୍ଷ ଯୋଗ ଦିବସର ବିଷୟବସ୍ତୁ 'ନିରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ' । ଏହା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବୟସ ବଢ଼ିବା ସହିତ ଶରୀରରେ ଦେଖାଦେଉଥିବା ବିଭିନ୍ନ ଶାରୀରିକ ଓ ମାନସିକ ଆହ୍ୱାନ, ଯେପରିକି ଉଚ୍ଚ ରକ୍ତଚାପ, ମଧୁମେହ, ଚିନ୍ତା ଓ ଏକାକୀପଣର ସହଜ ସମାଧାନ ଯୋଗ ଏବଂ ପ୍ରାଣାୟାମ ମାଧ୍ୟମରେ ସମ୍ଭବ। ରାଜ୍ୟର ବୟୋଜ୍ୟେଷ୍ଠ ନାଗରିକମାନଙ୍କ ସୁସ୍ଥତା ସମାଜ ପାଇଁ ଏକ ଅମୂଲ୍ୟ ସମ୍ପଦ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ଆଜିର ଡିଜିଟାଲ ଯୁଗରେ ମୋବାଇଲ ଓ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଥିବା ଯୁବପିଢ଼ିଙ୍କୁ ମାନସିକ ଚାପମୁକ୍ତ ରହିବା ପାଇଁ ପ୍ରତିଦିନ ଅତିକମରେ ୨୦ ରୁ ୩୦ ମିନିଟ୍ ଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଏବଂ ପ୍ରାଚୀନ ଚିକିତ୍ସା



ପଦ୍ଧତିର ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ଆୟୁଷ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଗଜପତି, ମାଲକାନଗିରି ଏବଂ ରାୟଗଡ଼ା ଜିଲ୍ଲାରେ ୩ଟି ନୂଆ ଆୟୁର୍ବେଦିକ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ। ଜଟଣିର ବିଂଝଗିରିଠାରେ ୨୦ ଏକର ପରିମିତ ଅଞ୍ଚଳରେ ଏକ ଅତ୍ୟାଧୁନିକ ଯୋଗ ଓ ନେଚୁରୋପାଥି ଅନୁଷ୍ଠାନ ନିର୍ମାଣ ଚାଲିଥିବା ବେଳେ, ରାଇରଙ୍ଗପୁରଠାରେ କେନ୍ଦ୍ରୀୟ ଆୟୁର୍ବେଦିକ ମେଡିକାଲ କଲେଜର ଶିଳାନ୍ୟାସ କରାଯାଇଛି। ସରକାର ଯୋଗକୁ ବିଦ୍ୟାଳୟ ପାଠ୍ୟକ୍ରମ ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଥିବା ସେ ସୂଚନା ଦେଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ କଲିକତାରୁ ପ୍ରସାରିତ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଲାଇଭ୍ ଯୋଗ କାର୍ଯ୍ୟକ୍ରମରେ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ । ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ମୁଖ୍ୟମନ୍ତ୍ରୀ ନିଜେ ଷ୍ଟାଡିୟମରେ ଉପସ୍ଥିତ ସମସ୍ତ ବରିଷ୍ଠ ଅଧିକାରୀ, ଛାତ୍ରଛାତ୍ରୀ ଏବଂ ଯୋଗ ପ୍ରେମୀମାନଙ୍କ ଗହଣରେ ବସି ସାମୂହିକ ଭାବେ ପ୍ରତ୍ୟକ୍ଷ ଯୋଗାଭ୍ୟାସ କରିଥିଲେ ।ଯୋଗ ମହୋତ୍ସବ ସମିତି ତରଫରୁ କାର୍ଯ୍ୟକ୍ରମକୁ ଶ୍ରୀଯୁକ୍ତ ଆଲୋକ ଦାସ ଏବଂ ସତ୍ୟ ଶୋଭନ ମିଶ୍ର ପରିଚାଳନା କରୁଥିଲେ ।

ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡିକେ ସିଂ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଭୂପିନ୍ଦର ସିଂ ପୁନିଆ ଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ, କ୍ରୀଡ଼ାବିତ୍, ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ନିଟ୍ ପୁନଃପରୀକ୍ଷା ସରିଲା

ନୂଆଦିଲ୍ଲୀ,୨୧।୬(ମହାଭାରତ): ଆଜି ଲକ୍ଷ ଲକ୍ଷ ଡାକ୍ତରୀ ଆଶାୟୀ ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ୍) ପୁନଃପରୀକ୍ଷା ପାଇଁ ହାଜର ହୋଇଥିଲେ। ଏହା କେବଳ ସେମାନଙ୍କ ପାଇଁ ନୁହେଁ ବରଂ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଏବଂ କେନ୍ଦ୍ର ପାଇଁ ମଧ୍ୟ ଏକ ପରୀକ୍ଷା ଥିଲା। ମେ ମାସରେ ପେପର ଲିକ୍ ହେବା ପରେ ବିଶ୍ୱାସ ପୁନଃନିର୍ମାଣ ପାଇଁ ସମସ୍ତ ପ୍ରତିବନ୍ଧକକୁ



ଏଡାଇବାକୁ ଚେଷ୍ଟା କରାଯାଇଛି। ଅପରାହ୍ଣ ୨ଟାରୁ ୫ଟା ୧୫ ପର୍ଯ୍ୟନ୍ତ ପୁନଃପରୀକ୍ଷା କରାଯାଇଥିଲା। ପ୍ରାୟ ୨୨ ଲକ୍ଷ ପରୀକ୍ଷାର୍ଥୀ ୫,୪୪୦ଟି କେନ୍ଦ୍ରରେ ପରୀକ୍ଷା

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଛାତ୍ରମାନଙ୍କୁ ସେମାନଙ୍କର ଆଡମିଟ୍ କାର୍ଡ, ଏକ ବୈଧ ଫଟୋ ପରିଚୟ ପତ୍ର ଏବଂ ଦୁଇଟି ପାସପୋର୍ଟ ଆକାରର ଫଟୋଗ୍ରାଫ୍ ସହିତ ସକାଳ ୧୧ଟାରୁ ଅପରାହ୍ଣ ୧ଟା ୩୦ ମଧ୍ୟରେ ସେମାନଙ୍କ କେନ୍ଦ୍ରରେ ରିପୋର୍ଟ କରିବାକୁ କୁହାଯାଇଥିଲା। ପ୍ରଶ୍ନପତ୍ରଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଭାରତୀୟ ବାୟୁସେନା ଦ୍ୱାରା ସେଗୁଡ଼ିକୁ ବିମାନ ଯୋଗେ ପରିବହନ କରାଯାଇଥିଲା। ପରୀକ୍ଷା ଦିନ ସବୁକିଛି ସୁରୁଖୁରୁରେ ଚାଲିବାକୁ ନିଶ୍ଚିତ କରିବାକୁ ଏନ୍‌ଟିଏ ମଧ୍ୟ ଶନିବାର ଦେଶବ୍ୟାପୀ ମକ୍ ଡ୍ରିଲ୍ କରିଥିଲା।

# ଧିମା ୪ଜି ସଂଯୋଗ ପାଇଁ ସରକାର ଉଦ୍‌ବିଗ୍ନ

ଭୁବନେଶ୍ୱର୨୧।୬(ମହାଭାରତ): : ମାଓ ପ୍ରବଣ ଇଲାକାରେ ୪ଜି ସଂଯୋଗ ଅତ୍ୟନ୍ତ ଧିମା ଚାଲୁଥିବା ଯୋଗୁଁ ସରକାରୀ ସ୍ତରରେ ଉଦବେଗପ୍ରକାଶ ପାଇଛି । ୨ଜି ଟାୱାରଗୁଡିକୁ ୪ଜିକୁ ଉନ୍ନୀତ କରାଯିବାପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବାରମ୍ବାର ଟେଲିଫୋନ୍ କମ୍ପାନୀଗୁଡିକୁ କୁହାଯାଉଥିଲେ ସୁଦ୍ଧା ଏ କ୍ଷେତ୍ରରେ ଅହେତୁକ ବିଳମ୍ବ ପରିଲକ୍ଷିତ ହେଉଛି ।

କେନ୍ଦ୍ର ସରକାର ମୋବାଇଲ୍ ସଂଯୋଗ ପାଇଁ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ ମାଓ ଉପଦ୍ରୁତ ଇଲାକା ଓ ଆକାଂକ୍ଷୀ ଜିଲ୍ଲାମାନଙ୍କରେ ଟେଲି ଯୋଗାଯୋଗ ବ୍ୟବସ୍ଥା ଦୁର୍ବଳ ରହିଛି । ବର୍ତ୍ତମାନ ଦେଶରେ ୫ଜି ର ପ୍ରବର୍ତ୍ତନ ହୋଇଥିବାବେଳେ ଦୁର୍ଗମ ଇଲାକାଗୁଡିକରେ ୨ଜି ଟାୱାର କାର୍ଯ୍ୟ କରୁଛି, ଯାହାଫଳରେ କି ଶତାଧିକ ଗ୍ରାମ ମୋବାଇଲ ସେବାରୁ ବଞ୍ଚିତ ହେଉଛନ୍ତି ।

ଅଗ୍ରାଧିକାର ଭିତ୍ତିରେ ମୋବାଇଲ ଟାୱାର ଲଗାଇବାପାଇଁ ରାଜ୍ୟ ସରକାର ବିଏସଏନଏଲ କର୍ତ୍ତୃପକ୍ଷଙ୍କ ଉପରେ ଚାପ ପକାଇବାପରେ ଟାୱାର ସିନା ପ୍ରତିଷ୍ଠା ହୋଇଯାଉଛି କିନ୍ତୁ ୨ଜି ରୁ ୪ଜିକୁ ଉନ୍ନୀତ କରିବାପାଇଁ ଯେଉଁ ଯୋଜନା ରହିଛି ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ । ମାଓପ୍ରବଣ ଇଲାକାରେ ୨୫୬ଟି ମୋବାଇଲ ଟାୱାର ବସାଯାଇଥିବାବେଳେ ମାତ୍ର ୬୪ଟି ଟାୱାରରେ ୪ଜି ସଂଯୋଗ କରାଯାଇଛି । ଅନ୍ୟ ସମସ୍ତ ଟାୱାର ୨ଜିରେ ଚାଲିଛି ।ଆମ ରାଜ୍ୟର ଟେଲି ସାନ୍ଦ୍ରତା ଜାତୀୟ ହାର ତୁଳନାରେ କମ୍ ରହୁଛି । ଜାତୀୟ ସ୍ତରରେ ଏହା ୮୫ ପ୍ରତିଶତ ଥିବାବେଳେ ଓଡିଶାରେ ୮୪ପ୍ରତିଶତ ବୋଲି କର୍ତ୍ତୃପକ୍ଷ କହୁଛନ୍ତି । କିନ୍ତୁ ପ୍ରକୃତ ପକ୍ଷେ ୪ଜି ଓ ୫ଜି ସାନ୍ଦ୍ରତାକୁ ହିସାବକୁ ନିଆଗଲେ ଓଡିଶା ବହୁ ପଛରେ ପଡିଛି ।

ବିଏସଏନଏଲ ଭଳି ରିଲାୟନ୍ସ ଜିଓ ମଧ୍ୟ ଏହି ଦାୟିତ୍ୱରେ ଥିବାବେଳେ ଜଙ୍ଗଲ ଇଲାକାରେ ସେମାନଙ୍କୁ ଟାୱାର ପ୍ରତିଷ୍ଠା ପାଇଁ ସୁରୁଖୁରୁରେ ଅନୁମତି ମିଳୁନଥିବା ଅଭିଯୋଗ ମିଳିଛି । ତେଣୁ ଏ ସଂକ୍ରାନ୍ତରେ ଉପୁଜିଥିବା ଅନ୍ତରାୟକୁ ଦୂର କରିବାପାଇଁ ରାଜ୍ୟ ସରକାରଙ୍କ ତରଫରୁ ପଦକ୍ଷେପ ନେବାକୁ ଟେଲିଯୋଗାଯୋଗ କର୍ତ୍ତୃପକ୍ଷ ପରାମର୍ଶ ଦେଇଛନ୍ତି ।

ଏ ସଂକ୍ରାନ୍ତରେ ଜିଲ୍ଲାପାଳମାନଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଜାରି କରି ଜିଲ୍ଲାସ୍ତରରେ ଯେଉଁସବୁ ଅନ୍ତରାୟ ଉପୁଜୁଛି ତାହା ଦୂର କରିବାପାଇଁ ପରାମର୍ଶଦେବା ସଂଗେ ସଂଗେ ଜଙ୍ଗଲ ଭିତରେ ଟାୱାର ପ୍ରତିଷ୍ଠାପାଇଁ ଅନୁମତି ଯେଭଳି ସୁରୁଖୁରୁରେ ମିଳିପାରିବ ସେଥିପାଇଁ କେନ୍ଦ୍ରୀୟ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ସହିତ ଯୋଗସୂତ୍ର ରକ୍ଷା କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।ଟେଲିଯୋଗାଯୋଗ ଭିତ୍ତିଭୂମି ଯେଭଳି ଦୁର୍ବଳ ସେଥିପାଇଁ ଦୁର୍ବଳ ସଡକ ବ୍ୟବସ୍ଥାକୁ ମଧ୍ୟ ଦାୟୀ କରାଯାଉଛି । କାରଣ ସଡକ ସୁବିଧା ନଥିବାରୁ ଟାୱାର ପ୍ରତିଷ୍ଠା କ୍ଷେତ୍ରରେ ଓ ଏହାକୁ ଉନ୍ନୀତ କରିବା ନିମନ୍ତେ ଅନ୍ତରାୟ ଉପୁଜୁଛି । ତେଣୁ ଦୁର୍ଗମ ଇଲାକାରେ ସଡକ ଯୋଗାଯୋଗକୁ ତ୍ୱରାନ୍ୱିତ କରିବା ସକାଶେ ସରକାର ପଦକ୍ଷେପ ଗ୍ରହଣ କରୁଥିବା ଜଣାଯାଇଛି । ସଡକ ପ୍ରତିଷ୍ଠା କ୍ଷେତ୍ରରେ ଡିଏମଏଫ୍ ଫଣ୍ଡ, କେବିକେ ଭିତ୍ତିଭୂମି ପାଣ୍ଠି ଓ ସେତୁ ପାଣ୍ଠିରୁ ତ୍ୱରାନ୍ୱିତ ଭାବେ ସଡକ ନିର୍ମାଣ କରାଯାଇ ଟେଲି ଯୋଗାଯୋଗ ପ୍ରକଳ୍ପଗୁଡିକୁର ୪ଜି ସଂଯୋଗୀକରଣ କ୍ଷେତ୍ରରେ ସହାୟକ ଭୂମିକା ଗ୍ରହଣ କରିବା ସକାଶେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଏ ।

# ଚିଙ୍ଗୁଡ଼ି କାରଖାନାରେ ଗ୍ୟାସ୍ ଲିକ୍ : ୭ ଶ୍ରମିକଙ୍କ ମୃତ୍ୟୁ

ଚେନ୍ନାଇ,୨୧।୬(ମହାଭାରତ): ତାମିଲନାଡୁର ତିରୁଭାଲୁର ଜିଲ୍ଲାରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜିଲ୍ଲାର ପେରିୟାପାଲାୟମ୍ ନିକଟରେ ଥିବା ଏକ ବେସରକାରୀ ସାମୁଦ୍ରିକ ଖାଦ୍ୟ (ସୀ-ଫୁଡ୍) ପ୍ରକ୍ରିୟାକରଣ କାରଖାନାରେ ହଠାତ୍ ଆମୋନିଆ ଗ୍ୟାସ୍ ଲିକ୍ ହେବା ଯୋଗୁଁ ୭ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଏହି ବିଷାକ୍ତ ଗ୍ୟାସ୍ ସଂସ୍ପର୍ଶରେ ଆସି ଶତାଧିକ ଶ୍ରମିକ ଅସୁସ୍ଥ ହୋଇ ପଡ଼ିଥିବା ବେଳେ ସେମାନଙ୍କୁ ଜରୁରୀକାଳୀନ ଚିକିତ୍ସା ପାଇଁ ନିକଟସ୍ଥ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ କାରଖାନାରେ ୩୦୦ରୁ ଅଧିକ ଶ୍ରମିକ କାମ କରୁଥିବା ବେଳେ ଦୁର୍ଘଟଣା ସମୟରେ ୧୦୦ ରୁ ଅଧିକ ଶ୍ରମିକ କାର୍ଯ୍ୟରତ ଥିଲେ। ଗ୍ୟାସ୍ ଲିକ୍ ହେବା ମାତ୍ରେ ସେଠାରେ ଶ୍ରମିକମାନେ ନିଶ୍ୱାସ ପ୍ରଶ୍ୱାସ ନେବାରେ ପ୍ରବଳ କଷ୍ଟ ଅନୁଭବ କରିଥିଲେ। ରିପୋର୍ଟ ଅନୁଯାୟୀ, ୭୦ ରୁ ଅଧିକ ଶ୍ରମିକ ଗୁରୁତର ଭାବେ ଶ୍ୱାସକ୍ରିୟା ଜନିତ ସମସ୍ୟାର ସମ୍ମୁଖୀନ ହୋଇଥିବା ବେଳେ କେତେକଙ୍କ ନାକ ଓ ପାଟିରୁ ରକ୍ତସ୍ରାବ ହୋଇ ସେମାନେ ଚେତାଶୂନ୍ୟ ହୋଇପଡ଼ିଥିଲେ ।ଖବର ପାଇ ପୋଲିସ ଓ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ଅସୁସ୍ଥ ଶ୍ରମିକମାନଙ୍କୁ ବେସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ୭ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଏହା ସହିତ ଅନ୍ୟ ୧୦ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଚେନ୍ନାଇର ଷ୍ଟାନଲେ ମେଡିକାଲ କଲେଜ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି। ତିରୁଭାଲୁର ଜିଲ୍ଲାପାଳ କବିତା କାରଖାନା ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବା ସହ ହସ୍ପିଟାଲରେ ଆହତମାନଙ୍କୁ ଭେଟି ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଛନ୍ତି। ପ୍ରଶାସନ ପକ୍ଷରୁ ଏହି ଗ୍ୟାସ୍ ଲିକର ପ୍ରକୃତ କାରଣ ଜାଣିବା ପାଇଁ ଏକ ବିଧିବଦ୍ଧ ତଦନ୍ତ ଆରମ୍ଭ କରାଯାଇଛି।



## ଦୁଇ ଓଡିଆ ମହିଳାଙ୍କ ମୃତ୍ୟୁ

ଚେନ୍ନାଇ: ତାମିଲନାଡୁର ତିରୁଭାଲୁର ଜିଲ୍ଲା ଜିଲ୍ଲାର ପେରିୟାପାଲାୟମ୍ ନିକଟରେ ଥିବା ଏକ ବେସରକାରୀ ସାମୁଦ୍ରିକ ଖାଦ୍ୟ (ସୀ-ଫୁଡ୍) ପ୍ରକ୍ରିୟାକରଣ କାରଖାନାରେ ଆମୋନିଆ ଗ୍ୟାସ୍ ଲିକ୍ ହେବା ଯୋଗୁଁ ୭ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମୃତକମାନଙ୍କ ମଧ୍ୟରେ ୨ଜଣ ଓଡିଆ ଥିବା ସୂଚନା ମିଳିଚି। ମୃତକମାନେ ହେଲେ ଜୁମଣି ଜୁଆଙ୍ଗ ଏବଂ ମାଳତୀ। ୬୦ରୁ ଅଧିକ ଶ୍ରମିକମାନଙ୍କର ଚିକିତ୍ସା ଜାରି ରହିଛି। ତେବେ ଗୁରୁତର ଆହତମାନଙ୍କ ମଧ୍ୟରେ କେତେ ଜଣ ଓଡିଆ ଶ୍ରମିକ ଅଛନ୍ତି, ସେନେଇ ଜଣାପଡି ନାହିଁ। ସ୍ଥାନୀୟ ପ୍ରଶାସନ ଗଣମାଧ୍ୟମକୁ ଏହି ସୂଚନା ଦେଇଛି। ଏହି ବିଷାକ୍ତ ଗ୍ୟାସ୍ ସଂସ୍ପର୍ଶରେ ଆସି ଶତାଧିକ ଶ୍ରମିକ ଅସୁସ୍ଥ ହୋଇ ପଡ଼ିଥିବା ବେଳେ ସେମାନଙ୍କୁ ଜରୁରୀକାଳୀନ ଚିକିତ୍ସା ପାଇଁ ନିକଟସ୍ଥ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତିକରାଯାଇଛି ।ତେବେ ଓଡିଶା ସରକାର ଏହି ଅଭାବନୀୟ ଘଟଣା ସଂପର୍କରେ ଅବଗତ ହୋଇଛନ୍ତି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିଜର ତାମିଲନାଡୁ ସମକକ୍ଷଙ୍କ ସହିତ କଥା ହୋଇଛନ୍ତି। ଏହା ପରେ ଓଡିଶାର ୩ଜଣ ଅଧିକାରୀଙ୍କୁ ତାମିଲନାଡୁ ପଠାଇଛନ୍ତି। ଏହି ଅଧିକାରୀମାନେ ଆସନ୍ତାକାଲି ଓଡିଶାର ମୃତାହତମାନଙ୍କୁ ଭେଟିବେ। ମୃତଦେହ ଆଣିବା ପାଇଁ ବ୍ୟବସ୍ଥା କରିବେ।

## ଇଲିସି ମାଛ ବାଟିବସା



ଆବଶ୍ୟକ ସାମଗ୍ରୀ: ଇଲିସି ମାଛ, ଲୁଣ, ହଳଦୀ, କଟା ପିଆଜ, କଟା କଞ୍ଚାଲଙ୍କା, ଧନିଅା। ପତ୍ର, କଟା ଟମାଟୋ, ଲଙ୍କା ଗୁଣ୍ଡ, ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଅା। ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଞ୍ଚା ଇଲିସି ମାଛକୁ ଭଲଭାବେ ଧୋଇ, ସେଥିରେ ଲୁଣ ଓ ହଳଦୀ ଗୋଳାଇ ରଖନ୍ତୁ। ଏହାପରେ ଇଲିସି ମାଛରେ କଟା ପିଆଜ, କଟା କଞ୍ଚାଲଙ୍କା, ଧନିଆ ପତ୍ର, କଟା ଟମାଟୋ ଓ ଲଙ୍କା ଗୁଣ୍ଡ ପକାନ୍ତୁ। ଏଥିସହ ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଆ ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ ଦେଇ ଭଲଭାବେ ମ୍ୟାରିନେଟ କରି ରଖିଦିଅନ୍ତୁ। ବର୍ତ୍ତମାନ ଗ୍ୟାସରେ ଏକ ପାତ୍ର ଗରମ କରି ସେଥିରେ ମ୍ୟାରିନେଟ୍ ହୋଇଥିବା ମାଛ ପକାନ୍ତୁ ଓ ଅଳ୍ପ ପାଣି ଦିଅନ୍ତୁ। ବର୍ତ୍ତମାନ ଘୋଡ଼ଣୀ ଘୋଡ଼ାଇ ମୁହଁକୁ ଅଟା ଦ୍ୱାରା ବନ୍ଦ କରିଦିଅନ୍ତୁ। ୧୫ ରୁ ୨୦ ମିନିଟ୍ ଭିତରେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ 'ଇଲିସି ମାଛ ବାଟିବସା'।


### ପରଦା ଖବର

## କକଟେଲ୍ ୨ କଲା ରେକର୍ଡ



ଶାହିଦ କପୁର, କୃତି ସାନନ ଏବଂ ରଶ୍ମିକା ମନ୍ଦନାଙ୍କ ରୋମାଣ୍ଟିକ ଡ୍ରାମା କକଟେଲ୍ ୨ ବର୍ଷର ସବୁଠାରୁ ପ୍ରତୀକ୍ଷିତ ଫିଲ୍ମ ମଧ୍ୟରୁ ଗୋଟିଏ ଥିଲା। ଏହାର ଗୀତ ଏବଂ ଟ୍ରେଲର ପୂର୍ବରୁ ଚର୍ଚ୍ଚା ସୃଷ୍ଟି କରିଥିଲା। ଜୁନ୍ ୧୯ ତାରିଖରେ ଏହା ଯେତେବେଳେ ସିନେମା ହଲରେ ରିଲିଜ ହୋଇଥିଲା ଏହାକୁ ଦର୍ଶକମାନେ ଖୁବ ପସନ୍ଦ କରିଛନ୍ତି ହୋମି ଆଦାଜାନିଆଙ୍କ ନିର୍ଦ୍ଦେଶିତ, ଏହି ଫିଲ୍ମଟି ଘରୋଇ ଏବଂ ବିଶ୍ୱ ସ୍ତରରେ ବକ୍ସ ଅଫିସରେ ଏକ ଦମଦାର ଓପନିଂ କରିଥିଲା। ର୍ନିମାତାମାନେ ଫିଲ୍ମର ଆନୁଷ୍ଠାନିକ ଆୟ ବି ସୋସିଆଲ ମିଡିଆରେ ସେୟାର କରିଛନ୍ତି। କକଟେଲ୍ ୨ ଭାରତରେ ଏକ ଦୃଢ଼ ଓପନିଂ କରିଥିଲା। ଶନିବାର, କକଟେଲ୍ ୨ର ପ୍ରଯୋଜକ ମ୍ୟାଡକ୍ ଫିଲ୍ମସ୍ ପକ୍ଷରୁ କୁହାଯାଇଛି ଯେ ମୁକ୍ତିଲାଭର ପ୍ରଥମ ଦିନରେ ଏହା ୧୪.୧ କୋଟି ଟଙ୍କା ରୋଜଗାର କରିଥିଲା, ଯାହାଦ୍ୱାରା ଏହାର ମୋଟ ସଂଗ୍ରହ ୧୬.୬୪ କୋଟିରେ ପହଂଚିଛି 'କକଟେଲ୍ ୨'ର ବିଶ୍ୱବ୍ୟାପୀ ଆୟ ସମ୍ପର୍କରେ, ର୍ନିମାତାମାନେ ଦାବି କରିଛନ୍ତି ଯେ ଫିଲ୍ମଟି ସାରା ବିଶ୍ୱରେ ମୁକ୍ତିଲାଭ କରିବାର ପ୍ରଥମ ଦିନରେ ପ୍ରାୟ ୨୪ କୋଟି ଟଙ୍କାରୁ ଅଧିକ ଆୟ କରିଛି।ରଣବୀର ସିଂହଙ୍କ 'ରକି ଔର ରାନୀ କି ପ୍ରେମ କାହାଣୀ' ବଲିଉଡ୍ ରୋମାଣ୍ଟିକ୍ କମେଡିରେ ୨୩ କୋଟି ଟଙ୍କା ସହିତ ସର୍ବାଧିକ ରେକର୍ଡ ଓପନିଂ କରିଥିଲା।

## ମଥାରେ ଓଢଣା ଦେଲେ ଦୂରେଇ ରହିଥାଏ ନକରାତ୍ମକ ଶକ୍ତି



ଦେଲେ ନକରାତ୍ମକ ଶକ୍ତି ଆପଣଙ୍କଠାରୁ ଦୂରେଇ ରହିଥାଏ। ବହୁବାର ଦେଖିବାକୁ ମିଳିଥାଏ ଯେ ଅଧିକାଂଶ ସମୟରେ ନାରୀମାନେ ନିଜର ଶାଢୀ ଅଥବା ଚୁନରୀକୁ ବ୍ୟବହାର କରି ମଥାରେ ଓଢଣା ଦେଇଥାଆନ୍ତି। ବିଶେଷ କରି ଭଗବାନଙ୍କୁ ପୂଜାର୍ଚ୍ଚନା କରିବା ସମୟରେ ମଥାରେ ଓଢଣୀ ଦେବା ନିତ୍ୟାନ୍ତ ଆବଶ୍ୟକ। ମଥାରେ ଓଢଣୀ ଦେବା ପରମ୍ପରା ବହୁ ପୁରାତନ କାଳରୁ ଚାଲି ଆସୁଛି।

ପୂଜାର୍ଚ୍ଚନା ସମୟରେ ମଥାରେ ଓଢଣା ଦେବା ଦ୍ୱାରା ସକରାତ୍ମକ ଶକ୍ତି ପ୍ରବେଶ କରିବା ସହ ଏକାଗ୍ରତା ବୃଦ୍ଧି ପାଇଥାଏ। ପୂଜା ସଫଳ ହେବା ସହ ଶୁଭ ଫଳ ପ୍ରାପ୍ତି ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି।

ମନ୍ଦିରକୁ ଗଲେ ସେଠାରେ ମଥାରେ ଓଢଣା ଦେଇ ଭଗବାନଙ୍କୁ ପୂଜାର୍ଚ୍ଚନା କଲେ ଆପଣ ପ୍ରଭୁଙ୍କୁ ଭକ୍ତିର ସହ ଆଦର, ସମ୍ମାନ ଦେଉଛନ୍ତି ବୋଲି କୁହାଯାଏ। ସେହିପରି ପରିବାରର ଗୁରୁଜନଙ୍କ ସମ୍ମୁଖରେ ଓଢଣା ଦେଲେ ତାଙ୍କୁ ସଠିକ ସମ୍ମାନ ଦେଉଛନ୍ତି ବୋଲି ମାନ୍ୟତା ରହିଛି। ମଥାରେ ଓଢଣା


## ଲୋକକଥାରେ ଶ୍ରୀଜଗନ୍ନାଥ



ରାଜା ଇନ୍ଦ୍ରଦ୍ୟୁମ୍ନ ଏହି ପବିତ୍ର ଦାରୁକୁ ନେଇ ମହାବେଦୀ ଉପରେ ସ୍ଥାପନ କଲେ। ସ୍ୱପ୍ନବାଣୀ ଅନୁସାରେ ଜଣେ ବୃଦ୍ଧ ବାର୍ଦ୍ଧକ୍ୟ(ଅନନ୍ତ ମହାରଣା) ଉପସ୍ଥିତ ହୋଇ ଏହି ଚତୁର୍ଦ୍ଧା ମୂର୍ତ୍ତି ନିର୍ମାଣର ଦାୟିତ୍ୱ ନେଲେ। ଏହି ଅନନ୍ତ ମହାରଣା ସ୍ୱୟଂ ବିଷ୍ଣୁ। ଗୋପନରେ ବିଗ୍ରହମାନ ନିର୍ମାଣର ୧୫ଦିନ ପରେ ଚତୁର୍ଦ୍ଧା ମୂର୍ତ୍ତି ଅର୍ଥାତ୍ ଶ୍ରୀବଳ ଭଦ୍ର, ମା' ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ସୁଦର୍ଶନ ପ୍ରକାଶମାନ ହେଲେ। କିନ୍ତୁ ଶିଳ୍ପୀ ଅନ୍ତର୍ଦ୍ଧାନ ହୋଇଗଲେ। ପୁନର୍ବାର ଦେବବାଣୀ ହେଲା- ଚତୁର୍ଦ୍ଧା ମୂର୍ତ୍ତିକୁ ପାଟବସ୍ତ୍ର ଦ୍ୱାରା ଆବୃତ୍ତ କରି ଚିତ୍ରକର ଦ୍ୱାରା ନିଜ ବର୍ଣ୍ଣରେ ଚିତ୍ରିତ କର। ଦୈବାଦେଶ ଅନୁଯାୟୀ ଇନ୍ଦ୍ରଦ୍ୟୁମ୍ନ ଅନ୍ୟ ରାଜାମାନଙ୍କ ସହାୟତାରେ ଏକ ଭବ୍ୟ ମନ୍ଦିର ନିର୍ମାଣ କଲେ ଓ ବିଗ୍ରହ ପ୍ରତିଷ୍ଠା କରାଇଲେ ବ୍ରହ୍ମାଙ୍କୁ ପୁରୋହିତ ଭାବରେ ନିମନ୍ତ୍ରଣ କରି। ଏଥିପାଇଁ ସେ ନାରଦଙ୍କ ସହ ବ୍ରହ୍ମଲୋକଙ୍କୁ ଯାତ୍ରା କଲେ। ବ୍ରହ୍ମାଙ୍କ ସାନ୍ନିଧ୍ୟରେ ଥିବାରୁ ଇନ୍ଦ୍ରଦ୍ୟୁମ୍ନ ଜରା ଓ ମୃତ୍ୟୁର ବଶୀଭୂତ ହୋଇନାହାନ୍ତି। କିନ୍ତୁ ମର୍ତ୍ତ୍ୟଲୋକରେ ବିଷ୍ଣୁଙ୍କର ଦାରୁ ମୂର୍ତ୍ତି ଓ ପ୍ରସାଦ ବିଦ୍ୟମାନ ରହିଛି। ବ୍ରହ୍ମା ନିର୍ଦ୍ଦେଶ ଦେଲେ ଯେ, ଶୀଘ୍ର ମର୍ତ୍ତ୍ୟ ଲୋକକୁ ଯାଇ ଦେବ ଓ ଦେବ ମନ୍ଦିରକୁ ସ୍ୱୀୟ ଆୟତକୁ ଆଣ ଓ ପ୍ରତିଷ୍ଠା ପାଇଁ ଆୟୋଜନ କର।

## ପାହାଡର ପାଦଦେଶରେ ବିଦ୍ୟମାନ ବାବା ଗୁପ୍ତେଶ୍ୱରଙ୍କ ପୀଠ

ପ୍ରାକୃତିକ ବୈଭବ ଓ ଐତିହରେ ଭରପୁର ବୌଦ୍ଧ ଜିଲ୍ଲା । ଜିଲ୍ଲାରେ ରହିଛି ଅନେକ କିମ୍ବଦନ୍ତୀ ଓ ପୁରାଣ କଥା ବହନ କରୁଥିବା ମନ୍ଦିର ଓ ପର୍ଯ୍ୟଟନସ୍ଥଳୀ ।ସେଥି ମଧ୍ୟରୁ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବା କଞ୍ଚାମାଳ ବ୍ଲକ୍ ଉମା ପଞ୍ଚାୟତ ଅନ୍ତର୍ଗତ ରେଘମୁଣ୍ଡା ସ୍ଥିତ ଦେଢ଼ସୁର ଭାଇବୋହୁ ଭୀମ ପାହାଡ ଅନ୍ୟତମ । ପ୍ରାୟ ଦୁଇ ଶହ ଫୁଟ୍ ଉଚ୍ଚତାରେ ରହିଚି ଦୁଇଟି ପଥର । ଶ୍ରାବଣ ମାସରେ ଏଠାରେ ଥିବା ଗୁପ୍ତେଶ୍ୱର ବାବାଙ୍କ ଶୈବପୀଠ ଦର୍ଶନ କରିବା ସହ ପାହାଡ ଚଢ଼ିବାର ମଜା ନେଇଛନ୍ତି ଭକ୍ତ ଓ ପର୍ଯ୍ୟଟକ। ପାହାଡ଼ର ପାଦଦେଶ ତଳେ ପୂଜା ପାଉଛନ୍ତି ଦେବ ଦେବ ମହାଦେବ ଗୁପ୍ତେଶ୍ୱର ।ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଉମା ପଞ୍ଚାୟତର ରେଘମୁଣ୍ଡା ସ୍ଥିତ ଭୀମ ପାହାଡର ପାଦଦେଶରେ ବିଦ୍ୟମାନ ବାବା ଗୁପ୍ତେଶ୍ୱରଙ୍କ ପୀଠ । କିମ୍ବଦନ୍ତୀ ଅନୁସାରେ ପଞ୍ଚୁ ପାଣ୍ଡବ ଅଜ୍ଞାତବାସରେ ଥିବା ବେଳେ ଗୁପ୍ତରେ ଏଠାରେ ଶିବ ଉପାସନା କରୁଥିଲେ । ସେଇଥିପାଇଁ ବାବାଙ୍କ ନାମ ଗୁପ୍ତେଶ୍ୱର । ଏହି ସ୍ଥାନରେ ପଞ୍ଚୁ ପାଣ୍ଡବ ରହୁଥିବାର ଅନେକ ଛାପ ଏବେ ମଧ ରହିଛି । ବର୍ଷର ବିଭିନ୍ନ ସମୟରେ



ଗୁପ୍ତେଶ୍ୱର ପୀଠରେ ଭକ୍ତଙ୍କ ସମାଗାମ ହୋଇଥାଏ । ପ୍ରଭୁଙ୍କ ସବୁଠାରୁ ବଡ଼ ଉତ୍ସବ ମହାଶିବରାତ୍ରୀ । ଶ୍ରାବଣ ମାସର ପ୍ରତି ସୋମବାରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ ।ଦୂର ଦୂରଦୂରାନ୍ତରରୁ ମାନସିକ ପୂରଣ ପାଇଁ ଆସନ୍ତି ଭକ୍ତ ଓ ଶ୍ରଦ୍ଧାଳୁମାନେ । ମହାଦେବଙ୍କୁ ପୂଜା କଲେ ପୁଣ୍ୟଫଳ ମିଳିଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ୪୧ ନମ୍ବର ରାଜ୍ୟ ସଡ଼କ ପଥରେ କଣ୍ଟାମାଳ- ବାଲିଗୁଡା ରାସ୍ତାର ଆମ୍ବଗାଁ ଛକରୁ ଆଠ କିଲୋମିଟର ପୂର୍ବ ଦିଗକୁ ଗଲେ ପଡେ ଗୁପ୍ତେଶ୍ୱର ପୀଠ । ଦେଢଶୁର ଭାଇବୋହୁ ପାହାଡ଼ ତଳେ ରହିଛି ଗୁପ୍ତେଶ୍ୱର ମହାଦେବଙ୍କ ମନ୍ଦିର ।ବର୍ଷର ବିଭିଓ ସମୟରେ ଭକ୍ତଙ୍କ ସମାଗାମ ହୋଇଥାଏ । ଅନ୍ୟ ସମୟ ଅପେକ୍ଷା ଶ୍ରାବଣ ମାସରେ ଏହି ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାକୁ ଜିଲ୍ଲା ତଥା ଜିଲ୍ଲା ବାହରର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ ।ଗୋଟିଏ ପଟେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ, ପାହାଡ଼ ଚଢିବାର ମଜା ନେବା ସହିତ ବାବା ଗୁପ୍ତେଶ୍ୱରଙ୍କ ନିକଟର ଜଳଲାଗି ସହ ଦର୍ଶନ କରିଥାନ୍ତି ଭକ୍ତ ଓ ଶ୍ରଦ୍ଧାଳୁମାନେ । ଦୁଇ ଶହ ଫୁଟ୍ ଉଚ୍ଚତାରେ ଥିବା ପାହାଡ ଉପରକୁ ଯିବା ପାଇଁ ବିପଦ ସଙ୍କୁଳ ଅବସ୍ଥାରେ ଯିବାକୁ ପଡ଼ିଥାଏ । ହେଲେ ଏଠାରେ ମହାଦେବଙ୍କ କୃପାରୁ କେବେ ବି କୌଣସି ଅଘଟଣ ଘଟି ନ ଥାଏ । ପ୍ରାକୃତିକ ଶୋଭାଜିତ ବିମଣ୍ଡିତ ଏହି ସ୍ଥାନକୁ ଯିଏ ବି ଯିବ ମହାଦେବଙ୍କ ଦର୍ଶନ କରିବା ସହ ଏହାର ସୋନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ ।

## ମୂଳା ଖାଇବାର ଫାଇଦା



ମୂଳା ଖାଇବାକୁ ଭଲ ଲାଗେ ବୋଲି ଅଧିକ ଲୋକ ଖାଆନ୍ତି। କିନ୍ତୁ ଏହାର ଅନେକ ସ୍ୱାସ୍ଥ୍ୟଗତ ଗୁଣ ରହିଛି। ମୂଳା ଖାଇବା ଦ୍ୱାରା ଅନେକ ରୋଗ ମଧ୍ୟ ଦୂର ହୋଇଥାଏ। ଥଣ୍ଡା ଦିନରେ ପ୍ରତିଦିନ ମୂଳା ଖାଇଲେ କଣ କଣ ଲାଭ ମିଳିଥାଏ ଜାଣନ୍ତୁ।

ପ୍ରତିରୋଧକ କ୍ଷମତା ବୃଦ୍ଧି କରିଥାଏ : ମୂଳାରେ ବହୁ ମାତ୍ରାରେ ଭିଟାମିନ-ସି ରହିଛି। ଯାହାଫଳରେ ଶୀତ ଦିନରେ ଥଣ୍ଡା କାଶରୁ ରକ୍ଷା ମିଳିଥାଏ। ମୂଳା ଶରୀରରେ ପ୍ରତିରୋଧକ କ୍ଷମତା ବୃଦ୍ଧି କରିଥାଏ। ଶରୀରରେ ଜ୍ୱଳନ ମଧ୍ୟ କମ କରିଥାଏ।

ରକ୍ତଚାପ ନିୟନ୍ତ୍ରଣ କରିଥାଏ : ମୂଳା ଶରୀରକୁ ପୋଟାସିୟମ ଯୋଗାଇଥାଏ ଯେଉଁଥିପାଇଁ ରକ୍ତଚାପ ନିୟନ୍ତ୍ରଣ ହୋଇଥାଏ। ଯଦି ହାଇପାରଟେନସନ ସମସ୍ୟା ଥାଏ ତାହେଲେ ମୂଳା ନିଶ୍ଚୟ ଖାଇବା ଉଚିତ। ଆୟୁର୍ବେଦ ଅନୁସାରେ ମୂଳା ରକ୍ତ ଉପରେ ଶୀତଳ ପ୍ରଭାବ ପକାଇଥାଏ।

ହୃଦୟ ରୋଗରୁ ରକ୍ଷା କରିଥାଏ: ମୂଳା ଏଂଥୋସାୟନିନର ଏକ ସ୍ରୋତ ଯାହା ଦ୍ୱାରା ହୃଦୟ ଭଲ ଭାବେ କାମ କରିଥାଏ। ପ୍ରତିଦିନ ମୂଳା ଖାଇଲେ ହୃଦୟ ରୋଗ ବିପଦ କମ ହୋଇଥାଏ। ମୂଳାରେ ଫୋଲିକ ଏସିଡ ଓ ଫ୍ଲେବୋନାୟଡ୍ସ ରହିଛି। ଯାହା ଅକ୍ସିଜେନ ମାତ୍ରା ବଢ଼ିଥାଏ ଓ ହୃଦୟ ରୋଗରୁ ରକ୍ଷା କରିଥାଏ।

ଫାଇବର ସ୍ରୋତ : ମୂଳାରେ ବହୁ ମାତ୍ରାରେ ଫାଇବର ରହିଛି। ମୂଳା ଖାଇବା ଦ୍ୱାରା ଶରୀରରେ ଫାଇବର ମାତ୍ରା କମିନଥାଏ। ଫାଇବର ମାତ୍ରା ଯୋଗୁଁ ପାଚନ ତନ୍ତ୍ର ଭଲ ଭାବେ କାମ କରିଥାଏ। ମୂଳା ଲିଭର ଓ ଗଲ ବ୍ଲାଡରକୁ ମଧ୍ୟ ସୁରକ୍ଷିତ ରଖିଥାଏ।

ରକ୍ତ ବାହକକୁ ମଜବୁତ କରିଥାଏ : ମୂଳାରେ କୋଲୋଜେନ ରହିଛି ଯାହା ମଣିଷ ଶରୀରରେ ରକ୍ତ ବାହକକୁ ମଜବୁତ କରିଥାଏ। ଯାହାଫଳରେ ଆଥେରୋସ୍କ୍ଲେରୋସିସ୍ ଭଳି ଗମ୍ଭୀର ରୋଗ ହେବାର ସମ୍ଭାବନା କମିଯାଇଥାଏ।

ମେଟାବୋଲିଜିମ୍ ବଢ଼ିଥାଏ : ମୂଳା ପାଚନ ତନ୍ତ୍ର ପାଇଁ ବହୁତ ଲାଭଦାୟକ। ତାଛଡା ଏସିଡ଼ିଟି, ମୋଟାପଣ, ଗ୍ୟାସ ସମୟ ଓ ବାନ୍ତି ଭଳି ସମସ୍ୟା ମଧ୍ୟ ଠିକ କରିବାରେ ସାହାଯ୍ୟ କରିଥାଏ।

ତ୍ୱଚା ପାଇଁ ଲାଭଦାୟକ : ସୁନ୍ଦର ଓ ମସୃଣ ତ୍ୱଚା ପାଇଁ ପ୍ରତିଦିନ ମୂଳା ଜୁସ ପିଇବା ଉଚିତ। ମୂଳାରେ ଭିଟାମିନ-ସି ଓ ଫସଫରସ ଥିବାରୁ ଏହା ତ୍ୱଚାର ରୁଖାପଣ ଦୂର କରିଥାଏ। କେଶରେ ଲଗାଇଲେ ଉପି ସମସ୍ୟା ମଧ୍ୟ ଦୂର ହୋଇଥାଏ ଓ କେଶ ମଜଭୁତ ହୋଇଥାଏ।

ପୋଷାକ ତତ୍ୱରେ ଭରପୁର: ନାଲି ମୂଳାରେ ଭରପୁର ମାତ୍ରାରେ ଭିଟାମିନ-ଏ, ଇ, ସି, କେ ଓ ୬, ରହିଛି। ଏଥିରେ ବହୁ ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ, ଫାଇବର, ଜିଙ୍କ, ପୋଟାସିୟମ୍, ଫସଫରସ୍, ମ୍ୟାଗ୍ନେସିୟମ୍, କ୍ୟାଲସିୟମ୍, ଆଇରନ୍ ଏବଂ ମାଙ୍ଗାନିଜ୍ ରହିଛି। ଏହିସବୁ ପୋଷାକ ତତ୍ୱ ଯୋଗୁଁ ଏହା ଶରୀରକୁ ସୁସ୍ଥ ରଖିଥାଏ।

# ସିପେଟ ଓ ସିଟିଟିସି ପରିଦର୍ଶନ କଲେ ରାଜ୍ୟପାଳ

**ଭୁବନେଶ୍ୱର,୨୧।୬ (ମହାଭାରତ):** ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଭୁବନେଶ୍ୱରସ୍ଥିତ ସେଂଟ୍ରାଲ ଇନଷ୍ଟିଟ୍ୟୁଟ ଅଫ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିପେଟ୍ ) ଏବଂ ସେଂଟ୍ରାଲ ଟୁଲ ରୁମ ଆଣ୍ଡ ଟ୍ରେନିଂ ସେଂଟର (ସିଟିଟିସି) ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍ୟୋଗୀ ମନୋଭାବର ବିକାଶ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ଗସ୍ତ ଅବସରରେ ରାଜ୍ୟପାଳ ଉଭୟ ଅନୁଷ୍ଠାନର ଅଧ୍ୟାପକ, ଅଧିକାରୀ ଓ ଛାତ୍ରଛାତ୍ରୀଙ୍କ ସହ ମତବିନିମୟ କରି ସେମାନଙ୍କୁ ନବସୃଜନ, ଦକ୍ଷତା ବିକାଶ ଏବଂ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ଅବଦାନ ରଖିବାକୁ ଉତ୍ସାହିତ କରିଥିଲେ। ରାଜ୍ୟପାଳ କହିଥିଲେ ଯେ, ଯୁବପିଢ଼ିଙ୍କୁ ଚାକିରି ଖୋଜୁଥିବା ବ୍ୟକ୍ତି ନୁହେଁ, ବରଂ ଚାକିରି ସୃଷ୍ଟିକାରୀ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ଆବଶ୍ୟକ। ଏଥିପାଇଁ ବିଭିନ୍ନ ଉତ୍ପାଦକୁ ନେଇ ସ୍ୱତନ୍ତ୍ର ପ୍ରକଳ୍ପ ପ୍ରୋଫାଇଲ୍ ପ୍ରସ୍ତୁତ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକର ସୂଚନା ସେଥିରେ ସାମିଲ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏହା ଦ୍ୱାରା ଆଗ୍ରହୀ ଉଦ୍ୟୋଗୀମାନେ ନିଜସ୍ୱ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉପଲବ୍ଧ ଆର୍ଥିକ ଓ ବୈଷୟିକ ସହାୟତା ସମ୍ପର୍କରେ ସଚେତନ ହୋଇପାରିବେ ଏବଂ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ଉତ୍ସାହ ବୃଦ୍ଧି ପାଇବ।



ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟପାଳ ଉଭୟ ଅନୁଷ୍ଠାନରେ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ବୈଦ୍ୟୁତିକ ଯାନ (ଇଭି) ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏବଂ ପର୍ଯ୍ୟାୟକ୍ରମେ ପେଟ୍ରୋଲ ଓ ଡିଜେଲ ଚାଳିତ ଯାନ ଉପରେ ନିର୍ଭରଶୀଳତା କମାଇବାକୁ ଆହ୍ୱାନ ଜଣାଇଥିଲେ। ନବୀକରଣଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ପାଇଁ କ୍ୟାମ୍ପସ ପରିସରରେ ସୌର ପ୍ୟାନେଲ ସ୍ଥାପନ କରିବା ଉପରେ ମଧ୍ୟ ରାଜ୍ୟପାଳ ଗୁରୁତ୍ୱ ଦେଇଥିଲେ। ଜନକଲ୍ୟାଣମୂଳକ ପଦକ୍ଷେପର ଗୁରୁତ୍ୱ ଉପରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ବିକାଶମୂଳକ ଓ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ଏହା ଦ୍ୱାରା ସେମାନେ ଯୋଜନାଗୁଡ଼ିକର ସୁଫଳ ପାଇବା ସହ ରାଷ୍ଟ୍ର ଗଠନରେ ଅଧିକ ଫଳପ୍ରଦ ଭୂମିକା ନିର୍ବାହ କରିପାରିବେ। ସିଆଇପିଇଟିରେ ରାଜ୍ୟପାଳଙ୍କୁ ପ୍ରିନ୍ସିପାଲ ଡାଇରେକ୍ଟର ଏବଂ ହେଡ୍ ପ୍ରମୋଦ କୁମାର ସାହୁ ସ୍ୱାଗତ କରିଥିଲେ। ସଂସ୍ଥାର ଶିକ୍ଷା, ଦକ୍ଷତା ବିକାଶ, ଗବେଷଣା କାର୍ଯ୍ୟକ୍ରମ ଓ ଶିଳ୍ପ କ୍ଷେତ୍ରକୁ ମିଳୁଥିବା ସହାୟତା ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ରାଜ୍ୟପାଳ ବିଭିନ୍ନ ପରୀକ୍ଷାଗାର ପରିଦର୍ଶନ କରି ଅଧ୍ୟାପକ ଓ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଚାଲିଥିବା ଗବେଷଣା ଓ ପରୀକ୍ଷଣ କାର୍ଯ୍ୟକଳାପ ସମ୍ପର୍କରେ ରାଜ୍ୟପାଳ ଅବଗତ ହେବା ସହ ସମାଜର ଆବଶ୍ୟକତା ପୂରଣ କରୁଥିବା ଉତ୍ପାଦ ଓ ପ୍ରଯୁକ୍ତିର ବିକାଶ ପାଇଁ ସଂସ୍ଥାର ପ୍ରୟାସକୁ ପ୍ରଶଂସା କରିଥିଲେ। ସିଟିଟିସିରେ ରାଜ୍ୟପାଳଙ୍କୁ ଇନ୍-ଚାର୍ଜ ଜେନେରାଲ ମ୍ୟାନେଜର ଡ. କେ. ଏମ. ରାଜନ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ। ପ୍ରଶିକ୍ଷଣ, ଉତ୍ପାଦନ, ପରାମର୍ଶ ଏବଂ ପ୍ରଯୁକ୍ତି ବିକାଶ କ୍ଷେତ୍ରରେ ଅନୁଷ୍ଠାନର କାର୍ଯ୍ୟକଳାପ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା। ରାଜ୍ୟପାଳ ବିଭିନ୍ନ ପରୀକ୍ଷାଗାର ଓ ୱର୍କସପ ପରିଦର୍ଶନ କରି ଦକ୍ଷତା ବିକାଶ ଏବଂ ଆଞ୍ଚଳିକ ଶିଳ୍ପ ବିକାଶ କ୍ଷେତ୍ରରେ ସିଟିଟିସିର ଉଲ୍ଲେଖନୀୟ ଅବଦାନକୁ ପ୍ରଶଂସା କରିଥିଲେ।

# ଡାକ୍ତର ସ୍ୱରୂପ ପଟ୍ଟନାୟକଙ୍କୁ ସେବା ରତ୍ନ ସମ୍ମାନ

**ଭୁବନେଶ୍ୱର,୨୧।୬ (ମହାଭାରତ):** ରଜ ଉପଲକ୍ଷେ ଜୟ ମାଆ ଭବାନୀ ଟ୍ରଷ୍ଟ ପକ୍ଷରୁ ନବମ ବାର୍ଷିକ ସେବା ରତ୍ନ ସମ୍ମାନ ଅନୁଷ୍ଠିତ ହୋଇଯାଇଥିବାବେଳେ ବିଶିଷ୍ଟ ଚିକିତ୍ସକ ଡାକ୍ତର ସ୍ୱରୂପ ପଟ୍ଟନାୟକଙ୍କୁ ୨୦୨୬ର ପ୍ରଥମ ସେବା ରତ୍ନ ସମ୍ମାନ ପ୍ରଦାନ କରାଯାଇଛି।



ଜୟଦେବ ବିହାରସ୍ଥିତ ଓଡିଶୀ ରିସର୍ଚ୍ଚ ସେଂଟର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଅଦ୍ୱୈତ୍ୟ ଗଡ଼ନାୟକ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଡାକ୍ତର ସତ୍ୟନାରାୟଣ ରାଉତରାୟ ଓ ବିଶିଷ୍ଟ ଅତିଥି ଭାବେ ବିଜେପି ଯୁବ ମୋର୍ଚ୍ଚା ସଭାପତି ଶ୍ରୀ ଅଭିଳାଷ ପଣ୍ଡା ଯୋଗଦେଇ ଡାକ୍ତର ପଟ୍ଟନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି ଅବସରରେ ମହାପ୍ରଭୁଙ୍କ ପୂଜା ପଣ୍ଡା ସେବାୟତ ରାମନାରାୟଣ ପୂଜାପଣ୍ଡା, ନିଶିକାନ୍ତ ମିଶ୍ର ଓ ସଂସ୍କୃତି ଗବେଷକ ବନୋଜ ରାୟଙ୍କୁ ଉତ୍କଳ ଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିବାବେଳେ ଡାକ୍ତର ଶୁଭମ୍ ମହାନ୍ତି, ଡାକ୍ତର ମନୋଜ ସାହୁ, ଡାକ୍ତର ପ୍ରିୟବ୍ରତ ରଥ, ମାମିନା ମହାନ୍ତି, ଯୁବ ଉଦ୍ୟୋଗୀ ଅମ୍ବିକା ପ୍ରସାଦ, ସମାଜ ସେବୀ ଅନାମ ସାହୁ, ପ୍ରଶାସନିକ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ, ଜ୍ୟୋତିର୍ବିଦ ବିଭୂଦାନନ୍ଦ ଶତପଥୀ, ରଶ୍ମି ପରିଡା, ଧୀର ମଲ୍ଲିକ ଓ କଣ୍ଠ ଶିଳ୍ପୀ ଶଶାଙ୍କ ଶେଖରଙ୍କୁ ସେବାରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅନୁଷ୍ଠାନର ସଂପାଦକ ନାରାୟଣ ମହାପାତ୍ର ମଂଚରେ ଉପସ୍ଥିତ ଥିଲେ।

# ଆଜି ବାମପନ୍ଥୀ ଦଳର ରାଜ୍ୟବ୍ୟାପୀ ପ୍ରତିବାଦ

**ଭୁବନେଶ୍ୱର,୨୧।୬ (ମହାଭାରତ):** ଗତ ସପ୍ତାହରେ ଭାରତୀୟ ଜାହାଜ ହର୍ମୁଜ ପ୍ରଣାଳୀ ନିକଟରେ ଥିବାବେଳେ ଆମେରିକୀୟ ସେନାବାହିନୀ ଭାରତୀୟ ଜାହାଜ ଉପରେ ଆକ୍ରମଣ କରି ଭାରତର ୩ଜଣ ନାବିକଙ୍କୁ ହତ୍ୟା କରିଥିବା ଘଟଣାକୁ ଓଡ଼ିଶାର ପ୍ରମୁଖ ବାମପନ୍ଥୀ ଦଳ: ସିପିଆଇ, ସିପିଆଇ (ଏମ୍), ସିପିଆଇ(ଏମ୍ଏଲ) ଲିବରେସନ ଏବଂ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରେ ଏକ ବୈଠକରେ ଦୃଢ଼ ନିନ୍ଦା କରିବା ସହ ରାଜ୍ୟ ବ୍ୟାପୀ ଏହାର ପ୍ରତିବାଦ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱରଠାରେ ୨୨ ଜୁନ୍‌ରେ ଏହି ମିଳିତ ପ୍ରତିବାଦ ପାଇଁ ନିଷ୍ପତି ହୋଇଛି।

ଇରାନ ଓ ପଶ୍ଚିମ ଏସିଆ ଉପରେ ଆମେରିକାର ଆକ୍ରମଣ ବିଶ୍ୱ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଛି। ଏହା ଫଳରେ ଇନ୍ଧନ-ଶକ୍ତି ସମ୍ପଦର ମୂଲ୍ୟ ବୃଦ୍ଧି, ସାର ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଦେଖାଦେଇଛି। ଦକ୍ଷିଣ ଗୋଲାର୍ଦ୍ଧର ଏକ ଗୁରୁତ୍ୱପୂର୍ଣ୍ଣ ଦେଶ ଭାବରେ ଭାରତ ଆମେରିକୀୟ ସାମ୍ରାଜ୍ୟବାଦୀ ଆକ୍ରମଣକୁ ନିନ୍ଦା କରିବା ଉଚିତ। ଆମେରିକା ବିରୋଧରେ ଦକ୍ଷିଣ ଗୋଲାର୍ଦ୍ଧର ସ୍ୱରକୁ ନେତୃତ୍ୱ ଦେବା ପାଇଁ ଭାରତ ଆଗକୁ ଆସିବା ଆବଶ୍ୟକ। ନିହତ ନାବିକମାନଙ୍କ ପରିବାରକୁ ଯଥୋଚିତ କ୍ଷତିପୂରଣ ପ୍ରଦାନ କରାଇବା ସୁନିଶ୍ଚିତ କରିବା ପାଇଁ ଆମେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଜଣାଉଛୁ। ଆମେ ଦେଶବାସୀଙ୍କୁ ଆମେରିକୀୟ ଆକ୍ରମଣ ବିରୋଧରେ ପ୍ରତିବାଦ କରିବା ଏବଂ ଭାରତୀୟ ନାବିକମାନଙ୍କ ହତ୍ୟାକୁ ନିନ୍ଦା କରିବା ପାଇଁ ଆହ୍ୱାନ ଜଣାଉଛୁ। ଆମର ସମସ୍ତ ଜିଲ୍ଲା ସ୍ତରରେ ସାରା ରାଜ୍ୟରେ ଆମେରିକା ବିରୋଧରେ ପ୍ରତିବାଦ ପ୍ରଦର୍ଶନ କରାଯିବ ଏବଂ ଏହି ହତ୍ୟା ପାଇଁ ଦାୟୀ ଆମେରିକୀୟ ଅଧିକାରୀମାନଙ୍କୁ ଦଣ୍ଡିତ କରିବା ନିମନ୍ତେ ଭାରତ ସରକାର ସମସ୍ତ କୂଟନୈତିକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିବେ। ବୈଠକରେ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ସହସମ୍ପାଦକ ଜୟନ୍ତ ଦାସ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଓ ପ୍ରଦୀପ୍ତ ନାୟକ, ସିପିଆଇ (ଏମଏଲ) ନେତା ମହେନ୍ଦ୍ର ପରିଡ଼ା, ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ଯୋଗ ଦେଇଥିଲେ।

# କିସ୍ ଓ କିଟ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସେକସପିଅର ନାଟକ ମଞ୍ଚସ୍ଥ

**ଭୁବନେଶ୍ୱର,୨୧।୬ (ମହାଭାରତ):** ବିଶ୍ୱ ରଙ୍ଗମଞ୍ଚରେ ସେକସପିଅର ନାଟକ ପରିବେଷଣ କରି କିସ୍ ଓ କିଟ୍ ଛାତ୍ରଛାତ୍ରୀମାନେ ଇତିହାସ ରଚିବା ପରେ ଏହି ଜନଜାତି ଛାତ୍ରଛାତ୍ରୀମାନେ ଓଡ଼ିଶା ମାଟିରେ ନିଜର ଅପୂର୍ବ କଳା ପ୍ରଦର୍ଶନ କରିଛନ୍ତି। ବିଦେଶ ମାଟିରେ ଚମତ୍କାର ପ୍ରଦର୍ଶନ ପରେ ବୁଧବାର ଭୁବନେଶ୍ୱରରେ ସେମାନେ ସେକସପିଅର ନାଟକ ପରିବେଷଣ କରି ବେଶ ପ୍ରଶଂସିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କିଟ୍ ଓ କିସ୍‌ର ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ନିରଞ୍ଜନ ବିଶି, କଟକ ମେୟର ସୁବାସ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାଶ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ଅଶୋକ କୁମାର ପରିଜା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

ସୂଚନାଯୋଗ୍ୟ, ବିଦେଶରେ ପ୍ରଥମ ଥର ପାଇଁ ଯେ କିସ୍ ଛାତ୍ରଛାତ୍ରୀମାନେ ସାନ୍ତାଳୀ ଭାଷାରେ ନାଟକ ପରିବେଷଣ କରି ଇତିହାସ ସୃଷ୍ଟି କରିଛନ୍ତି। ରୋମାନିଆରେ ଆୟୋଜିତ ବିଶ୍ୱ ସେକସପିୟର ନାଟ୍ୟ ମହୋତ୍ସବରେ ବିଶ୍ୱର ୪୫ ଟି ଦେଶର ୭୧ଟି ବିଶ୍ୱବିଦ୍ୟାଳୟରୁ ୩ହଜାର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କିସ୍ ଛାତ୍ରଛାତ୍ରୀମାନେ ଓଡ଼ିଶା ଜନଜାତି ସାନ୍ତାଳି ଭାଷାରେ ବିଖ୍ୟାତ ନାଟ୍ୟକାର ସେକସପିଅରଙ୍କ ରୋମିଓ ଆଣ୍ଡ ଜୁଲିଏଟ୍, ହାମଲେଟ ଓ ମାକବେଥ ଆଦି ନାଟକ ରୋମାନିଆର ବିଭିନ୍ନ ସହରରେ ପରିବେଷଣ କରି ଆନ୍ତର୍ଜାତିକ ଖ୍ୟାତି ଅର୍ଜନ କରିଛନ୍ତି। ବିଦେଶରୁ ଫେରିବା ପରେ ନୂଆଦିଲ୍ଲୀରେ ସେମାନେ ଆଉଥରେ ସାନ୍ତାଳି ଭାଷାରେ ସେକସପିଅର ନାଟକ ପରିବେଷଣ କରିଥିଲେ। ରୋମାନିଆ ଦୂତାବାସ ଓ କିସ୍-କିଟ୍ ମିଳିତ ଆନୁକୂଲ୍ୟରେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଦେଶର ରାଷ୍ଟ୍ରଦୂତ, ହାଇକମିଶନର ଓ ଦିଲ୍ଲୀର ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ କିସ୍ ଛାତ୍ରଛାତ୍ରୀମାନେ ସାନ୍ତାଳି ଭାଷାରେ ଏହି ନାଟକ ପରିବେଷଣ କରି ବେଶ୍ ପ୍ରଶଂସିତ ହୋଇଥିଲେ। ଶେଷରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଦେବାନୁଜ ମଜୁମଦାର ହାମଲେଟ୍ ନାଟକର ନିର୍ଦ୍ଦେଶନା ଦେଇଥିବା ବେଳେ ଏଥିରେ ହାମଲେଟ୍ ଭୂମିକାରେ ଦେବାନୁଜ ମଜୁମଦାର, ଓଫେଲିଆ ଭୂମିକାରେ ଆଦ୍ରିକା ସିଞ୍ଜିନି, ହାମଲେଟ୍‌ଙ୍କ ମାତା ଗର୍ଟରୁଡ୍ ଭୂମିକାରେ କମଳିକା ବାଗ୍, ହାମଲେଟ୍‌ଙ୍କ ପିତା କିଙ୍ଗ ହାମଲେଟ୍ ଭୂମିକାରେ ବିଶ୍ୱରୂପ ଦତ୍ତ, ହାମଲେଟ୍‌ଙ୍କ ମାମୁଁ କ୍ଲାଉଡିୟସ୍ ଭୂମିକାରେ ସୁଜତ୍ରା ମୁଖାର୍ଜୀ ଏବଂ ଓଫେଲିଆଙ୍କ ପିତା ଭୂମିକାରେ ଦିଲୀପ ଶ୍ରମୁଟିକା ଅଭିନୟ କରିଥିଲେ। ମାକବେଥ ନାଟକକୁ ଆଦ୍ରିକା ସିଞ୍ଜିନି ନିର୍ଦ୍ଦେଶନା ଦେଇଥିବା ବେଳେ ଏଥିରେ ଡାହାଣୀ ଭୂମିକାରେ ଉର୍ମିଳା ମୁର୍ମୁ, ଲୋପାମୁଦ୍ରା କାନ୍ତି, ମିନିମନତି ଝୋଡିଆ, ରଶ୍ମିତା ତାମର୍ବୀ, ବିଷ୍ଣୁପ୍ରିୟା ନାୟକ ପ୍ରମୁଖ ଅଭିନୟ କରିଥିଲେ। ଲେଡି ମ୍ୟାକବେଥ ଭୂମିକାରେ ସ୍ମୃତି ଦାସ, ମାକବେଥ ଭୂମିକାରେ ପ୍ରିୟାଂଶୁ କୁମାର, ବାନକୋ ଭୂମିକାରେ ଦେବାନୁଜ ମଜୁମଦାର ଓ ଲେଡି ମାକବେଥ ରିଫ୍ଲେକ୍ସନ୍ ରେ କମଲ ମିଶ୍ର ଅଭିନୟ କରିଥିଲେ। ସେହିପରି ରୋମିଓ ଏବଂ ଜୁଲିଏଟ୍ ନାଟକକୁ କମଳିକା ବାଗ୍ ନିର୍ଦ୍ଦେଶନା ଦେଇଥିଲେ।



# ଶିକ୍ଷକ ନିଯୁକ୍ତିକୁ ନେଇ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ କଥାରେ ତାଳମେଳ ରହୁନାହିଁ

**ଭୁବନେଶ୍ୱର,୨୧।୬ (ମହାଭାରତ):** ଗତ ୨ ବର୍ଷରେ ୩୬ ହଜାର ଶିକ୍ଷକ ନିଯୁକ୍ତି ହୋଇଥିବା ନେଇ ବିଜେପିର ଦାବି ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ ।ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏକ ବିବୃତିରେ କହିଛନ୍ତି ଯେ, ବିଜେପି ସରକାର ଗତ ଦୁଇ ବର୍ଷରେ ୩୬,୦୦୦ ଶିକ୍ଷକ ନିଯୁକ୍ତି ଦେଇଛନ୍ତି ଏବଂ ଚଳିତ ବର୍ଷ ଆଉ ୧୮,୦୦୦ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ।ଆଇନ ମନ୍ତ୍ରୀ ଦେଇଥିବା ବିବୃତି ସମ୍ପୂର୍ଣ୍ଣ ମିଥ୍ୟା, କେବଳ ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବାକୁ ସେ ଶିକ୍ଷକ ନିଯୁକ୍ତି ନେଇ ଦାବି ଉପସ୍ଥାପନା କରୁଛନ୍ତି । ବିଧାନସଭାରେ ବିଧାୟକ ଡ଼ ଅରୁଣ କୁମାର ସାହୁଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ସରକାର ରାଜ୍ୟରେ ମୋଟ ବିଭିନ୍ନ ବିଭାଗରେ ୩୯,୫୦୫ କର୍ମଚାରୀ ନିଯୁକ୍ତି କରିଛନ୍ତି । ତେବେ ସରକାର କେମିତି ୩୬ ହଜାର ଶିକ୍ଷକ ନିଯୁକ୍ତି ନେଇ ଆଇନ ମନ୍ତ୍ରୀ ଦାବି କରୁଛନ୍ତି ବୋଲି ଡ଼ ମହାନ୍ତି ପ୍ରଶ୍ନ କରିଥିଲେ ।



ପୂର୍ବ ବିଜେଡି ସରକାର ସମୟରେ ୧୦.୦୯.୨୦୨୩ ତାରିଖରେ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ୧୬,୦୦୯ ଜଣ ଶିକ୍ଷକ ନିଯୁକ୍ତି ନେଇ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଥିଲା ବୋଲି ମୁଖ୍ୟମନ୍ତ୍ରୀ ବିଧାନସଭାରେ ସ୍ୱୀକାର କରିଥିଲେ । କିନ୍ତୁ ବିଜେପି କ୍ଷମତାକୁ ଆସିଲା ପରେ କେବଳ ନିଯୁକ୍ତି ପତ୍ର ବାଣ୍ଟି ସରକାର ଏହା ନିଜର ସଫଳତା ବୋଲି ଦାବି କରୁଛନ୍ତି ।ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟକୁ ଆଇନ ମନ୍ତ୍ରୀ ଗ୍ରହଣ ନ କରି ନିଜକୁ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଉର୍ଦ୍ଧ୍ୱରେ ରହିଥିବା ଦର୍ଶାଇ ତାଙ୍କ ଉତ୍ତରକୁ କାଉଣ୍ଟର କରୁନାହାନ୍ତି ତ? ୨୦୨୪ ସାଧାରଣ ନିର୍ବାଚନରେ ୧.୫ ଲକ୍ଷ ଖାଲି ଥିବା ସରକାରୀ ପଦବୀ ପୂରଣ ନେଇ ବିଜେପି ପ୍ରତିଶ୍ରୁତି ଦେଇଥିଲା ।କ୍ଷମତାକୁ ଆସିବାର ୨ ବର୍ଷ ବିତିଯାଇଥିଲେ ମଧ ବିଜେପିର ପ୍ରତିଶ୍ରୁତି ପାଣିର ଗାର ହୋଇଛି । ସ୍ୱଚ୍ଛତା ଓ ନ୍ୟାୟସଙ୍ଗତ ଭାବେ ନିଯୁକ୍ତି ଦେବାକୁ ଦାବି କରୁଥିବା ବିଜେପି ସରକାରରେ ଗତ ୨ ବର୍ଷରେ ୨୩ଟି ପରୀକ୍ଷାରେ ବିଭ୍ରାଟ ଘଟି ପରୀକ୍ଷା ବାତିଲ ହୋଇଛି, ଯାହା ଓଡ଼ିଶାର ଶିକ୍ଷିତ ବେକାରୀ ଯୁବକ ଓ ଯୁବତୀ ମାନଙ୍କ ବିଶ୍ୱାସ ପ୍ରତି କୁଠାରଘାତ କରିଛି । ସରକାର ମେଧାବୀ ଯୁବକ ଯୁବତୀ ମାନଙ୍କ ପାଇଁ ସ୍ୱଚ୍ଛତାର ସହ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଖାଲିଥିବା ସରକାରୀ ପଦବୀ ତୁରନ୍ତ ପୂରଣ କରନ୍ତୁ । ଡ଼ ମହାନ୍ତି ଆହୁରି କହିଥିଲେ ଯେ, ଓଡ଼ିଆ ଅସ୍ମିତାର କଥା କହି ସରକାରକୁ ଆସିଥିବା ବିଜେପି ଓଡ଼ିଶାର ଭବିଷ୍ୟତକୁ ନଷ୍ଟ କରିବା ପାଇଁ ସୁଚିନ୍ତିତ ଯୋଜନାରେ ସଫଳ ହୋଇଛି । ସରକାରୀ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ପାଠ୍ୟପୁସ୍ତକରେ ୧୭୬୦ଟି ଭୁଲ୍ ଥିବା ପୁସ୍ତକ ବଣ୍ଟନ କରାଯାଇଛି । ତ୍ରୁଟିପୂର୍ଣ୍ଣ ପୁସ୍ତକ ସରକାରଙ୍କ ନଜରକୁ ଆସିବା ପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଗତକାଲି ଜରୁରୀ ବୈଠକ ଡାକି ଘୋଷଣା କରିଥିଲେ, ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ୭ ଦିନ ଭିତରେ ଦୋଷୀ ମାନଙ୍କୁ ଦଣ୍ଡ ଦିଆଯିବ । ମାତ୍ର ଆଜି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏସ୍ସିଇଆରଟି ଡାଇରେକ୍ଟରଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବେଖାତିର କରି ଗଣମାଧ୍ୟମରେ କହିଛନ୍ତି ଯେ, ତ୍ରୁଟିପୂର୍ଣ୍ଣ ପୁସ୍ତକକୁ ପରିବର୍ତ୍ତନ କରାଯିବ ନାହିଁ ।

# ବିଶ୍ୱର ଶ୍ରେଷ୍ଠ ୫% ବୈଜ୍ଞାନିକଙ୍କ ତାଲିକାରେ କିଟ୍‌ର ୪୫ ପ୍ରଫେସର

**ଭୁବନେଶ୍ୱର,୨୧।୬ (ମହାଭାରତ):** ଗବେଷଣା ଓ ବିଜ୍ଞାନ ପ୍ରତି ଅବଦାନ ଆଧାରରେ ୨୦୨୫ ପାଇଁ ସାଇ-ର୍ୟାଙ୍କ ଗ୍ଲୋବାଲ ରେଜିଷ୍ଟ୍ରି ଦ୍ୱାରା ପ୍ରକାଶିତ ସମ୍ମାନଜନକ 'ଗ୍ଲୋବାଲ୍ ସାଇଣ୍ଟିଷ୍ଟ୍ ଇଣ୍ଡେକ୍ସ'ର ବିଶ୍ୱର ଶ୍ରେଷ୍ଠ ୫ ପ୍ରତିଶତ ବୈଜ୍ଞାନିକ ତାଲିକାରେ କିଟ୍ ବିଶ୍ୱବିଦ୍ୟାଳୟର ୪୫ଜଣ ପ୍ରଫେସର ସ୍ଥାନ ପାଇଛନ୍ତି। 'ସାଇରାଙ୍କ ଗ୍ଲୋବାଲ୍ ରେଜିଷ୍ଟ୍ରି' ହେଉଛି ଏକ ସ୍ୱାଧୀନ ଏବଂ ସ୍ୱଚ୍ଛ ଗ୍ଲୋବାଲ୍ ବେଞ୍ଚମାର୍କିଂ ପ୍ଲାଟଫର୍ମ। ଏହା ବାଇବ୍ଲିଓମେଟ୍ରିକ୍ ବିଶ୍ଳେଷଣ ମାଧ୍ୟମରେ କେବଳ ଯୋଗ୍ୟତା ଆଧାରରେ ଗବେଷକମାନଙ୍କ ମୂଲ୍ୟାଙ୍କନ କରେ। ୨୦୨୫ ସୂଚକାଙ୍କ ବିଶ୍ୱବ୍ୟାପୀ ୧୦ ନିୟୁତରୁ ଅଧିକ ସକ୍ରିୟ ଗବେଷକ ଏବଂ ପ୍ରାୟ ୫୦ ନିୟୁତ ଗବେଷଣା କାର୍ଯ୍ୟର ପ୍ରୋଫାଇଲ୍ ମୂଲ୍ୟାଙ୍କନ କରାଯାଇଛି। ଶୀର୍ଷ ୫ ପ୍ରତିଶତରେ ସ୍ଥାନ ପାଇଥିବା ବୈଜ୍ଞାନିକମାନଙ୍କୁ ବିଶ୍ୱବ୍ୟାପୀ ସେମାନଙ୍କ ସମକକ୍ଷଙ୍କ ୯୫ ପ୍ରତିଶତ ଅପେକ୍ଷା ଅଧିକ ଉତ୍ପାଦନକ୍ଷମ ଏବଂ ପ୍ରଭାବଶାଳୀ କୁହାଯାଉଛି। ଏହି ମାନ୍ୟତା ବିଶ୍ୱବିଦ୍ୟାଳୟର ଏକ ଗବେଷଣା-ମୁଖୀ ପରିବେଶକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱକୁ ଉଜ୍ଜ୍ୱଳ କରିବା ସହ ଉଚ୍ଚମାନର ପ୍ରକାଶନ, ନବସର୍ଜନା ଏବଂ ଆନ୍ତଃବିଭାଗୀୟ ସହଯୋଗକୁ ପ୍ରୋତ୍ସାହିତ କରିଥାଏ। ସାଇର୍ୟାଙ୍କ ଗ୍ଲୋବାଲ୍ ଦ୍ୱାରା ଗ୍ରହଣ କରାଯାଇଥିବା ପଦ୍ଧତି ଅନୁଯାୟୀ ଗବେଷକମାନଙ୍କୁ ଚୟନ କରିବା ପାଇଁ 'ସାଧାରଣ କମ୍ପୋଜିଟ୍ ସ୍କୋର' ବ୍ୟବହାର କରାଯାଏ; ଏହି ସ୍କୋର ପ୍ରକାଶନ, ଉଦ୍ଧୃତି ଏବଂ ଅନ୍ୟାନ୍ୟ ବାଇବ୍ଲିଓମେଟ୍ରିକ୍ ସୂଚକ ଉପରେ ଆଧାରିତ ବୈଜ୍ଞାନିକ ପ୍ରଭାବର ମୂଲ୍ୟାଙ୍କନ କରେ। ଏହା ବ୍ୟତୀତ, ଏହି ସୂଚକାଙ୍କ ସମସ୍ତ ପ୍ରମୁଖ ଶିକ୍ଷାଗତ ବିଷୟଗୁଡ଼ିକୁ ଅନ୍ତର୍ଭୁକ୍ତ କରେ ଏବଂ ବିଶ୍ୱର ଅନ୍ୟତମ ସର୍ବବୃହତ ମୁକ୍ତ-ଉତ୍ସ ଗବେଷଣା ଡାଟାବେସ୍ 'ଓପନ୍ ଆଲେକ୍ସ'ର ତଥ୍ୟ ଆଧାରରେ ସ୍ୱଚ୍ଛତା ଏବଂ ଅନ୍ତର୍ଭୁକ୍ତି ସୁନିଶ୍ଚିତ କରିଥାଏ।

କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ଏହି ସମ୍ମାନଜଣକ ବିଶ୍ୱ ତାଲିକାରେ କିଟ୍ ପ୍ରଫେସରମାନେ ସାମିଲ ହେବା ଦ୍ୱାରା କିଟ୍‌ର ଅନ୍ତର୍ଜାତୀୟ ଶୈକ୍ଷିକ ସ୍ଥିତି ଆହୁରି ମଜବୁତ ହେବ ବୋଲି କହିଛନ୍ତି। ଏହା ସହ ଗବେଷଣା ସହଯୋଗ, ନବସର୍ଜନା ଏବଂ ଛାତ୍ର ପରାମର୍ଶ ପାଇଁ ଉନ୍ନତ ସୁଯୋଗ ସୃଷ୍ଟି ହେବ। କିଟ୍‌ରେ ଗବେଷଣା ଆଧାରିତ ଶିକ୍ଷା, ସାମାଜିକ ପ୍ରଭାବ ଏବଂ ବିଶ୍ୱସ୍ତରୀୟ ଶୈକ୍ଷିକ ମାନଦଣ୍ଡ ଉପରେ ଗୁରୁତ୍ୱ ଦିଆଯିବା ଦ୍ୱାରା କିଟ୍ ବର୍ଷ ବର୍ଷ ଧରି ବହୁ ଅନ୍ତର୍ଜାତୀୟ ସମ୍ମାନ ଆଣିପାରିଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି।

# ଏସଆଇଆର କାର୍ଯ୍ୟକ୍ରମର ସମୀକ୍ଷା

**ଭୁବନେଶ୍ୱର,୨୧।୬ (ମହାଭାରତ):** ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ଚାଲିଥିବା 'ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬' କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଦୁଇଟି ପୃଥକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରାଯାଇଛି। ଭାରତ ନିର୍ବାଚନ ଆୟୋଗଙ୍କ ପ୍ରମୁଖ ସଚିବ ଏସ୍. ବି. ଯୋଶୀ ଢେଙ୍କାନାଳ ଜିଲ୍ଲା ଓ ସଚିବ ସୁଜିତ କୁମାର ମିଶ୍ର ଅନୁଗୋଳ ଜିଲ୍ଲା ଗସ୍ତ କରି ପ୍ରସ୍ତୁତିର ସମୀକ୍ଷା କରିବା ସହ କ୍ଷେତ୍ରସ୍ତରୀୟ କାର୍ଯ୍ୟଧାରା ପ୍ରତି ସନ୍ତୋଷ ବ୍ୟକ୍ତ କରିଛନ୍ତି।

ଢେଙ୍କାନାଳ ଜିଲ୍ଲାରେ ଚାଲିଥିବା କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଭାରତୀୟ ନିର୍ବାଚନ କମିଶନଙ୍କ ପ୍ରମୁଖ ସଚିବ ଶ୍ରୀ ଏସ୍. ବି. ଯୋଶୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଯୁଗ୍ମ ସିଇଓ ଏମ୍. ଆର ପାରକର ଏବଂ ଡ଼େପୁଟି ସିଇଓ ଶ୍ରୀ ପ୍ରଶାନ୍ତ ନାଗେ ,ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଡେପୁଟି ସିଇଓ ଡ. ଲକ୍ଷ୍ମୀପ୍ରସାଦ ସାହୁ, ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ସମସ୍ତ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ଏହି ବୈଠକରେ ସାମିଲ ଥିଲେ ।ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ସେଠି, ସମସ୍ତ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ ଏବଂ ଡ଼େପୁଟୀ କଲେକ୍ଟର (ନିର୍ବାଚନ) ନିବେଦିତା ରାଉତଙ୍କ ସହିତ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ।

ନିର୍ବାଚନ କମିଶନଙ୍କ ପ୍ରତିନିଧି ଦଳ ବିଭିନ୍ନ ମତଦାନ କେନ୍ଦ୍ର ଏବଂ ଡିଜିଟାଇଜେସନ୍ ସେଣ୍ଟରଗୁଡ଼ିକୁ ପରିଦର୍ଶନ କରି କ୍ଷେତ୍ରସ୍ତରୀୟ କାର୍ଯ୍ୟକାରିତାର ପ୍ରତ୍ୟକ୍ଷ ଅନୁଧ୍ୟାନ କରି ସନ୍ତୋଷ ପ୍ରକାଶ କରିଛନ୍ତି।

ସେହିପରି ,ଭାରତ ନିର୍ବାଚନ ଆୟୋଗ ର ସଚିବସୁଜିତ କୁମାର ମିଶ୍ର ଅନୁଗୋଳ ଜିଲ୍ଲା ଗସ୍ତ କରି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ର ପ୍ରସ୍ତୁତି ଓ ଅଗ୍ରଗତି ର ସମୀକ୍ଷା କରିଛନ୍ତି ।ଅନୁଗୋଳଠାରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅବଦ୍ଧାଲ ଏମ୍. ଅଖତର ଜିଲ୍ଲାରେ ଚାଲିଥିବା ବିଭିନ୍ନ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟର ଅଗ୍ରଗତି ଉପସ୍ଥାପନ କରିଥିଲେ। ଆୟୋଗ ର ସଚିବ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ଓ ନିର୍ବାଚକ ପଞ୍ଜୀକରଣ ଅଧିକାରୀମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ସେ ଏକ ସଠିକ୍, ସ୍ୱଚ୍ଛ, ତ୍ରୁଟିମୁକ୍ତ ଏବଂ ସର୍ବସମାବେଶୀ ଭୋଟର ତାଲିକା ପ୍ରସ୍ତୁତି ଦିଗରେ ଜିଲ୍ଲା ପ୍ରଶାସନର ନିଷ୍ଠାକୁ ମଧ୍ୟ ସ୍ୱାଗତ କରିଥିଲେ।

# ପଟିଆଗଡ ମୁକ୍ତ ମଞ୍ଚ ନାଟକ ମହୋତ୍ସବ

**ଭୁବନେଶ୍ୱର,୨୧।୬ (ମହାଭାରତ):** କେଶବ ରାଉତ ନାଟ୍ୟ ସ୍ମୃତି କମିଟି ପକ୍ଷରୁ ରଜପର୍ବ ଉପଲକ୍ଷେ ପଟିଆ ଗ୍ରାମର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରଜ ଉତ୍ସବ ଓ ମୁକ୍ତ ମଞ୍ଚ ନାଟକ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହେଉଛି। ଆଜି ଗାଡକଣ ମା ଦୁର୍ଗାଦେବୀ ଡ୍ରାମାଟିକ୍ କ୍ଲବ ମଞ୍ଚସ୍ଥ କରିଛି ଅଶ୍ଳୀଳପୂର୍ଣ୍ଣ ସାମାଜିକ ନାଟକ ସୁଖ ସାତପାର ଦୁଃଖ ନିଜର। ରବିବାର ଠାରୁ ଆରମ୍ଭ ହୋଇଥିବା ନାଟକ ମହୋତ୍ସବର ପ୍ରଥମ ରାତ୍ରିରେ ବରିମୁଣ୍ଡ ଶ୍ରୀ ଲକ୍ଷେଶ୍ୱର ଡ୍ରାମାଟିକ୍ କ୍ଲବ ଦ୍ୱାରା କାନ୍ଦେନା ଲୁହ ସରିଯିବ, ଦ୍ୱିତୀୟ ରାତ୍ରିରେ କଳାରାହାଙ୍ଗ ଶ୍ରୀ ଜଳେଶ୍ୱର ଡ୍ରାମାଟିକ୍ କ୍ଲବ ଆଖିର ଜନମ କାନ୍ଦିବା ପାଇଁ ଓ ତୃତୀୟ ରଜନୀରେ ଡମଣା ଗ୍ରାମ ଶ୍ରୀ ଶ୍ରୀ ଗୋପୀନାଥ ଜୀଉ ନାଟ୍ୟ ପରିଷଦ ଦ୍ୱାରା ନାଟକ ଆଖି ଅବୁଝା କୁ ଲୁହ ଅବୁଝା ମଞ୍ଚସ୍ଥ ହୋଇଥିଲା। ପ୍ରତ୍ୟେକ ନାଟକ ବେଶ୍ ମନଛୁଆଁ ହେବା ସହ କଳାକାର ମାନଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଉଦ୍‌ଘାଟନୀ ଉତ୍ସବ ରାତ୍ରିରେ ଅତିଥି ଭାବେ ନାରୀନେତ୍ରୀ ଶ୍ରୀମୟୀ ମିଶ୍ର, ଯୁବନେତା ରୁଦ୍ର ସାମନ୍ତରାୟ, ଅଭିନେତା ପ୍ରହଲ୍ଲାଦ ପଟ୍ଟନାୟକ ଓରଫ ହାଡୁ ଯୋଗ ଦେଇଥିଲେ। ଦ୍ୱିତୀୟ ରାତ୍ରିରେ ମୁଖ୍ୟ ଅତିଥି ଭାବେ ଉତର ବିଧାୟକ ସୁଶାନ୍ତ କୁମାର ରାଉତ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର, ପ୍ରତାପ ରାଉତ, ଯାତ୍ରା ଅଭିନେତା ଟିଙ୍କୁ ସାମଲ ଯୋଗ ଦେଇଥିଲେ। ସେହିପରି ତୃତୀୟ ରାତ୍ରିରେ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, ବିଜେପି ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ଓ ଯାତ୍ରା ଟାଇଗର ତଥା ବରିଷ୍ଠ ଯାତ୍ରା ଅଭିନେତା ଦଇତାରୀ ପଣ୍ଡା ଯୋଗଦେଇ ଓଡିଶାର କଳା ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ କେଶବ ରାଉତ ନାଟ୍ୟ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ନାଟକ ମହୋତ୍ସବକୁ ପ୍ରଶଂସା କରିଥିଲେ। ସଭାପତି ଶଶୀକାନ୍ତ ମହାରଣାଙ୍କ ସଭାପତିତ୍ୱ କରିଥିଲାବେଳେ ଉପସଭାପତି କ୍ଷୀତିଶ ଚନ୍ଦ୍ର ତ୍ରିପାଠୀ, ସମ୍ପାଦକ ମିହିର କୁମାର ରାଉତ ଉପସ୍ଥିତ ଥିଲେ। ମହୋତ୍ସବକୁ ଆକର୍ଷିତ କରିବା ପାଇଁ ପଡିଆ ସାରା ମୀନା ବଜାର ଓ ବିଭିନ୍ନ ଫୁଡ୍ ଷ୍ଟଲ ପଡିଛି। ଦର୍ଶକମାନେ କିଣାକିଣି, ଖିଆପିଆ କରିବା ସହିତ ସାଂସ୍କୃତିକ କାର୍ଯ୍ୟକର୍ମର ମଜା ନେଉଛନ୍ତି। ଶେଷ ରାତ୍ରିରେ ପୁରସ୍କାର ବିତରଣ ଉତ୍ସବ ସହିତ ପଟିଆଗଡ ତରଫରୁ ସାମାଜିକ ନାଟକ ଆଖି କାନ୍ଦୁଛି ତୋରି ପାଇଁ ମଞ୍ଚସ୍ଥ ହେବ।



# କୃଷି ବିକାଶ ଅର୍ଥନୀତି

ଭାରତର ଅର୍ଥନୀତି ଅନେକାଂଶରେ କୃଷି ବିକାଶ ଉପରେ ନିର୍ଭରକରୁଛି। ଏହା ହିଁ ଆମ ଆର୍ଥିକ, ସାମାଜିକ ଏବଂ ରାଜନୈତିକ ବ୍ୟବସ୍ଥାର ମେରୁଦଣ୍ଡ। ଏଥିପାଇଁ କରୋନା ମହାମାରୀ ସ□ ଭାରତର ଆର୍ଥିକ ସ୍ଥିତି ଦୋହଲିଯାଇନଥିଲା। କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ମାଗଣାରେ ୮୦ କୋଟି ଲୋକଙ୍କୁ ରାସନ ଦେଉଛନ୍ତି। ପୃଥିବୀର ଅନ୍ୟ କୌଣସି ଦେଶରେ ଏଭଳି ଯୋଜନା ଦେଖିବାକୁ ମିଳିବନି। ଏଥିପାଇଁ ଆଇଏମଏଫ ଭାରତକୁ ପ୍ରଶଂସା କରିଛି ଏବଂ ମହାମାରୀ ସ□ ଦେଶର ଅତି ଉତ୍କଟ ଦାରୀଦ୍ର୍ୟ ହାର ବଢ଼ି ନାହିଁ ବୋଲି କହିଛି। ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଯୋଜନା ଯୋଗୁ ଏହା ସମ୍ଭବ ହୋଇପାରିଛି। ୟୁକ୍ରେନ-ଋଷିଆ ଯୁଦ୍ଧ ପରେ ଭାରତରୁ ଚାଉଳ ଓ ଗହମ ରପ୍ତାନୀ ବୃଦ୍ଧି ପାଇଛି। ଯେଉଁମାନେ ୟୁକ୍ରେନରୁ ଗହମ କିଣୁଥିଲେ ସେମାନେ ଏବେ ଭାରତରୁ ଗହମ ନେବାକୁ ଆଗଭର ହେଉଛନ୍ତି। ଇଜିପ୍ଟ ଭାରତକୁ ଗହମ ଯୋଗାଣକାରୀ ରାଷ୍ଟ୍ରର ମାନ୍ୟତା ପ୍ରଦାନ କରିଛି। ତେବେ କେବଳ ଚାଉଳ ବା ଗହମ ଉତ୍ପାଦନରେ ସ୍ୱାବଲମ୍ବୀ ହେଲେ ହେବ ନାହିଁ, ଅନ୍ୟ ବହୁ ଖାଦ୍ୟ ସାମଗ୍ରୀ ଉତ୍ପାଦନରେ ଆମକୁ ସ୍ୱାବଲମ୍ବୀ ହେବାକୁ ପଡ଼ିବ। କିନ୍ତୁ ପାକିସ୍ତାନ ଓ ଶ୍ରୀଲଙ୍କା ପରିସ୍ଥିତି ସହ ତୁଳନା କରି ଆମେ ଯଦି ଆତ୍ମସନ୍ତୋଷ ଲାଭ କରିବା ତେବେ ଏହାଠାରୁ ଅଧିକ ବିଡ଼ମ୍ବନାର ବିଷୟ ଆଉ କିଛି ନହୋଇପାରେ। ଶ୍ରୀଲଙ୍କା ତୁଳନାରେ ଭାରତର କୃଷି ବିକାଶ ଯଥେଷ୍ଟ ଆଗରେ ରହିଛି। ଭାରତ ବିଭିନ୍ନ ଖାଦ୍ୟ ସାମଗ୍ରୀ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିଛି। ତେବେ ଭାରତରେ ଯଦିଓ ଖାଦ୍ୟ ସାମଗ୍ରୀର ଅଭାବ ନାହିଁ କିନ୍ତୁ ଦରବୃଦ୍ଧି ଅସହ୍ୟ ହେଲାଣି। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଏହାର ମୁଖ୍ୟ କାରଣ। ପରିବହନ ଖର୍ଚ୍ଚ ବୃଦ୍ଧି ହେତୁ ସବୁ ଅତ୍ୟାବଶ୍ୟକ ସାମଗ୍ରୀର ପରିବହନ ଖର୍ଚ୍ଚ ବୃଦ୍ଧି ପାଇବା ହେତୁ ଏଭଳି ହୋଇଛି। ଅନେକ ସମୟରେ ମାତ୍ରାଧିକ ରପ୍ତାନୀ ମଧ୍ୟ ଦରବୃଦ୍ଧିର କାରଣ ହୋଇଥାଏ। ତେବେ ଏହା ଦ୍ୱାରା କୃଷକମାନେ ଭଲ ରୋଜଗାର କରିବାର ସୁଯୋଗ ପାଇଥାନ୍ତି। ତା ଅର୍ଥ ନୁହେଁ ଯେ, ଦେଶରେ ଏହାର ଦରବୃଦ୍ଧି ପାଇବ। ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଏବଂ ଦରବୃଦ୍ଧିକୁ ରୋକିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ଏହାକୁ ସରକାର ଅଣଦେଖା କରିପାରିବେ ନାହିଁ। ସମ୍ପ୍ରତି ଆଳୁ, ତେଲ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଗରିବ ଲୋକଙ୍କ ପାଇଁ ବିଶେଷ କରି ଘରୋଇ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଆମେ ବର୍ଷକରେ ୪୦୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ରପ୍ତାନୀ କରି ବାହାଦୁରୀ ମାରୁଛୁ। କିନ୍ତୁ ଏହା ସହିତ ଆମଦାନୀ ମଧ୍ୟ ବଢୁଛି। ତେଣୁ ୨୦୨୧-୨୨ରେ ଦେଶର ବାଣିଜ୍ୟିକ ନିଅ□ ବା ଟ୍ରେଡ ଡେଫିସିଟ ରେକର୍ଡ ସ୍ତରରେ ପହଞ୍ଚିଛି। ଏପଟେ ଦର ବୃଦ୍ଧିର ବୋଝ ସାଧାରଣ ଲୋକଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହୋଇଛି। ଆମେ କୃଷି ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିଛୁ ବୋଲି ଗର୍ବ କରିବାର କିଛି କାରଣ ନାହିଁ। ୟୁକ୍ରେନ ଭଳି ଏକ ଛୋଟ ଦେଶ ଉପରେ ଆମେ ଖାଇବା ତେଲ ପାଇଁ ନିର୍ଭର କରୁଛୁ। ଖାଇବା ତେଲ ଉତ୍ପାଦନରେ ଆମେ ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ ହୋଇପାରିବା। କିନ୍ତୁ ଯୋଜନା ଓ ପ୍ରୋତ୍ସାହନର ଅଭାବ ଯୋଗୁ ଏହା ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇପାରିନି। ସେହିପରି ଓଡ଼ିଶା ମଧ୍ୟ ଏକ କୃଷିପ୍ରଧାନ ରାଜ୍ୟ ହୋଇଥିଲେ ମଧ୍ୟ ଓଡ଼ିଶାବାସୀ ଅଧିକାଂଶ ଖାଦ୍ୟ ସାମଗ୍ରୀ ପାଇଁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରୁଛି। ମାଛ, ଲେମ୍ବୁ, ଅଣ୍ଡାଠାରୁ ଆରମ୍ଭ କରି ଆଳୁ ପିଆଜ ପର୍ଯ୍ୟନ୍ତ ସବୁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ପାଇଁ ଆମକୁ ଅନ୍ୟ ରାଜ୍ୟର ଦୟା ଉପରେ ନିର୍ଭର କରିବାକୁ ପଡୁଛି। ସେଠାରେ ପ୍ରାକୃତିକ ବିପର୍ଯ୍ୟୟ ହେତୁ ଉତ୍ପାଦନ କମିଲେ ଆମକୁ ଏହାର ପରିଣତି ଭୋଗିବାକୁ ପଡୁଛି।

# ମାନବ କୈନ୍ଦ୍ରିକ ଜଗତୀକରଣ ଜରୁରୀ

॥ ବାଦଲ ଭୂୟାଁ ॥

"

*ଦକ୍ଷତା ବିକାଶ ଜରୁରୀ। ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଭଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି। ସେଠାରେ ସ୍କିଲିଂ ଏବଂ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟାର ସମାଧାନ ଏବଂ ସେମାନଙ୍କ ନୈତିକ ଶିକ୍ଷା ବଢ଼ାଇବା ଉପରେ ସର୍ଭେ ମଧ୍ୟ କରାଯାଇଛି। ଟେକ୍ନିକାଲ ଏବଂ ଭୋକେସନାଲ ଟ୍ରେନିଂ ହବ ବନାଇବା ପାଇଁ ଶ୍ରମିକ ବିଭାଗ ସହ ମିଳିତ ଭାଗିଦାରୀରେ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି।*

ଗ୍ଲୋବାଲ ସାଉଥ ମେଧାବୃତ୍ତି ଆରମ୍ଭ କରିବ ଭାରତ : ସମଗ୍ର ବିଶ୍ୱରେ ଶିକ୍ଷା କ୍ଷେତ୍ରରେ ଭାରତ ଏକ ଆଦର୍ଶଣୀୟ ରାଷ୍ଟ୍ର ଭାବେ ଆଜି ନିଜ ଶ୍ରେଷ୍ଠତା ପ୍ରତିପାଦନ କରିଛି। ଗତ ତିନି ବର୍ଷ ଭାରତ ଭଳି ବିକାଶଶୀଳ ଦେଶଗୁଡ଼ିକ ପାଇଁ ବେଶ ଆହ୍ୱାନପୂର୍ଣ୍ଣ ଥିଲା। କିନ୍ତୁ ନୂଆବର୍ଷ ନୂଆ ଆଶା ନେଇ ଆସିଛି। ଆମେ ସଭିଏଁ ଗ୍ଲୋବାଲଇଜେଶନକୁ ସମର୍ଥନ କରୁ। ଭାରତ ସର୍ବଦା ବିଶ୍ୱକୁ ଏକ ପରିବାର ରୂପରେ ଦେଖିଥାଏ। ଆମେ ଏପରି ଏକ ଜଗତୀକରଣ ଚାହୁଁ ଯେଉଁଠି ଜଳବାୟୁ କିମ୍ବା ଋଣ ସଙ୍କଟ ସୃଷ୍ଟି ହେଉ ନଥିବ, ଯାହା ମାନବକୈନ୍ଦ୍ରିକ ହୋଇଥିବ। ଯେଉଁଠି ଟିକାକରଣରେ ଅସମାନତା ନଥିବ ଏବଂ ଯେଉଁଠି ମାନବିକତା ଏବଂ ସମୃଦ୍ଧିର ସ୍ଥାନ ଥିବ ବୋଲି ଭଏସ ଅଫ ଗ୍ଲୋବାଲ ସାଉଥ ସମ୍ମିଳନୀର ଉଦଘାଟନୀ ସମାରୋହରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ସୂଚନାଥାଉକି ଦୁଇଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ୧୨୦ରୁ ଅଧିକ ବିକାଶଶୀଳ ଦେଶ ଭାଗ ନେଇଛନ୍ତି। ଏହା ଗ୍ଲୋବାଲ ସାଉଥର ସବୁଠାରୁ ବଡ଼ ଧରଣର ଭର୍ଚୁଆଲ ସମିଟ। ପ୍ରଧାନମନ୍ତ୍ରୀ କହିଥିଲେ, ଜାତିସଂଘ ସୁରକ୍ଷା ପରିଷଦ ସମେତ ଅନ୍ତର୍ଜାତୀୟ ସଙ୍ଗଠନ ଗୁଡ଼ିକରେ ତତ୍କାଳ ଏକ ମୌଳିକ ସୁଧାରର ଆବଶ୍ୟକତା ରହିଛି। ଭାରତ ଏକ ଗ୍ଲୋବାଲ ସାଉଥ ସେଣ୍ଟର ଅଫ ଏକ୍ସିଲେନ୍ସ ସ୍ଥାପନ କରିବ। ନୂଆ ପ୍ରୋଜେକ୍ଟ ଆରୋଗ୍ୟ ମୈତ୍ରୀ ବାବଦରେ ମୋଦି ପ୍ରକାଶ କରିଥିଲେ। ଏହାଦ୍ୱାରା ଭାରତ ପ୍ରାକୃତିକ ବିପର୍ଯ୍ୟୟ ଏବଂ ମାନବୀୟ ସଙ୍କଟର ସମ୍ମୁଖୀନ ହେଉଥିବା ଦେଶ ଗୁଡ଼ିକୁ ମେଡ଼ିକାଲ ସୁବିଧା ଉପଲବ୍ଧ କରାଇପାରିବ ବୋଲି ସେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ଯୁଦ୍ଧ, ଆତଙ୍କବାଦ ସମେତ ବିଭିନ୍ନ ବୈଶ୍ୱିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମ୍ପ୍ରତି ବିଶ୍ୱ ସଙ୍କଟରେ ପଡ଼ିଛି। ଆଉ କେତେ ଦିନ ଏହି ଅସ୍ଥିରତା ଜାରି ରହିବ ତାହା କହିବା କଷ୍ଟକର ବୋଲି କହିଥିଲେ। ଏଥିସହ ଇନ୍ଧନ ସଙ୍କଟ, ଖାଦ୍ୟାଭାବ, ମୁଦ୍ରାସ୍ଫୀତି, କରୋନା ମହାମାରୀ, ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଆଦି ଉପରେ ଚିନ୍ତା ବ୍ୟକ୍ତ କରିଥିଲେ। ଭଏସ ଅଫ ଗ୍ଲୋବାଲ ସାଉଥ ସମିଟରେ ବାର୍ବାଡ଼ାସ, କୋଷ୍ଟାରିକା, କମନଓ୍ୱେଲଥ ଦେଶ ବାହାମାସ, କ୍ୟୁବା, ଗାମ୍ବିଆ, ହଣ୍ଡୁରାସ, ଲାଓ ପିପୁଲସ ଡେମୋକ୍ରାଟିକ ରିପବ୍ଲିକ, ଫେଡେରେଟେଡ ଷ୍ଟେଟ ଅଫ ମାଇକ୍ରୋନେସିଆ, ରିପବ୍ଲିକ ଅଫ ନାଉରୁ, ସେଣ୍ଟ ଲୁସିଆ. ସେଣ୍ଟ ଭିନସେଣ୍ଟ ଏବଂ ଦି ଗ୍ରେନାଡାଇନସ, ସୋଲୋମନ ଆଇଲ୍ୟାଣ୍ଡ, ତୁର୍କମେନିସ୍ତାନ, ଉରୁଗୁଏ, ୟେମେନ ସମୂହ ଦେଶ ଅଂଶ ଗ୍ରହଣ କରିଥିଲେ।

ଭାରତର ଶିକ୍ଷା ବ୍ୟବସ୍ଥା ପ୍ରଶଂସନୀୟ କାରଣ କେନ୍ଦ୍ରଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦାୟିତ୍ୱ ନେବା ପରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଆହୁରି ବାସ୍ତବାଭିମୁଖୀ ଓ ଶିକ୍ଷାଭିମୁଖୀ କରିପାରିଛନ୍ତି। ଗାମ୍ବିଆର ଶିକ୍ଷା ମନ୍ତ୍ରୀ ପ୍ରଫେସର ପାଏରୀ ଗୋମେଜ ଶିକ୍ଷା ପ୍ରଯୁକ୍ତିବିଦ୍ୟା ଓ ଦକ୍ଷତା ବିକାଶ ଦିଗରେ ଭାରତୀୟ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ଷ୍ଟେମ ବର୍ଗରେ ଭାରତ ସହ ଭାଗିଦାରୀ ହେବା ପାଇଁ ସେ ଇଚ୍ଛା ପ୍ରକାଶ କରିବା ସହ ବୈଷୟିକ, ଧନ୍ଦାମୂଳକ, ଶିକ୍ଷା ପ୍ରଶିକ୍ଷଣକୁ ତାଙ୍କ ଦେଶ ଗୁରୁତ୍ୱ ଦେଇ ଏହାକୁ ବିକଶିତ କରିବା ପାଇଁ ସେ ଭାରତର ସହଯୋଗ ଲୋଡ଼ିଥିଲେ। ନ୍ୟାସନାଲ ଏଜୁକେସନାଲ ହବ ଏବଂ ନ୍ୟାସନାଲ ଟେକ୍ନୋଲୋଜି ପାର୍କ ସ୍ଥାପନ କରିବା ପାଇଁ ସେ ଭାରତ ଠାରୁ ସହଯୋଗ ଆଶା କରିଥିଲେ। ବିକାଶ ଏଜେଣ୍ଡା ପୂରଣ ପାଇଁ ଭାରତର ସହଯୋଗ ଲୋଡ଼ା। ସ୍ଥାୟୀ ବିକାଶ ଏଜେଣ୍ଡାକୁ ପୂରଣ କରିବା ପାଇଁ ଭାରତର ସହଯୋଗ ଲୋଡ଼ା ବୋଲି ସୋଲୋମାନ ଆଇଲ୍ୟାଣ୍ଡର ଶିକ୍ଷାମନ୍ତ୍ରୀ ଲେନଲୀ ତାନଗାଣ୍ଡା କହିଛନ୍ତି। ଭାରତର ଷ୍ଟଡି ଏବଂ ଟ୍ରେନିଂ ବ୍ୟବସ୍ଥା ଏକ ସଫଳ ମଡ଼େଲ ବୋଲି ସେ ପ୍ରକାଶ କରିଥିଲେ।

ଦକ୍ଷତା ବିକାଶ ଜରୁରୀ। ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ଦକ୍ଷତା ବିକାଶ ବା କାପାସିଟି ବିଲ୍ଡିଂ ଜରୁରୀ ବୋଲି ଭଏସ ଅଫ ଗ୍ଲୋବାଲ ସମିଟରେ ବାହାମସର ଶିକ୍ଷାମନ୍ତ୍ରୀ ଗ୍ଲେନିସ୍ ହାନୀ ମାର୍ଟିନ କହିଛନ୍ତି। ସେଠାରେ ସ୍କିଲିଂ ଏବଂ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟାର ସମାଧାନ ଏବଂ ସେମାନଙ୍କ ନୈତିକ ଶିକ୍ଷା ବଢ଼ାଇବା ଉପରେ ସର୍ଭେ ମଧ୍ୟ କରାଯାଇଛି। ଟେକ୍ନିକାଲ ଏବଂ ଭୋକେସନାଲ ଟ୍ରେନିଂ ହବ ବନାଇବା ପାଇଁ ଶ୍ରମିକ ବିଭାଗ ସହ ମିଳିତ ଭାଗିଦାରୀରେ ସେମାନେ କାର୍ଯ୍ୟ ଜାରି ରଖିଛନ୍ତି। ଡିଜିଟାଲ ଏଜୁକେଶନ ରିସୋର୍ସ ମଧ୍ୟ କରାଯାଇଛି। ଅଧିକାଂଶ ସମୟରେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଶିକ୍ଷାନୁଷ୍ଠାନଗୁଡ଼ିକର ଡିଜିଟାଲାଇଜେସନ କରାଯାଇଥିବା ଗ୍ଲେନିସ କହିଛନ୍ତି।

ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା । ଉରୁଗୁଏ ଶିକ୍ଷାମନ୍ତ୍ରୀ ପାବଲୋ ଦା ସିଲଭେରା କହିଛନ୍ତି ଭବିଷ୍ୟତ ପିଢ଼ି ପାଇଁ ଶିକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ରୂପାନ୍ତରଣ ଏକ ନିରନ୍ତର ପ୍ରକ୍ରିୟା। ନିଜ ଦେଶର ସମାଜ ଏବଂ ମାନବ ସମ୍ବଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷାକୁ ନିରନ୍ତର ବିକଶିତ କରିବା। ପରାଧୀନ ମାନସିକତା ବଦଳାଇବା। ଗ୍ଲୋବାଲ ସାଉଥ ଦେଶରେ ଥିବା ଶିକ୍ଷା ବ୍ୟବସ୍ଥା ପରାଧୀନ ମାନସିକତା ଯୋଗୁ ଶତାବ୍ଦୀ ଶତାବ୍ଦୀ ଧରି କ୍ଷତି ସହୁଥିଲା। ସମୟ ଆସିଛି, ଏହାକୁ ପରିବର୍ତ୍ତନ କରି ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ କାର୍ଯ୍ୟ କରିବା। ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଗୁଣାତ୍ମକ, ସୁଲଭ ଏବଂ ଉତ୍ତରଦାୟିତ୍ୱ ଭଳି ସ୍ତମ୍ଭ ଉପରେ ପର୍ଯ୍ୟବେସିତ ଜାତୀୟ ଶିକ୍ଷା ନୀତି ଭାରତୀୟ ଚରିତ୍ର ସହ ଜଡ଼ିତ ଏବଂ ୨୦୩୦ ସାମଗ୍ରିକ ବିକାଶ ସହ ସମ୍ପୃକ୍ତ। ଏହା ଆମ ଯୁବପିଢ଼ିଙ୍କୁ ବୈଶ୍ୱିକ ନାଗରିକ ଭାବେ ବିକଶିତ କରିବ, ଯାହା ଦ୍ୱାରା ସେମାନେ ମାନବତାର କଲ୍ୟାଣ ପାଇଁ ବୈଶ୍ୱିକ ସମସ୍ୟାର ସମାଧାନର ସୂତ୍ର ବାହାର କରିପାରିବେ।

ମାତୃଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଇଛି । ସ୍କୁଲ ଶିକ୍ଷା ସ୍ତରରେ ପ୍ରାରମ୍ଭିକ ଭାବେ ଶୈଶବ ଯତ୍ନ ଓ ଶିକ୍ଷାକୁ ପ୍ରାଥମିକତା ଦିଆଯାଇଛି। ଦିବ୍ୟାଙ୍ଗ ଶିଶୁଙ୍କୁ ସବୁପ୍ରକାର ସହଯୋଗ ପ୍ରଦାନ କରାଯିବା ସହ ଶିକ୍ଷକଙ୍କ ଦକ୍ଷତା ବିକାଶ ଏବଂ ଟ୍ରେନିଂ ଉପରେ ମଧ୍ୟ ପଦକ୍ଷେପ ନିଆଯାଇଛି। ସ୍କୁଲ ଯାଉଥିବା ବାଳିକାଙ୍କ ସ୍ୱାସ୍ଥ୍ୟ ଏବଂ ପୋଷଣକୁ ଉନ୍ନତ କରିବା ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ପାଠ୍ୟକ୍ରମକୁ ପୁନଃ ଡିଜାଇନ କରାଯାଇ ଏହାକୁ ଛାତ୍ରଛାତ୍ରୀ କେନ୍ଦ୍ରୀୟ କରିବା ସହ ମାତୃଭାଷାରେ ଶିକ୍ଷା ଆହରଣ ଓ ଶିକ୍ଷାଦାନକୁ ବିଶେଷ ମହତ୍ତ୍ୱ ଦିଆଯାଇଛି। ବହୁମୁଖୀ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଇ ଉଚ୍ଚ ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ସଂସ୍କାର ଅଣାଯାଇଛି। ପରିବର୍ତ୍ତିତ ବିଶ୍ୱର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମଲ୍ଟି ଏଣ୍ଟ୍ରି ଏକଜିଟ ସହ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅଧିକ ସୁବିଧା ସୁନିଶ୍ଚିତ କରାଯାଇଛି। ସ୍କୁଲ, ଦକ୍ଷତା ବିକାଶ ଓ ଉଚ୍ଚ ଶିକ୍ଷାର ଏକୀକରଣ କରିବା ପାଇଁ ଟେକ୍ନୋଲୋଜି ଭିତ୍ତିଭୂମି ଯଥା ନ୍ୟାସନାଲ ଲେବଲ ଷ୍ଟୁଡେଣ୍ଟ ରେଜିଷ୍ଟ୍ରି, ଏକାଡ଼େମିକ ବ୍ୟାଙ୍କ ଅଫ କ୍ରେଡିଟ ଆଣ୍ଡ ସ୍କିଲ ଇଣ୍ଡିଆ ଡିଜିଟାଲ ପୋର୍ଟାଲ ପ୍ରସ୍ତୁତ କରାଯାଉଥିବା ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ। ଇ-ବିଦ୍ୟା ପାଇଁ ୨୬୦ ଟିଭି ଚ୍ୟାନେଲ। ସ୍କିଲ ଲ୍ୟାବ ଏବଂ ଶିଳ୍ପ ଶିକ୍ଷାନୁଷ୍ଠାନ ମଧ୍ୟରେ ସଂଯୋଗୀକରଣ କରାଯାଇ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଧନ୍ଦାମୂଳକ ଶିକ୍ଷା ସହ ଯୋଡ଼ାଯାଉଛି। ନିଯୁକ୍ତି କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀଙ୍କୁ ଶିଳ୍ପ କ୍ଷେତ୍ରରେ ଇଣ୍ଟର୍ଣ୍ଣସିପ ଏବଂ ଆପ୍ରେଣ୍ଟିସିପ ପ୍ରଦାନ କରାଯାଇ ଛାତ୍ରଛାତ୍ରୀଙ୍କ ଅଭିଜ୍ଞତା ପ୍ରଦାନ କରିବା ଦିଗରେ ପ୍ରାଧାନ୍ୟ ଦିଆଯାଇଛି। ପିଏମ ଇବିଦ୍ୟା ପଦକ୍ଷେପ ସ୍ୱରୂପ ଦୀକ୍ଷା, ଇ-ପାଠଶାଳା, ସ୍ୱୟଂ ପ୍ରଭା ଟିଭି ଏବଂ ୨୬୦ରୁ ଅଧିକ ଟିଭି ଚ୍ୟାନେଲର ବ୍ୟବସ୍ଥା କରାଯାଇଛି।

ଶିକ୍ଷାର ଅନ୍ତର୍ଜାତୀୟକରଣକୁ ଗୁରୁତ୍ୱ : ଶିକ୍ଷାର ଅନ୍ତର୍ଜାତୀୟକରଣ ହେଉଛି ଜାତୀୟ ଶିକ୍ଷା ନୀତିର ମୂଳ ଅଂଶ। ଜାତୀୟ ଶିକ୍ଷା ନୀତି ଭାରତକୁ ଗ୍ଲୋବାଲ ଷ୍ଟଡି ଡେଷ୍ଟିନେସନ ଭାବରେ ପ୍ରୋତ୍ସାହିତ କରୁଛି, ଯାହା ଦ୍ୱାରା ସୁଲଭ ମୂଲ୍ୟରେ ଗୁଣାତ୍ମକ ଶିକ୍ଷାର ଲାଭ ଛାତ୍ରଛାତ୍ରୀମାନେ ପାଇପାରିବେ। ଭାରତରେ ଥିବା ଶିକ୍ଷାନୁଷ୍ଠାନ ବିଦେଶର ଉଚ୍ଚ ଶିକ୍ଷାନୁଷ୍ଠାନ ସହ ମିଶି ଛାତ୍ରଛାତ୍ରୀଙ୍କୁ ଡୁଆଲ ଡିଗ୍ରୀ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଆଇଆଇଟି ଭଳି ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକ ବିଦେଶରେ ନିଜ କ୍ୟାମ୍ପସ ଆରମ୍ଭ କରିବା ପାଇଁ ଯାଉଛନ୍ତି। ଏହାବ୍ୟତୀତ ଭାରତରେ ବୈଦେଶିକ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଥିବା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର କହିଥିଲେ। ଭାରତ ଆଜି ଶିକ୍ଷା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ପଥରେ ଆଗେଇଛି।


୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫


# ଅର୍ନ୍ତବାଣୀ

॥ ଅନୀତା ପଟ୍ଟନାୟକ ॥

ମୋ ଭିତରେ ନିଶ୍ଚୟଭାବେ କିଏ ଅଛି ଯେ କି ମୋ ଭିତରେ ଦିନସାରା କିଛିନା କିଛି ଭାବନା ସୃଷ୍ଟି କରି ଗପକରି ଚାଲିଛି। ମୋ ଭିତରେ ନିଶ୍ଚୟ ଭାବରେ ଗୋଟିଏ ଗନ୍ତାଘର ଅଛି, ଯେ କି ମୋର ଚିନ୍ତାଧାରା ଗୁଡ଼ିକୁ ସଜାଡ଼ି ରଖୁଛି। ମୋ ଭିତରେ ନିଶ୍ଚୟ କିଛି ଲିଭାଇବା ଯନ୍ତ୍ର ଅଛି, ଯେ କି ଦରକାର ହେଲେ ମୋର ଖରାପ ଚିନ୍ତାକୁ ସୁନ୍ଦର ଭାବରେ ଲିଭାଇ ଦେଇ ପାରୁଛି। ମୋ ଭିତରେ ନିଶ୍ଚୟ ଭାବରେ ଜଣେ କେହି ଋଷି ପ୍ରତିମ ଜ୍ଞାନୀଗୁଣୀ ବ୍ୟକ୍ତି ଅଛନ୍ତି, ଯେ କି ମତେ ସୁନ୍ଦର ଚିନ୍ତାଧାରା ଦେଉଛନ୍ତି। ମୋ ଭିତରେ ଅଗ୍ନିର ଲେଲିହାନ ଶିଖାପରି କିଛି ଅଛି ନେଚେତ ମୁଁ ଜନ୍ମରୁ ଆଜି ପର୍ଯ୍ୟନ୍ତ ଯେତେ ଖାଦ୍ୟ ଖାଇ ସାରିଛି ତାହାକୁ ସେ ହଜମ କରି ସାରିଛି ଓ ପୁଣି କ୍ଷୁଧା ସୃଷ୍ଟି କରୁଛି ଓ ଭକ୍ଷଣ କରିବ କହୁଛି। ମୋ ଭିତରେ ନିଶ୍ଚୟ ସୁମଧୁର ସ୍ୱରଥିବା କୌଣସି ଘଣ୍ଟା ଅଛି ନଚେତ କାଳ ବିଷୟରେ ମତେ କିଏ ସଚେତନ କରାଉଛି ? ମୋ ଭିତରେ କଣ ଆଗ୍ନେୟଗିରି ଅଛି ? ନଚେତ ସାଧାରଣ କଥାରେ ରାଗରେ ଜର୍ଜରିତ ହେଉଛି କିପରି ? ମୋ ଭିତରେ କିଛି ଗୋଟେ ଚଳନ୍ତତା ଯନ୍ତ୍ର ଅଛି ନଚେତ ମୋ ଦେହର ରକ୍ତ କଣିକା ଗୁଡ଼ିକ ଆପାଦମସ୍ତକ ଦୌଡ଼ି ପାରୁଛି କିପରି ? ନିଶ୍ଚୟ ମୋ ଭିତରେ ପ୍ରଭୁ ରହିଛନ୍ତି ଓ ମତେ ସୁରକ୍ଷା ଦେବା ସହ ଚଲାପଥରେ ସାହାଯ୍ୟ କରୁଛନ୍ତି।

ଏମିତି ଗୁଡ଼ିଏ ଚିନ୍ତା କରୁଥିବା ସମୟରେ ମୁଁ ଗୋଟିଏ ବଗିଚା ନିକଟରେ ପହଞ୍ଚିଲି, ଦେଖିଲି ଭଳି କି ଭଳି ଫୁଲ ଫୁଟିଛି ଭାବିଲି ନିଶ୍ଚୟ ଏ ବଗିଚାରେ କିଏ ଗୋଟିଏ ମାଳି ଅଛି, ନଚେତ ସୁନ୍ଦର ଭାବେ ଘାସ କଟାଯାଇ ମୁଲାୟମ ଚାଦର/ଗାଲିଚା କିଏ ସୃଷ୍ଟି କରିଛି ? ଫୁଟିଥିବା ନାଲି ନାଲି ଗୋଲାପ ଗଛକୁ କୁଣ୍ଡରେ ଧାଡ଼ି ଧାଡ଼ି କରି କିଏ ସାଇତି ରଖିଛି ? ଗଛ ସବୁ କଟାଯାଇ ସେଥିରେ ସୁନ୍ଦର ସୁନ୍ଦର ପଶୁ ଓ ପକ୍ଷୀର ଆକୃତି କିଏ କରିଛି ? ବିଭିନ୍ନ ରଙ୍ଗର ସୂର୍ଯ୍ୟମୁଖୀ ଫୁଲ, କଇଁ ଫୁଲ, କନିଅର ଫୁଲ, ଟଗରଫୁଲ, ଚମ୍ପାଫୁଲ ଓ ରଜନୀଗନ୍ଧା ଫୁଲକୁ କିଏ ସୁରକ୍ଷା ଦେଉଛି ? ଫୁଲ ଗୁଡ଼ିକ ନୀରବ ସାଧକ ପରି ଆଗନ୍ତୁକ ମାନଙ୍କୁ ଆନନ୍ଦ ପ୍ରଦାନ କରୁଛନ୍ତି। ମତେ ଲାଗିଲା ଏ ସବୁ ଭିତରେ ମାଳି ଯେପରି ବଗିଚାକୁ ସଜାଇଛି ସେହିପରି ସୃଷ୍ଟିରେ କେହି ଜଣେ ସୃଷ୍ଟିକର୍ତ୍ତା ଅଛନ୍ତି ଯେ କି ମୋ ଭିତରେ ବାହାରେ ସର୍ବତ୍ର ଅଛନ୍ତି ଓ ମତେ ସଜାଇ ରଖିଛନ୍ତି। ସୃଷ୍ଟିକର୍ତ୍ତାଙ୍କ ବିଷୟରେ ଏପରି ଭାବୁ ଭାବୁ ମତେ ଟିକେ ହାଲିଆ ଲାଗିବାରୁ ମୁଁ ବଗିଚା କଡ଼ରେ ଥିବା ଅନାବନା ଅସଜଡ଼ା ଘାସ ଦେଖିବାକୁ ପାଇଲି ଓ ସେଠାରେ ବସି ପଡ଼ିଲି। ଭାବିଲି ଭଗବାନଙ୍କ ପାଖରେ କେତେ ପରିମାଣର ସୁନ୍ଦର ସୁନ୍ଦର ରଙ୍ଗ ଅଛି ସତେ ? ବୃକ୍ଷର ପତର ସବୁ ସବୁଜ। ଆକାଶ ନୀଳ, ନାଲି, ହଳଦୀ, ଗୋଲାପି ରଙ୍ଗର କେତେ ଗୋଲାପ ଫୁଲ। ହଳଦିଆ କନିଅର ଫୁଲ ଇତ୍ୟାଦି ଇତ୍ୟାଦି। ମୁଁ ଚିତ୍ରଟିଏ ଆଙ୍କିଦେଲେ ମୋର ରଙ୍ଗଡବାଟି ସରିଯାଉଛି ସୃଷ୍ଟିକର୍ତ୍ତା କେଉଁଠାରୁ ଏତେ ପ୍ରକାରର ଓ ଏତେ ରଙ୍ଗ ଆଣୁଛନ୍ତି ? ସେ କାରଖାନା କେଉଁଠାରେ ବିଦ୍ୟମାନ। ଭାବିଲି ଆରେ ପରିବାପତ୍ର ମଧ୍ୟ ବିଭିନ୍ନ ପ୍ରକାରର ଓ ରଙ୍ଗର। ଆଳୁ ମାଟିଆ ଗୋଲାକାର ଓ ଚେପେଟା, ବାଇଗଣ ଧଳା, କଳା। ଫୁଲକୋବି ଧଳା, ସବୁଜ ବନ୍ଧାକୋବି। ଏ ସବୁ ସୃଷ୍ଟିକର୍ତ୍ତା ସୃଷ୍ଟି କରିଛନ୍ତି ଆମକୁ ଖୁସି କରିବା ପାଇଁ ବିନା କର ଦେଇ ବାୟୁ, ଅଗ୍ନି, ଜଳ ଆକାଶ ସବୁ କିଛି ଦେଇଛନ୍ତି। ମା କହନ୍ତି 'ଭଗବାନଙ୍କୁ ପୂଜା କରିବା, ମନ୍ଦିର ଯିବା, ଭଜନ କରିବା, ଧ୍ୟାନ କରିବା ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ଏସବୁ ସୃଷ୍ଟିକର୍ତ୍ତାଙ୍କୁ କରଦେବା ସଦୃଶ।

ଏ ସମୟରେ ଦେଖିଲି ସୁନ୍ଦର ବଗିଚାର ପାଚେରୀ କଡ଼ରେ ମୁଁ ବସିଥିବା ଜାଗାର ପାଖରେ ଅନାବନା ଦୁବଘାସ ବଢ଼ିଛି ମତେ ଲାଗିଲା ସତେ ଯେପରି କହୁଛି ହେ ମାନବ ଦେଖ ମୋର କି ଅଲୋଡ଼ା ଜୀବନ। ପାଚେରୀ ଘେରା ସୁନ୍ଦର ବଗିଚାରେ ଯେଉଁ ଆଗନ୍ତୁକମାନେ ଆସୁଛନ୍ତି ଓ ବଗିଚାର ଚୌକିରେ ବସିଛନ୍ତି ଗାଲିଚା ପରା ଘାସକୁ ସୁନ୍ଦର କହି ଉପଭୋଗ କରୁଛନ୍ତି, ହେଲେ ମୋର ଜୀବନ କ୍ଷଣସ୍ଥାୟୀ, ମୋ ଉପରେ ମଣିଷ, ଜୀବଜନ୍ତୁ ସବୁ ଚଢ଼ି ଚାଲିଯାଉଛନ୍ତି। କି ତୁଚ୍ଛ ମୋର ଜୀବନ। ଏହି ସମୟରେ ମୋର ଭିତରୁ ସ୍ୱତଃ ବାହାରି ପଡ଼ିଲା ଆରେ ମୁଁ ଏତେ ସମୟ ହେବ କ'ଣ କରୁଛି ? ଆଜିପରା ରଥଯାତ୍ରା ମା କହିଥିଲେ ଆସିବାବେଳେ ଦୁବଘାସ ଆଣିବୁ। ପ୍ରଭୁ ଜଗନ୍ନାଥ ତାଙ୍କ କିରଟୀରେ ଦୁବଘାସ ଲଗାଇବାକୁ ଭାରି ଭଲ ପାଆନ୍ତି ତେଣୁ ଘରେ ଥିବା ଜଗନ୍ନାଥଙ୍କ ମୂର୍ତ୍ତିରେ ସେ ଦୁବଘାସ ପ୍ରଦାନ କରିବେ କହିଥିଲେ। ମୁଁ ସଯତ୍ନେ ଦୁବଘାସକୁ ଉପାଡ଼ିଲି ଓ ମନେ ମନେ ଭାବିଲି ଏ ପୃଥିବୀରେ କିଛି ତୁଚ୍ଛନୁହେଁ। ଭଗବାନ କିଛି ନା କିଛି ଉଦ୍ଦେଶ୍ୟ ରଖି ପ୍ରତ୍ୟେକ ବସ୍ତୁକୁ ସୃଷ୍ଟି କରିଛନ୍ତି କେହି ଛୋଟ ବା ବଡ଼ ନୁହଁନ୍ତି। ସଚରାଚର ଜଗତରେ ସେ ବିଦ୍ୟମାନ। ଏ ଦୁବ, ବଗିଚାରେ ନାହିଁ ବୋଲି ଦୁଃଖ କରିବା ଉଚିତ ନୁହେଁ କାରଣ ବଗିଚାର ଗାଲିଚା ସଦୃଶ ଘାସ ଠାରୁ ମଧ୍ୟ ମହାନ। ଭଗବାନଙ୍କର କିରଟୀରେ ରହି ସେ ତାର ଜନ୍ମର ପୂର୍ଣ୍ଣତା ଲାଭ କରିବ ହେଲେ ମତେ ଅନେକ ସମୟ ବିତାଇବାକୁ ଅଛି ଏ ଜନ୍ମର ସାର୍ଥକତା ପାଇଁ। ଶୀଘ୍ର ଯାଏ ନଚେତ ମା ଅଭିମାନ କରିବେ।


ପ୍ଲଟନଂ-୫ଡି/୧୪୫୦, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬


# ମୁଣ୍ଡ ନେଉଛି ଡ୍ରେନ୍

॥ ରଶ୍ମୀରେଖା ପରିଡ଼ା ॥

ଦୁଇଦିନ ତଳେ କଟକ ବିଡ଼ାନାସୀରେ ଏକ ଅଭାବନୀୟ ଘଟଣାକ୍ରମରେ ଜଣେ କୋମଳମତି ପିଲାର ଜୀବନ ଯାଇଛି। ସେହିପରି ଭୁବନେଶ୍ୱରରେ ଗତବର୍ଷ ଜଣେ କଲେଜରୁ ଫେରୁଥିବା ଛାତ୍ରୀ ଖୋଲା ଡ୍ରେନରେ ପଡ଼ି ଜୀବନ ହାରିଥିଲେ। କେତେବେଳେ ମଣିଷ ତ, ଆଉ କେତେବେଳେ ପଶୁ। କିଛି ଦିନ ବ୍ୟବଧାନରେ ବାରମ୍ବାର ଅଘଟଣ ଘଟୁଛି। କେତେକଙ୍କ ଜୀବନ ବଞ୍ଚିଯାଉଛି ତ ଆଉ କେତେକଙ୍କ ମୃତଦେହ ଉଦ୍ଧାର ହେଉଛି। ଗତ କିଛି ବର୍ଷ ମଧ୍ୟରେ ସହରରେ ଏହିଭଳି ୬ରୁ ଅଧିକ ଘଟଣା ସାମ୍ନାକୁ ଆସିଲାଣି। ଫଳରେ କଟକ ସହର ପାଇଁ ଏବେ ମରଣଯନ୍ତା ପାଲଟିଛି ମୁକୁଳା ଡ୍ରେନ। ଏହାସତ୍ତ୍ୱେ ସିଏମସି କର୍ତ୍ତୃପକ୍ଷ ସ୍ଲାବ ପକାଇବା ବଦଳରେ ନିରବଦ୍ରଷ୍ଟା ସାଜିଛନ୍ତି।

କଟକ ସହରର ଚାରିଆଡ଼େ ମୁକୁଳା ଡ୍ରେନ। ପ୍ରତି ବର୍ଷ ସିଏମସି ଛୋଟ ଡ୍ରେନରେ ସ୍ଲାବ ପକାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି। କିନ୍ତୁ ସଫଳ ମିଳୁନାହିଁ। ଯାହାଦ୍ୱାରା ମୁକୁଳା ଡ୍ରେନ ଯୋଗୁଁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏମିତିକି କଟକ ଭଳି ଚଳଚଞ୍ଚଳ ସହରରେ ସବୁ ଛୋଟ ବଡ଼ ଡ୍ରେନ ମୁକୁଳା। କୌଣସି ସ୍ଥାନରେ କଂକ୍ରିଟ ବାଡ଼ ତ ଦୂର କଥା ଲୁହାବାଡ଼ ଖଣ୍ଡେ ଘେରା ହୋଇନି। ଯାହାଦ୍ୱାରା ନିରୀହ ଲୋକଙ୍କ ଜୀବନ ଯାଉଛି। ଗତ କିଛି ବର୍ଷ ତଳେ ଅନ୍ଦରପୁର ଅଞ୍ଚଳରେ ଜଣେ କାର ଚାଳକ କାର ସହ ଡ୍ରେନରେ ପଡ଼ି ଯାଇଥିଲେ। ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ସେହିଭଳି କିଛି ମାସ ତଳେ ବଜ୍ରକବାଟି ମୁଖ୍ୟ ଡ୍ରେନରୁ ଜଣେ ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର ହୋଇଥିଲା। ଏହାସହ ଲିଙ୍କରୋଡ଼ ଡ୍ରେନ, ନୂଆ ବଜାର ଡ୍ରେନ ଓ ବୃନ୍ଦାବନ ସିନେମା ହଲ ପଛ ପାର୍ଶ୍ୱ ଡ୍ରେନରୁ କ୍ରମାଗତ ଭାବେ ମୃତଦେହ ଉଦ୍ଧାର ହେଉଛି। ସବୁଠୁ ବଡ଼ କଥା ହେଉଛି, ଲୋକମାନେ ଡ୍ରେନରେ ଗଳିବା ପରେ କିଛି ଦିନ ପରେ ଭାସମାନ ଅବସ୍ଥାରେ ମୃତଦେହ ଉଦ୍ଧାର ହେଉଛି ଯାହାଦ୍ୱାରା ସେମାନଙ୍କର ପରିଚୟ ମିଳିବା ଓ ମୃତ୍ୟୁର କାରଣ ମଧ୍ୟ ଜାଣିବା ପୁଲିସ ପାଇଁ କାଠିକର ପାଠ ହେଉଛି। ଯେଉଁଠି ସାମାନ୍ୟ ଜୀବନକୁ ମୂଲ୍ୟବାନ ଭାବେ ଗ୍ରହଣ କରାଯାଇ ବିଭିନ୍ନ ବିଭାଗ ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ସେଠାରେ ସିଏମସିର ଏଭଳି ଅବହେଳା ପାଇଁ ଜୀବନ ଯାଉଥିଲେ ମଧ୍ୟ ଏ ଦିଗରେ ସରକାର କିମ୍ବା କୌଣସି ନେତା କିମ୍ବା ମନ୍ତ୍ରୀ ମୁହଁ ଖୋଲୁନାହାଁନ୍ତି। ସହରର ଅନେକ ସ୍ଥାନରେ ଘର ଆଗରେ ଡ୍ରେନ ଦେଖିବାକୁ ମିଳୁଛି। ବର୍ଷ ବର୍ଷ ଧରି ଯାହାର ଢ଼ାଙ୍କୁଣା ଖୋଲା ପଡୁଛି। ଯାହାଦ୍ୱାରା ମଣିଷ ଓ ବୁଲା ଗୋରୁଗାଈ ମଧ୍ୟ ତା ଭିତରେ ପଡ଼ି ଅକାରଣରେ ଜୀବନ ହରାଉଛନ୍ତି। ସହରକୁ ସୁନ୍ଦର ଓ ରାସ୍ତାକୁ ପ୍ରଶସ୍ତ କରିବା ପାଇଁ ସରକାର ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ତାହା ବାସ୍ତବରେ ପାଣିରେ ପଡୁଛି କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ସରକାର ତୁରନ୍ତ ସହର ତମାମ ମୁକୁଳା ଡ୍ରେନକୁ ବନ୍ଦ କରନ୍ତୁ। ବର୍ଷାଦିନେ ମଧ୍ୟ ଏହାର ଆହୁରି ବିପଦ ବଢ଼ିଯାଏ କାରଣ ରାସ୍ତା ଓ ଖୋଲା ଡ୍ରେନ ଦେଖାଯାଇନଥାଏ। ତେଣୁ ଏ କ୍ଷେତ୍ରରେ ପ୍ରଶାସନର ଦାୟିତ୍ୱ ସହିତ ଆମ୍ଭମାନଙ୍କର ମଧ୍ୟ ଗୁରୁଦାୟିତ୍ୱ ରହିଛି। ଆମ୍ଭେମାନେ ସଚେତନ ହୋଇ ସୂଚନା ଫଳକ ତୁରନ୍ତ ଲଗାଇ ପ୍ରଶାସନକୁ ଜଣାଇବା। ଏହା ସ୍ୱାଭାବିକ ଭାବେ ଜଣେ ଆଦର୍ଶ ନାଗରିକର କର୍ତ୍ତବ୍ୟ।


ମରିଚପୁର, ବାଲିକୁଦା, ଜଗତସିଂହପୁର

## ବିଶ୍ୱ ଯୋଗ ଓ ସଂଗୀତ ଦିବସ ପାଳିତ

ଜୟପୁର, (ମହାଭାରତ) : ଜୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁରଠାରେ ପ୍ରଧାନାଚାର୍ଯ୍ୟ ଶ୍ରୀଯୁକ୍ତ ସତ୍ୟନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଯୋଗ ଦିବସ ସହିତ ବିଶ୍ୱ ସଙ୍ଗୀତ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ପତଞ୍ଜଳୀ ଯୋଗ ସମିତିର ଯୋଗ ଶିକ୍ଷିକା ଶ୍ରୀମତୀ ପୁଷ୍ପାଞ୍ଜଳି ରଥ । ସେହିପରି ସଭାକାର୍ଯ୍ୟରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟର ସଂପାଦକ ଶ୍ରୀଯୁକ୍ତ ବିଜୟ କୁମାର ଭଟ୍ଟ ଏବଂ ସହ ସମ୍ପାଦକ ଶ୍ରୀଯୁକ୍ତ ତପନ କିରଣ ତ୍ରିପାଠୀ ଉପସ୍ଥିତ ଥିଲେ । ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଏହାପରେ ବିଦ୍ୟାଳୟର ଶିଶୁ ଭଉଣୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଶ୍ରୀଯୁକ୍ତ ସେଠୀଙ୍କ ଦ୍ୱାରା ଅତିଥି ପରିଚୟ ପ୍ରଦାନ କରାଯାଇଥିଲା । ସେହିପରି ବିଦ୍ୟାଳୟର ବିଶିଷ୍ଟ ଆଚାର୍ଯ୍ୟ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ମହାପାତ୍ର ଯୋଗ ଦିବସର ଉଦ୍ଦେଶ୍ୟ ବିଷୟରେ ଶିଶୁଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ । ଯୋଗାଭ୍ୟାସର ପ୍ରୋଟୋକୋଲ୍ ଅନୁସାରେ ବିଦ୍ୟାଳୟର ସମସ୍ତ ଶିଶୁ ଓ ଗୁରୁଜୀ ଗୁରୁମାଙ୍କୁ ନେଇ ବିଭିନ୍ନ ଯୋଗମୁଦ୍ରା ପ୍ରଦର୍ଶନ କରାଯାଇଥିଲା । ଶ୍ରୀଯୁକ୍ତ ମହାପାତ୍ର ନିଜର ଉଦ୍ଦେଶ୍ୟ କଥନରେ ଯୋଗାଭ୍ୟାସ କରିବାର ମହତ୍ତ୍ୱ ତଥା ଆଜିର ସମାଜରେ ଏହାର ଆବଶ୍ୟକତା ଓ ବ୍ୟାପକତା ବିଷୟରେ ଶିଶୁଙ୍କ ସମ୍ମୁଖରେ ବ୍ୟାଖ୍ୟା କରିଥିଲେ । ଶ୍ରୀମତୀ ରଥ ଶିଶୁଙ୍କୁ ଯୋଗର ବିଭିନ୍ନ ମୁଦ୍ରାର ଅଭ୍ୟାସ କରିବା ସମୟରେ ତାଙ୍କୁ ସହଯୋଗ କରିଥିଲେ ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ଶ୍ରୀଯୁକ୍ତ ମନୋରଂଜନ ଦାଶ । କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବିଶ୍ୱ ସଂଗୀତ ଦିବସ ଅବସରରେ ଶିଶୁଙ୍କ ମଧ୍ୟରେ ଗଣଗୀତ ସ୍ପର୍ଦ୍ଧା ଆୟୋଜନ କରାଯାଇଥିଲା । ସେହିପରି ଶିଶୁ ଭାଇ ଭଉଣୀମାନଙ୍କ ମଧ୍ୟରେ ବାଦ୍ୟଯନ୍ତ୍ର ବାଦନ କାର୍ଯ୍ୟକ୍ରମ କରାଯିବା ସହିତ ଲୋକନୃତ୍ୟ ପ୍ରଦର୍ଶନ କରାଯାଇଥିଲା । କାର୍ଯ୍ୟକ୍ରମର ପରିଚାଳନା ବିଦ୍ୟାଳୟର ଗୁରୁମା ଶ୍ରୀମତୀ ସରୋଜିନୀ ପାଣିଗ୍ରାହୀଙ୍କ ଦ୍ୱାରା କରାଯାଇଥିଲା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଶ୍ରୀମତୀ ସୁବାସିନୀ ପଟ୍ଟନାୟକ । କାର୍ଯ୍ୟକ୍ରମର ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଏବଂ ସେବକ ସେବିକା ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ ।

## ଏବିଭିପିର ସାପ୍ତାହିକ ବୃକ୍ଷରୋପଣ ଅଭିଯାନ ଆରମ୍ଭ


ବାଲିପାଟଣା, (ମହାଭାରତ)ବାଲିପାଟଣା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ବାଲିପାଟଣା ନଗର ପକ୍ଷରୁ ସ୍ଥାନୀୟ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ସାପ୍ତାହିକ ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ ହୋଇଯାଇଅଛି । ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧି ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ସଫଳତାର ସହ ସମ୍ପନ୍ନ ହୋଇଛି ।ଏହି ଅଭିଯାନରେ ରାଜ୍ୟ ଏସଏଫଡି ସଂଯୋଜକ ପଙ୍କଜ କୁମାର ମହାନ୍ତି, ବାଲିପାଟଣା ନଗର ସଭାପତି ମୁକେଶ ବେହେରା, ଶିଶୁଅନନ୍ତ ମହାବିଦ୍ୟାଳୟ ପରିଷଦ ସଭାପତି ଶୁଭ୍ରାଂଶୁ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶାଶ୍ୱତ କୁମାର ରଥ, ନଗର ସମ୍ପାଦକ ସୌମ୍ୟ ରଞ୍ଜନ ବିଶ୍ୱାଳ, ଶୁଭେନ୍ଦୁ ସାହୁ ଓ ଧୀରଜ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଏବଂ ସ୍ଥାନୀୟ ଯୁବକମାନେ ଯୋଗଦେଇ ବିଭିନ୍ନ ପ୍ରକାରର ଔଷଧୀୟ ଓ ଛାୟାପ୍ରଦ ବୃକ୍ଷ ରୋପଣ କରିଥିଲେ ।ରୋପଣ କରାଯାଇଥିବା ଚାରାଗୁଡ଼ିକର ସୁରକ୍ଷା ଓ ନିୟମିତ ଯତ୍ନ ନେବା ପାଇଁ ସମସ୍ତେ ସଂକଳ୍ପ ଗ୍ରହଣ କରିଥିଲେ । ଆଗାମୀ ଦିନରେ ବାଲିପାଟଣା ନଗରର ବିଭିନ୍ନ ଅଞ୍ଚଳରେ ଏହି ବୃକ୍ଷରୋପଣ ଅଭିଯାନକୁ ଅଧିକ ବ୍ୟାପକ ରୂପେ କରାଯିବ ବୋଲି ଏବିଭିପି ପକ୍ଷରୁ ସୂଚନା ଦିଆଯାଇଛି ।

## ମନ୍ଦିର ପ୍ରତିଷ୍ଠା ପାଇଁ ୨୫୫ କଳସ ଯାତ୍ରା

କୃଷ୍ଣପ୍ରସାଦ, (ମହାଭାରତ ) : ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ବଳରାମପୁର ଗ୍ରାମରେ ରବିବାର ଠାରୁ ୨ ଟି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୋଇଛି । ମା ନାରାୟଣୀ ଏବଂ ତାରିଣୀ ଦେବୀ ଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ନିକଟ ବଙ୍ଗୋପ ସାଗର ରୁ ୨୫୫ ମହିଳା ଜଣେ ଜଣେ ମୁଣ୍ଡରେ କଳସ ନେଇ ବାଦ୍ୟର ତାଳେ ତାଳେ ଏକ ଯାତ୍ରାରେ ମନ୍ଦିର ନିକଟରେ ପହଂଚିଥିଲେ । ଏଭଳି ଆକର୍ଷଣୀୟ କଳସ ଯାତ୍ରା କୌଣସି ଠାରେ ଦେଖା ଯାଇନାହିଁ । ଏହି ପ୍ରତିଷ୍ଠା ଉତ୍ସବ ୨୫ ତାରିଖ ଯାଏଁ ଚାଲିବା ସଭାପତି ରାଜ କିଶୋର ସାହୁ କହିଛନ୍ତି । ଅଙ୍କୁରାପଣ, ଦୀକ୍ଷା ଗ୍ରହଣ, ହେବା ପରେ ପ୍ରତିଦିନ ଘୃତ ଯଜ୍ଞ, ଅର୍ଣ୍ଣ ଯଜ୍ଞ, ହୋମ ଯଜ୍ଞ, ନାମ ଯଜ୍ଞ କରାଯିବ । ମନ୍ଦିର ପ୍ରତିଷ୍ଠା ପରେ ଦେବତା ମହାସ୍ନାନ, ପ୍ରାଣ ପ୍ରତିଷ୍ଠା, ପରେ ଦେବତା ମାନ ଙ୍କୁ ସିଂହାସନ ଆରୋହଣ କରାଯିବା ଆୟୋଜକ ମନେ ପ୍ରକାଶ କରିଛନ୍ତି । ଗ୍ରାମର ସଭାପତି ରଜ କିଶୋର ସାହୁ, ସମ୍ପାଦକ କମଳ କୁମାର ସାହୁ,ସିମାଞ୍ଚଳ ସାହୁ , ବ୍ରଜ କିଶୋର ପ୍ରଧାନ, ସତ୍ୟବାନ ସାହୁ, କେଦାରନାଥ ସାହୁ, ସୁବାସ ଚନ୍ଦ୍ର ମହାରଣା, ଅଭିମନ୍ୟୁ ବିଶ୍ୱାଳ ଏବଂ ପରିଚାଳନା କମିଟି ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଛି ।

## ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ' ବିଷୟବସ୍ତୁ ଉପରେ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬କୁ ଅତ୍ୟନ୍ତ ଉତ୍ସାହର ସହିତ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧିକାରୀ ଓ କର୍ମଚାରୀ, ସିଆଇଏସଏଫ କର୍ମଚାରୀ, ବନ୍ଦର ବ୍ୟବହାରକାରୀ, ଛାତ୍ର, ମହିଳା ଏବଂ ପାରାଦୀପ ସାକ୍ଷରତା ସମିତି ର ସଦସ୍ୟଙ୍କ ସମେତ ୫୦୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ।



ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଏବଂ ଉପାଧ୍ୟକ୍ଷ ଟି.ଭେଣୁ ଗୋପାଳ, ବିଭାଗୀୟ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ, ସାମୂହିକ ଯୋଗ ଅଧିବେଶନରେ ଅଂଶଗ୍ରହଣ କରି ବିଭିନ୍ନ ଯୋଗ ଆସନ କରିଥିଲେ । ଏହି ଅଧିବେଶନ ପ୍ରସିଦ୍ଧ ଯୋଗ ଗୁରୁ ତାପସ ରଞ୍ଜନ ପତିଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା । ଏହି ଅବସରରେ ଅଂଶଗ୍ରହଣକାରୀମାନେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ କୋଲକାତାର ରେଡ ରୋଡରେ ଅନୁଷ୍ଠିତ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସର ଜାତୀୟ ଉତ୍ସବର ସିଧା ପ୍ରସାରଣ ଦେଖିଥିଲେ । ଏହି ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ର ସାମାଜିକ ଶାଖା ପାରାଦୀପ ସାକ୍ଷରତା ସମିତି ସ୍ଥାନୀୟ ସ୍କୁଲ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣରେ ପାରାଦୀପର ଅଫିସର୍ସ କ୍ଲବରେ ଏକ ସ୍ୱତନ୍ତ୍ର ଯୋଗ କାର୍ଯ୍ୟକ୍ରମ ଏବଂ ବୃକ୍ଷରୋପଣ ଅଭିଯାନ ଆୟୋଜନ କରିଥିଲା । ଏହି ପଦକ୍ଷେପ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିଥିଲା ଏବଂ ଯୁବ ପିଢ଼ିଙ୍କୁ ସୁସ୍ଥ ଏବଂ ସ୍ଥାୟୀ ଜୀବନଶୈଳୀ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲା ।

# ସାଂସଦଙ୍କ ସାମ୍ବିଧାନିକ ମର୍ଯ୍ୟାଦାକୁ ଅପମାନ

# ହରିଅନ୍ତା କୃଷି ସମବାୟ ସମିତିର ଅହଂକାର ନା ଅଜ୍ଞତା

ବାରଙ୍ଗ, (ମହାଭାରତ) : କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅଧୀନରେ ଥିବା ହରିଅନ୍ତା ପ୍ରାଥମିକ କୃଷି ସମବାୟ ସମିତି ତାର ନିଜସ୍ୱ ଅର୍ଥରେ ନିର୍ମାଣ କରିଥିବା ନୂତନ ଗୃହ ପାଇଁ ଗତ ୧୯ ତାରିଖରେ ଦିନ ଧାର୍ଯ୍ୟ କରି ଉଦ୍ଘାଟନ କରିବା ପୂର୍ବରୁ ଛପାଯାଇ ବଣ୍ଟନ କରିଥିବା ନିମନ୍ତ୍ରଣକୁ ପତ୍ରକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଅଞ୍ଚଳବାସୀ । ରାଷ୍ଟ୍ରପତିଙ୍କ ସଚିବାଳୟର ପ୍ରୋଟୋକଲକୁ ଫୁ ' କରିଛନ୍ତି ହରିଅନ୍ତା ପ୍ରାଥମିକ କୃଷି ସମବାୟ ସମିତି ପରିଚାଳନା ବୋର୍ଡ । ସାଂସଦଙ୍କୁ କେବଳ 'ଗାରିମାମୟ ଉପସ୍ଥିତି'ର ଆଖ୍ୟା ଦେଇ ଗଣତନ୍ତ୍ରର ସର୍ବୋଚ୍ଚ ପଞ୍ଚାୟତ 'ସଂସଦ'ର ଜଣେ ପ୍ରତିନିଧିଙ୍କ ଆସନ ଏବଂ ପ୍ରୋଟୋକଲ୍ କେଉଁ ସ୍ତର ର ତାହା ବୋଧହୁଏ କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅଧୀନରେ ଥିବା ହରିଅନ୍ତା ପ୍ରାଥମିକ କୃଷି ସମବାୟ ସମିତି ର ପରିଚାଳନା ବୋର୍ଡକୁ ଜଣା ନାହିଁ, ଅବା ଜାଣିଶୁଣି କିଛି କଳୁସିତ ରାଜନୈତିକ କରୁଥିବା ବ୍ୟକ୍ତିଙ୍କ ଇଙ୍ଗିତରେ ଜଣେ ସାଂସଦଙ୍କୁ ସର୍ବସାଧାରଣରେ ଅପମାନିତ କରିବାର ଅପଚେଷ୍ଟା କରାଯାଇଛି । କୃଷି ସମବାୟ ସମିତିର ନୂତନ ଗୃହ ଉଦଘାଟନ ଉତ୍ସବ ପାଇଁ ବଣ୍ଟାଯାଇଥିବା ନିମନ୍ତ୍ରଣ ପତ୍ରରେ ଜଗତସିଂହପୁର ସଂସଦୀୟ କ୍ଷେତ୍ରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ବିଭୁ ପ୍ରସାଦ ତରାଇଙ୍କ ପ୍ରତି ଯେଉଁଭଳି ମନୋଭାବ ପ୍ରଦର୍ଶନ କରାଯାଇଛି, ତାହାକୁ ନେଇ ଏବେ ସ୍ଥାନୀୟ ସାଂସଦଙ୍କୁ ଭଲ ପାଉଥିବା ଓ ସମ୍ମାନ ଦେଉଥିବା ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ୧୯୭୯ ଜୁଲାଇ ୨୬ ରେ ରାଷ୍ଟ୍ରପତିଙ୍କ ସଚିବାଳୟର ନିୟମ ଅନୁଯାୟୀ ଓ ରାଷ୍ଟ୍ରପତିଙ୍କ ସଚିବାଳୟ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ ଅଛି ଯେ ଯେତେବେଳେ କୌଣସି ପ୍ରମୁଖ ରାଜ୍ୟ କିମ୍ବା ସରକାରୀ କାର୍ଯ୍ୟକ୍ରମକୁ ସଂସଦ ସଦସ୍ୟ ସାଂସଦ (ଏମ.ପି.) ମାନଙ୍କୁ ସାମୂହିକ ଭାବେ ନିମନ୍ତ୍ରଣ କରାଯାଏ, ସେତେବେଳେ ସେମାନଙ୍କ ପାଇଁ ସଂରକ୍ଷିତ ଆସନ ଦେଶର ପ୍ରଧାନ ବିଚାରପତି , ଲୋକସଭା ବାଚସ୍ପତି ଏବଂ ରାଷ୍ଟ୍ରଦୂତମାନଙ୍କ ଆସନ ପାଖାପାଖି ହେବା ଉଚିତ । ଜଣେ ସାଂସଦଙ୍କ ସରକାରୀ ପ୍ରୋଟୋକଲ୍ ଏତେ ଉଚ୍ଚରେ ଥିବାବେଳେ, ହରିଅନ୍ତା କୃଷି ସମବାୟ ସମିତି ଏହାକୁ ବେଖାତିର କରିଛି । ସରକାରୀ ଅନୁଦାନ ଓ ନିୟମରେ ଚାଲୁଥିବା ଏହି ସମବାୟ ସମିତି ଉଦ୍ଘାଟନ ନିମନ୍ତ୍ରଣରେ ପ୍ରୋଟୋକଲ୍ ?ର ବଳି ପକେଇଛି । ସମବାୟ ସମିତିର ନୂତନ ଗୃହ ଉଦଘାଟନୀ ନିମନ୍ତ୍ରଣ ପତ୍ରରେ ସାଂସଦଙ୍କୁ ମୁଖ୍ୟ ଅତିଥି , ମୁଖ୍ୟ ଉଦ୍ଘାଟକ ବା ସମ୍ମାନିତ ଅତିଥି ଭାବେ ରଖିବା ପରିବର୍ତ୍ତେ, କେବଳ 'ଗାରୀମାମୟ ଉପସ୍ଥିତି' ବୋଲି ଲେଖି କାର୍ଯ୍ୟକ୍ରମରୁ ଦୂରେଇ ରଖିବାର ଏକ ସାଂଘାତିକ ଚକ୍ରାନ୍ତ ବୋଲି ମନେ କରାଯାଇଥିବା ପରିଲିଖିତ ହେଉଛି । ପ୍ରୋଟୋକଲ୍ ଅନୁଯାୟୀ ଗୋଟେ ସରକାରୀ ଗୃହର ଶୁଭ ଉଦ୍ଘାଟନ ବା ପ୍ରମୁଖ ଦାୟିତ୍ୱ ସାଂସଦଙ୍କ ହେବା ପରିବର୍ତ୍ତେ, ମାନ୍ୟବର ସାଂସଦଙ୍କୁ କେବଳ ଏକ 'ଦର୍ଶକ' ସଜାଇବାକୁ ସମବାୟ ସମିତି ପରିଚାଳନା ବୋର୍ଡ ଚେଷ୍ଟା କରିଛି । ଏହା କେବଳ ଜଣେ ବ୍ୟକ୍ତି ବିଶେଷଙ୍କ ପ୍ରତି ଅସମ୍ମାନ ନୁହେଁ, ବରଂ ଜଗତସିଂହପୁର ସଂସଦୀୟ କ୍ଷେତ୍ରର ସମଗ୍ର ଜନସାଧାରଣ ଓ ଭାରତୀୟ ସମ୍ବିଧାନର ପ୍ରୋଟୋକଲ ପ୍ରତି ଏକ ଶକ୍ତ ଚାପୁଡ଼ା । ସ୍ଥାନୀୟ କିଛି ରାଜନୈତିକ ବ୍ୟକ୍ତିଙ୍କ କ୍ଷମତାରେ ଅନ୍ଧ ହୋଇ ପରିଚାଳନା ବୋର୍ଡ ସରକାରୀ ଗାଇଡଲାଇନକୁ ଉଲ୍ଲଂଘନ କରି କେଉଁ ଆଧାରରେ ଏଭଳି ନିମନ୍ତ୍ରଣ ପତ୍ର ଛାପିଥିଲା ଏବଂ ଅଞ୍ଚଳରେ ବଣ୍ଟନ କରିଥିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଏ ନିମନ୍ତ୍ରଣ ପତ୍ର ବିଷୟରେ ଅଞ୍ଚଳ ପାଇଁ ଓ ଜିଲ୍ଲାସ୍ତରରେ ନିଯୁକ୍ତି ପାଇଥିବା ମାନ୍ୟବର ସାଂସଦ ଙ୍କ ପ୍ରତିନିଧି କିପରି ଜାଣି ଚୁପ୍ ବସିଥିଲେ ସେ ନେଇ ବି ପ୍ରଶ୍ନ ସୃଷ୍ଟି କରିଛି । ସମବାୟ ସମିତିର କିଛି ଅଧିକାରୀ କେଉଁ ସ୍ୱାର୍ଥରେ ଓ କାହାର ରାଜନୈତିକ ଇଶାରାରେ ସାଂସଦଙ୍କ ମର୍ଯ୍ୟାଦାକୁ କ୍ଷୁଣ୍ଣ କଲେ, ତାହାର ତଦନ୍ତ ହେବା ଆବଶ୍ୟକ । ଜଣେ ସାଂସଦଙ୍କ ସାମ୍ବିଧାନିକ ଅଧିକାର ଓ ସମ୍ମାନକୁ ଭୂଲୁଣ୍ଠିତ କରୁଥିବା ଏହି ସମବାୟ ସମିତିର ପରିଚାଳନା ବୋର୍ଡ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଜନସାଧାରଣ ଏବଂ ସଚେତନ ନାଗରିକ ଦାବି କରିଛନ୍ତି ।

## ଗଣିଆ ବ୍ଲକ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ




ଗଣିଆ, ୨୧/୬ (ମହାଭାରତ): ଗଣିଆ ବ୍ଲକ ପରିସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଆନୁକୂଲ୍ୟରେ ୧୨ ତମ ଅନ୍ତର୍ଜାତୀୟ ଯୋଗ ଦିବସ ବେଶ୍ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇ ଥିଲା । ଆୟୋଜିତ ସ୍ୱତନ୍ତ୍ର ଯୋଗ ଶିବିରରେ ବହୁ ସଂଖ୍ୟାରେ ସ୍ଥାନୀୟ ଜନପ୍ରତିନିଧି, ସରକାରୀ ଅଧିକାରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ସମାରୋହରେ ଗଣିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲବଣ୍ୟାନ୍ଦୁ ମହାନ୍ତି ଏବଂ ସିଡ଼ିପିଓ ଉଷାରାଣୀ ସାହୁ ପ୍ରମୁଖ ଯୋଗଦେଇ ଯୋଗର ଆବଶ୍ୟକତା ଓ ମାନସିକ ତଥା ଶାରୀରିକ ସୁସ୍ଥତା ଉପରେ ଆଲୋକପାତ କରିଥିଲେ । ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗୀୟ କର୍ମକର୍ତ୍ତା ଓ ସ୍କୁଲର ଛାତ୍ରଛାତ୍ରୀମାନେ ଏହି ଶିବିରରେ ଉପସ୍ଥିତ ରହି ଶୃଙ୍ଖଳିତ ଭାବେ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମର ଅଭ୍ୟାସ କରିଥିଲେ । ଜୀବନଶୈଳୀରେ ଯୋଗକୁ ସାମିଲ କରି ନିରୋଗ ରହିବା ପାଇଁ ଏହି ଅବସରରେ ସଂକଳ୍ପ ନିଆଯାଇଥିଲା ।ଏଥିରେ ଖେଳ ଶିକ୍ଷକ ଶେଷ ଦେବ ରାଉତ,ସୁଭାଶିଷ ମିଶ୍ର,ବିଜୟଲକ୍ଷ୍ମୀ ରାଉତ ପ୍ରଶିକ୍ଷକ ଭାବେ ଯୋଗ ଶିବିରର୍ଥୀ ଙ୍କୁ ପ୍ରାଣାୟାମ ଓ ଆସନ ଶିକ୍ଷା ଦାନ କରିଥିଲେ ।

## ଆନ୍ତର୍ଜାତିକ ଅବୈଧ ନିଶା ବିରୋଧୀ ଦିବସ ପାଇଁ ପାରାଦୀପରେ ପ୍ରସ୍ତୁତି ବୈଠକ

ପାରାଦୀପ, (ମହାଭାରତ) : ଆସନ୍ତା ଜୁନ ୨୬ ତାରିଖରେ ପାଳିତ ହେବାକୁ ଥିବା ଆନ୍ତର୍ଜାତିକ ନିଶାଦ୍ରବ୍ୟ ବ୍ୟବହାର ଓ ଅବୈଧ ଚୋରାଚାଲାଣ ବିରୋଧୀ ଦିବସ ଅବସରରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଇଣ୍ଟରନ୍ୟାସନାଲ ହୋଟେଲ ପରିସରରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଡ୍ରଗ୍ସ ନିଶା ବିରୋଧରେ ନିରନ୍ତର କାର୍ଯ୍ୟ କରୁଥିବା ବାଣୀଧାରା ଚାରିଟେବୁଲ ଟ୍ରଷ୍ଟର ସାମାଜିକ ଅନୁଷ୍ଠାନ "ୱାଦା ପରିବାର" କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତରେ ନିଶାଦ୍ରବ୍ୟ ବିରୋଧୀ ସଚେତନତା ସୃଷ୍ଟି କରିଆସୁଛି । ସମାଜ ଉପରେ ଡ୍ରଗ୍ସର କୁପ୍ରଭାବ ରୋକିବା, ଯୁବପିଢ଼ୀଙ୍କୁ ନିଶାମୁକ୍ତ ଜୀବନ ପ୍ରତି ପ୍ରେରିତ କରିବା ସହ ଦେଶପ୍ରେମ ଓ ସମାଜସେବା ଭାବନା ଜାଗ୍ରତ କରିବା ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ ରହିଛି । ଚଳିତ ବର୍ଷ ଜୁନ ୨୬ ତାରିଖ ସନ୍ଧ୍ୟା




୫ଟାରେ ପାରାଦୀପ ସ୍ଥିତ ଜୟଦେବ ସଦନ ଠାରେ ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳନ କରାଯିବ । ଏହି ଅବସରରେ ସାଧାରଣ ଜନତାଙ୍କ ମଧ୍ୟରେ ଡ୍ରଗ୍ସ ନିଶାର ଭୟାବହ ପରିଣାମ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା ଏବଂ ବିଭିନ୍ନ କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ କରାଯାଇଥିଲା । ବୈଠକରେ କ୍ୟାପଟେନ ପ୍ରେମାନନ୍ଦ ରାଉତ ପୌରାହିତ୍ୟ କରିଥିବା ବେଳେ ୱାଦାର ସଂଯୋଜକ ଆଡ଼େଭାକେଟ ଗତିକୃଷ୍ଣ ଶତପଥୀ, ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା ଏବଂ ସମାଜସେବୀ ତଥା ପାରାଦୀପ କଲେଜ ଏନସିସି ଆଲୁମ୍ନି ଆସୋସିଏସନର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ । ଏହା ସହ ୱାଦାର ସଦସ୍ୟବୃନ୍ଦ, ପାରାଦୀପର ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ସମାଜସେବୀ ଏବଂ ସାମ୍ବାଦିକମାନେ ଯୋଗଦେଇ ଡ୍ରଗ୍ସ ନିଶା ବିରୋଧୀ ସଚେତନତା ସୃଷ୍ଟି ଓ କାର୍ଯ୍ୟକ୍ରମର ସଫଳ ଆୟୋଜନ ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ ।

## ଯୁବକଙ୍କୁ ମୃତ୍ୟୁ ସନ୍ଦେହ ଜନକ

କପ୍ତିପଦା, (ମହାଭାରତ ) : ସକାଳୁ ସକାଳୁ ଏକ ଦୁଃଖଦ ଖବର ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅଂଚଳ ରୁ ଆସିଛି...କପ୍ତିପଦା ଥାନା ବାଘିଆ ଗଡି ଗ୍ରାମର କାହ୍ନକ୍ଷ ହେମ୍ବ୍ରମ ସ୍ତ୍ରୀ ପାଇଁ ଆଣିଥିବା ନୂଆ ଶାଢୀରେ ଫାସୀ ଦେଇ ଆତ୍ମ ହତ୍ୟା କରିଛନ୍ତି । ବାଘିଆ ଗଡି ଗ୍ରାମର ଜଗନ୍ନାଥ ହେମ୍ବ୍ରମ ଙ୍କ ପୁଅ କାହ୍ନକ୍ଷ ହେମ୍ବ୍ରମ( ୨୪ ) ଯେ କି ଖୁଣ୍ଟା ଥାନା ଅଧିନସ୍ଥ ଭୋଲା ଗଡିଆ ପଂଚାୟତର ନୂଆଗାଁ ଗ୍ରାମର ବୁଧୁ ସିଂ ଙ୍କ ଝିଅ ପାର୍ବତୀ ସିଂ ଙ୍କୁ ଗତ ୭ ଦିନ ତଳେ ଭଲ ପାଇ ଘରକୁ ନେଇ ଆସିଥିଲେ । କାହ୍ନା ହେମ୍ବ୍ରମ ସାନ୍ତାଳୀ ସମ୍ପ୍ରଦାୟ ର ହୋଇଥିବା ବେଳେ- ପାର୍ବତୀ ସିଂ କୋହ୍ଲ ସମ୍ପ୍ରଦାୟ ର ଥିଲେ,ତେବେ ଜଣେ କୋହ୍ଲ ସମ୍ପ୍ରଦାୟ ର ଝିଅ ସାନ୍ତାଳୀ ସମ୍ପ୍ରଦାୟକୁ ଆସିବା ପାଇଁ ହେଲେ, ସାନ୍ତାଳୀ ସମ୍ପ୍ରଦାୟ ର ପ୍ରଥା ଅନୁସାରେ ଗ୍ରାମକୁ ୩ ହଜାର ଟଙ୍କା, ଗୋଟିଏ ବୋଦା, ଗୋଟିଏ କୁକୁଡ଼ା ଗଂଜା,ତଥା ଅନ୍ୟାନ୍ୟ ପୂଜା ସାମଗ୍ରୀ ଦେବା ସହ,ଗ୍ରାମବାସୀ ଙ୍କୁ ଭୋଜି ଦେବା ପାଇଁ ହାଣ୍ଡିଆ ହାଣ୍ଡି ଦେବା ପାଇଁ ଗ୍ରାମର ମୁଖିଆ କହିଥିଲେ,ତେବେ ଇତି ମଧ୍ୟରେ କାହ୍ନକ୍ଷ ଙ୍କ ବଡ଼ ଭାଇ ଝିଅର ପରିବାର କୁ ଦୁଇ ଲକ୍ଷ ଟଙ୍କା ଡିମାଣ୍ଡ କରିଥିଲେ । କାହ୍ନକ୍ଷ ଜଣେ ଶ୍ରମିକ ଶ୍ରେଣୀ ର ହୋଇଥିବା ବେଳେ ଗ୍ରାମ ନିକଟରେ ଥିବା ଏକ ଟ୍ରାକ୍ଟର ରେ ଲେବର ହିସାବରେ କାର୍ଯ୍ୟ କରୁଥିଲେ । ଗତ କାଲି କପ୍ତିପଦାର ସାପ୍ତାହିକ ହାଟବାରି ଥିବା ଯୋଗୁଁ ଗାଡି ମାଲିକ ତାଙ୍କ କାର୍ଯ୍ୟ ର ପାଉଣା ଦେଇଥିଲେ,ତେବେ କାହ୍ନକ୍ଷ ଗାଡି ମାଲିକଙ୍କ ଠାରୁ ନିଜର ପରିଶ୍ରମ ର ଟଙ୍କା ପାଇବା ପରେ ପତ୍ନୀ ଙ୍କ ପାଇଁ ହାଟରୁ ଏକ ନୂଆ ଶାଢ଼ୀ କିଣିବା ସହ ହାଟରୁ ମାଛ ନେଇ ଘରକୁ ଯାଇଥିଲେ ଓ ଶ୍ରଦ୍ଧା ରେ ପତ୍ନୀ ଙ୍କୁ ଶାଢ଼ୀ ଟି ଦେଇ ମାଛ ଭାଜିବା ପାଇଁ କହିଥିଲେ.. ଶାଢ଼ୀ ଟି ଉଭୟ ଦେଖି ଘର ଭିତରେ ରଖିଥିଲେ । ସ୍ତ୍ରୀ ମାଛ ଭାଜିବା ପରେ ଜଗନ୍ନାଥ ଉକ୍ତ ମାଛ ଭଜାକୁ ଖାଇଥିଲେ, ତେବେ ହଠାତ କାହା ଘରେ ପଶି ଭିତରୁ କବାଟ ବନ୍ଦ କରି ଦେଇ ସ୍ତ୍ରୀ ପାଇଁ ଆଣିଥିବା ନୂଆ ଶାଢ଼ୀ ରେ ବେକରେ ଫାସୀ ଦେଇ ଝୁଲି ପଡ଼ିଥିଲେ ।

## କଣିହାଁ ଅନୁସୂଚିତ ଜାତି-ଜନଜାତି ସଂଘର ବୈଠକ ଅନୁଷ୍ଠିତ

କଣିହାଁ, (ମହାଭାରତ ) : ରବିବାର ସକାଳ ୧୦ ଘଟିକା ସମୟରେ କଣିହାଁ. ବିଜିଗୋଳ. କମରେଈ ଗଦାଶିଳା ଆଦି ପଞ୍ଚାୟତର ସଦସ୍ୟ ମାନଙ୍କୁ ନେଇ ଏନଟିପିସି ଏସି ଏସ୍‌ଟି ଏମ୍ପ୍ଲୋୟୀ ୱେଲଫେୟାର ଆସୋସିଏସନ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ପଞ୍ଚାୟତ ସ୍ତରରେ ସଂଗଠନକୁ କିପରି ଅଧିକ ସୁଦୃଢ଼ କରାଯାଇପାରିବ, ସେନେଇ ବିଶେଷ ଚର୍ଚ୍ଚା ହୋଇଥିଲା ।
ବୈଠକରେ ପ୍ରତ୍ୟେକ ପଞ୍ଚାୟତରୁ ଦୁଇଜଣ ସକ୍ରିୟ କର୍ମୀଙ୍କୁ ବାଛି ପ୍ରତ୍ୟେକ ପଞ୍ଚାୟତରେ ସଭା ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଗଲା,ସଂଘର ପ୍ରତ୍ୟେକ ସଦସ୍ୟଙ୍କ ଠାରୁ ମାସିକ ୫୦ ଟଙ୍କା ସଦସ୍ୟ ଶୁଳ୍କ ଆଦାୟ କରାଯିବାକୁ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆଗଲା ସଂଘର ସଭାପତି ପ୍ରଦୀପ କୁମାର ବେହେରା ଓ ସମ୍ପାଦକ ଅରୁଣ କୁମାର ନାଏକ ସାଗର ସେଠିଙ୍କ ନେତୃତ୍ୱରେ ଆୟୋଜିତ ଏହି ସଭାରେ ବଳରାମ ନାଏକ, ବିଜୟ କୁମାର ବେହେରା, ବିଜୟ କୁମାର ନାଏକ, ରାଉତରା ନାଏକ, ପ୍ରଭାକର ନାଏକ, ପଦ୍ମ ଚରଣ ନାଏକ, କୁମୁଦ ନାନ୍ଦନ ନାଏକ,ଡାକ୍ତର ନାଏକ, ଶରତ ନାଏକ, ପ୍ରଦୀପ କୁମାର ନାଏକ, ଭାଗିରଥି ନାଏକ,ଡିବିଏସ କୁମାର ବେହେରା, ଅମର ନାଏକ, ଟୁନା ନାଏକ,ଓ ବଳଭଦ୍ର ନାଏକଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ । ସଂଘର ସାଙ୍ଗଠନିକ ସୁଦୃଢ଼ତା ସହ ବିଭିନ୍ନ ସାମାଜିକ ଓ ସଂଗଠନାତ୍ମକ ବିଷୟରେ ଆଲୋଚନା କରାଯାଇଥିଲା ।

## ଆନ୍ଧ୍ର ଅଳିଆ ଅବର୍ଜନା ପକଯାଉଛି ଓଡ଼ିଶାରେ

ଗଜପତି, (ମହାଭାରତ) : ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ପୁରୁଣାପାଟଣାର ଅଳିଆ ଅବର୍ଜନା ଆଣି ଓଡ଼ିଶାର ମହେନ୍ଦ୍ରତନୟା ନଦୀତଟରେ ପକାଯାଉଛି । ଆଗରୁ ହିଁ ଆନ୍ଧ୍ରର କୁପଦୃଷ୍ଟି ରହିଛି ଓଡ଼ିଶା ଉପରେ । ଆନ୍ଧ୍ରର ପାତପାତାନମ ଗ୍ରାମ ର ସଂଗୃହିତ ମଇଳା ଓ ବିଭିନ୍ନ ଅପବ୍ୟହୃତ୍ ବିଷାକ୍ତ ପର୍ଯ୍ୟବସ୍ତୁ ପ୍ରତିଦିନ ଅଣାଯାଇ ପାରଳା ସହର ଲାଗିରହିଥିବା ମହେନ୍ଦ୍ରତନୟା ନଦୀ ରେ ପକାଇଯାଉଛି ଯାହାଦ୍ୱାରା ନଦୀର ପାଣି ପ୍ରଦୂଷିତ ହେବା ସହ ପରିବେଶ ଉପରେ କୁ ପ୍ରବାହ ପଡୁଥିଛି । ଏହି ଖବର ପାଇ ପାରଳା ବିଧାୟକ ରୂପେସ ପାଣିଗ୍ରାହୀ ଜିଲ୍ଲାପାଳ ଙ୍କୁ ଅବଗତ କରାଇଥିଲେ । ଦିନ ଆଜି ସେହି ସ୍ଥାନକୁ ଯାଇ ସ୍ଥିତି ପରିଖିଛନ୍ତି ।

# ବିଲେଇପଦାରେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ୍, ଲୋକେ ଅଣନିଶ୍ୱାସୀ

ଯୋଡ଼ା, (ମହାଭାରତ) : ଯୋଡ଼ା ସ୍ଥିତ ୫୨୦ ନମ୍ବର ଜାତୀୟ ରାଜପଥର ବିଲେଇପଦା ରାସ୍ତା କିଛି ମାସ ହେବ ଖଣିଜ ବୋଝେଇ ଟ୍ରକ୍ କବଜାରେ ରହିଛି । ରାସ୍ତାରେ ଘଣ୍ଟା ଘଣ୍ଟା ଧରି ଟ୍ରକ୍ ଦ୍ୱାରା ବେଆଇନ ପାର୍କିଂ ଓ ଟ୍ରାଫିକ ଜାମ୍ ଯୋଗୁଁ ଲୋକେ ଯାତାୟାତ ସମୟରେ ଫସି ରହୁଛନ୍ତି । ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ନୋ- ଏଣ୍ଟ୍ରି ସମୟକୁ କେହି ମାନୁନଥିବା ସାଧାରଣରେ ଅଭିଯୋଗ ହେଉଛି । ରିମୁଲି - ରାଜାମୁଣ୍ଡା ୫୨୦ ନମ୍ବର ଜାତୀୟ ରାଜପଥ ହେଉଛି ଖଣିଜ ପରିବହନର ମୁଖ୍ୟ ରାସ୍ତା । ପ୍ରତିଦିନ ଉକ୍ତ ରାସ୍ତାରେ ପ୍ରାୟ ୪୦ ହଜାରରୁ ଉର୍ଦ୍ଧ୍ୱ ଟ୍ରକ୍ ଯାତାୟାତ କରୁଛନ୍ତି । ମାତ୍ର ପ୍ରଶାସନର ଅଣଦେଖା ଯୋଗୁଁ ବିଶେଷକରି ବିଲେଇପଦା ଅଞ୍ଚଳରେ ବେଆଇନ ଟ୍ରକ୍ ପାର୍କିଂ,ବେପରୁଆ ଗାଡ଼ି ଚାଳନା, ରଙ୍ଗ ରୁଟରେ ଦ୍ରୁତ ଗତିରେ ଗାଡି ଚାଳନା ପ୍ରଭୃତି ବୃଦ୍ଧି ପାଉଛି । ଲହଣ୍ଡା ଠାରୁ ବିଲେଇପଦା ପର୍ଯ୍ୟନ୍ତ ଏହି ବେପରୁଆ ଗାଡ଼ି ଚାଳନା ଯୋଗୁଁ ଲୋକେ ଅଣନିଶ୍ୱାସୀ ହୋଇ




ପଡୁଛନ୍ତି । ବିଲେଇପଦା ଠାରୁ ମୁର୍ଗା ପର୍ଯ୍ୟନ୍ତ ଏବଂ କଣ୍ଡରା ଟୋଲ୍ ଗେଟ୍ ପର୍ଯ୍ୟନ୍ତ ପ୍ରତିଦିନ ରାସ୍ତା ଜାମ୍ ରହୁଛି । ଯାହାଫଳରେ ରାସ୍ତାରେ ଆମ୍ବୁଲାନ୍ସ, ସ୍କୁଲ ବସ, ଯାତ୍ରୀ ବାହୀ ବସ, ବାଇକ ଆରୋହୀ, ଛୋଟ ଯାନବାହନରେ ଯାଉଥିବା ଲୋକେ ରାସ୍ତା ଜାମରେ ଘଣ୍ଟା ଘଣ୍ଟା ଧରି ଫସି ରହୁଛନ୍ତି । ବିଭିନ୍ନ ସମୟରେ ଏଥିପାଇଁ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ହାନୀ ଘଟୁଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଦିନ ବେଳେ ଭାରୀଯାନ ଚଳାଚଳରେ ନୋ - ଏଣ୍ଟ୍ରି ସମୟ ଲାଗୁ କରାଯାଉଥିଲେ ହେଁ ଏଥିପ୍ରତି ପ୍ରଶାସନ କଡାକଡି କରୁନାହିଁ । ଯାହାଦ୍ୱାରା ଏହି ଜାତୀୟ ରାଜପଥରେ ଯାତାୟାତ ସମୟରେ ଜନ ଜୀବନ ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣାର ଆଶଙ୍କା ରହୁଛି । ଘରୁ ବାହାରିଲା ପରେ ଲୋକେ କିପରି ସୁରକ୍ଷିତ ଭାବେ ଘରକୁ ଫେରିବେ ସେ ନେଇ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି । ଖଣି ଖନନ ନାମରେ ବିଭିନ୍ନ ଖଣି କମ୍ପାନୀ ମାନେ ବେଧଡକ ଭାବେ ଖଣିଜ ପରିବହନ କରୁଛନ୍ତି । ଖଣିରୁ ଖଣିଜ ବୋଝେଇ ହୋଇ ଟ୍ରକ୍ ଗୁଡ଼ିକ ଗନ୍ତବ୍ୟ ସ୍ଥଳକୁ ବାହାରିବା ପରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବିଭିନ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରିବା ପାଇଁ ପ୍ରଶାସନ ଖଣି କମ୍ପାନୀ ଗୁଡିକୁ ନିର୍ଦ୍ଦେଶ ଦେଇଥିଲେ ହେଁ କୌଣସି ଖଣି କମ୍ପାନୀ ଓ ଶିଳ୍ପ ସଂସ୍ଥା ଏହାକୁ ମାନୁ ନାହାଁନ୍ତି । ଏଦିଗରେ ପ୍ରଶାସନ ଦୃଷ୍ଟି ନ ଦେଲେ ଏହି ଜାତୀୟ ରାଜପଥର ଏହି ସବୁ ଅଞ୍ଚଳ ଲୋକ ମାନଙ୍କ ପାଇଁ ଯିବା ଆସିବାରେ ଆହୁରି ଦୁର୍ଦ୍ଦଶା ବୃଦ୍ଧି ପାଇବ ଏବଂ ଦୁର୍ଘଟଣାରେ ସମ୍ମୁଖୀନ ହେବେ । ଜନ ଜୀବନ ସୁରକ୍ଷା ପାଇଁ ଟ୍ରାଫିକ ନିୟମ, ପାର୍କିଂ, ନୋ - ଏଣ୍ଟ୍ରି ନିୟମକୁ ପ୍ରଶାସନ କଡ଼ାକଡ଼ି କରିବା ପାଇଁ ଜନ ସାଧାରଣରେ ଦାବି ହେଉଛି । ଅନ୍ୟପକ୍ଷରେ ଜଣାପଡ଼ିଛି ଯେ, ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ଜାତୀୟ ରାଜପଥରେ ଅବୈଧ ପାର୍କିଂ, ଢାବା ଓ ହୋଟେଲକୁ ଉଚ୍ଛେଦ କରିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି । ଏହି ନିର୍ଦ୍ଦେଶ ପାଳନ କରିବା ପାଇଁ ସୁପ୍ରିମକୋର୍ଟ ୬୦ ଦିନ ସମୟ ଦେଇଛନ୍ତି । ଏହାକୁ କଡ଼ା କଡ଼ି ପାଳନ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଇତି ମଧ୍ୟରେ ଏକ ମାସ ବିତିଗଲାଣି ମାତ୍ର ଏ ପର୍ଯ୍ୟନ୍ତ ପରିବହନ ବିଭାଗ ପକ୍ଷରୁ କୌଣସି ପ୍ରକ୍ରିୟା ଆରମ୍ଭ କରାଯାଇ ନାହିଁ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ବିଧାୟକ ବାଣ୍ଟିଲେ ଅନ୍ନପୂର୍ଣ୍ଣା କାର୍ଡ



ରାଉରକେଲା,: ସେକ୍ଟର ୨୦ସ୍ଥିତ ନେହେରୁପାଲୀ ଠାରେ ଶିବ ପରିବାର ସ୍ୱୟଂ ସହାୟକ ଗୋଷ୍ଠୀ ର ପିଡିଏସ ଦୋକାନରେ ରାଜ୍ୟ ସରକାରଙ୍କର ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ର ହିତାଧିକାରୀ ମାନଙ୍କୁ ନୂତନ କାର୍ଡ ବିଭିନ୍ନ କରାଯାଇଥିଲା । ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଏହି କାର୍ଯ୍ୟକ୍ରମର ଉଦଘାଟନ କରିଥିଲାବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ଦିଲିପ ରାୟଙ୍କ ପ୍ରତିନିଧି ରଞ୍ଜିତ ନାୟକ, ଅତିରିକ୍ତ ବେସାମରିକ ଯୋଗାଣ ଅଧିକାରୀ ଜ୍ୟୋସ୍ନାରାଣୀ କର୍ଣ୍ଣ, ସହକାରୀ ଯୋଗାଣ ଅଧିକାରୀ ମଙ୍ଗଲ ସିଂ,ଯୋଗାଣ ନୀରିକ୍ଷକ ନିହାର ରଞ୍ଜନ ମହାପାତ୍ର,ଅନୁସୂୟା ନାୟକ, ରାଉରକେଲା ସରକାରୀ ଖୁଚୁରା ଦୋକାନୀ ସଂଘର ସାଧାରଣ ସମ୍ପାଦକ ଦଣ୍ଡହରି ସାମଲ, ବିଜେପି ନିର୍ମଳ ମୁଣ୍ଡା ମଣ୍ଡଳର ସଭାନେତ୍ରୀ ରଞ୍ଜିତା କିସପୋଟା, ବିଧାୟକ ପ୍ରତିନିଧି ସନ୍ତୋଷ ବିରାଟ,ଅଜୟ କଂସାରୀ, ମନୋଜ ପଟ୍ଟନାୟକ,ଦୀପକ ସାହୁ, ପ୍ରଶାନ୍ତ ନାୟକ, ପ୍ରଦୀପ ଜେନା, ପ୍ରଶାନ୍ତ ଦାସ, ଅଶୋକ ଜୟସିଂହ,ସୁଦିପ୍ତା ଦାସ, ମିଶ୍ର ଖଟାଲ ର ସଭାପତି ରମେଶ ଯାଦବ, ରୀତା ମହାପାତ୍ର,ଶିବ କୁମାରୀ,ଏକତା କ୍ଲଷ୍ଟର ର କୋଷାଧ୍ୟକ୍ଷ ପ୍ରମୋଦିନୀ ଦାସଙ୍କ ସହିତ ହିତାଧିକାରୀ ମାନେ ଯୋଗଦେଇଥିଲେ ।

## କାଠପୋଲ ଭରସାରେ ବିଅରପାଙ୍ଗାବାସୀ

ଘୁ.ଉଦୟଗିରି : ସ୍ୱାଧୀନତାର ୭୮ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କନ୍ଧମାଳଜିଲ୍ଲାଘୁ.ଉଦୟଗିରି ବ୍ଲକ ରାଇକଲା ପଞ୍ଚାୟତର ୧ ନମ୍ବର ୱାର୍ଡ ଅନ୍ତର୍ଗତ ବିଅରପାଙ୍ଗା ଗ୍ରାମର ଲୋକମାନେ ମୌଳିକ ଯାତାୟାତ ସୁବିଧାରୁ ବଞ୍ଚିତ ରହିଛନ୍ତି । ଗ୍ରାମକୁ ସଂଯୋଗ କରୁଥିବା ଏକମାତ୍ର ପୋଲ ଭାଙ୍ଗିବାକୁ ଦୀର୍ଘ ୯ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ମରାମତି କିମ୍ବା ପୁନଃର୍ନିର୍ମାଣ ହୋଇନଥିବାରୁ ଗ୍ରାମବାସୀ ଚରମ ଦୁର୍ଦ୍ଦଶାରେ ଜୀବନଯାପନ କରୁଛନ୍ତି । ମୁଖ୍ୟ ରାସ୍ତାଠାରୁ ପ୍ରାୟ ୨ କିଲୋମିଟର ଦୂରରେ ଅବସ୍ଥିତ ବିଅରପାଙ୍ଗା ଗ୍ରାମକୁ ସଂଯୋଗ କରୁଥିବା ବ୍ରିଜଟି 'ତିତିଲି' ବାତ୍ୟା ସମୟରେ ଭାଙ୍ଗିଯାଇଥିଲା । ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ବ୍ରିଜଟି ଦୁଇ ଫାଳ ହୋଇ ପଡ଼ିରହିଛି । ଫଳରେ ଗ୍ରାମବାସୀ ଦୈନିକ ଜୀବନରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ଛାତ୍ରଛାତ୍ରୀଙ୍କ ସ୍କୁଲ ଯିବା-ଆସିବା, ରୋଗୀଙ୍କୁ ମେଡିକାଲ ନେବା, ଦୈନନ୍ଦିନ ବଜାର କାମ ଓ ଜରୁରୀ ସେବା ପାଇବାରେ ଗ୍ରାମବାସୀ ଅନେକ ଅସୁବିଧା ଭୋଗୁଛନ୍ତି । ଆମ୍ବୁଲାନ୍ସ ସେବା ଏହି ଗ୍ରାମ ପାଇଁ ସ୍ୱପ୍ନ ସଦୃଶ ହୋଇପଡ଼ିଛି । ଗ୍ରାମରେ ପ୍ରାୟ ୪୦ଟି ଆଦିବାସୀ ପରିବାର ବସବାସ କରୁଥିବା ବେଳେ ସେମାନେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ଚାଷକାମ କରି ଜୀବିକା ନିର୍ବାହ କରୁଛନ୍ତି । କିନ୍ତୁ ଯାତାୟାତ ସୁବିଧା ନଥିବାରୁ ସେମାନଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି । ଗତବର୍ଷ ଏହି ସମସ୍ୟା ସମ୍ବନ୍ଧୀୟ ଖବର ଖବରକାଗଜ ଓ ସୋସିଆଲ ମିଡିଆରେ ପ୍ରକାଶ ପାଇବା ପରେ 'ବିଜୁ କନ୍ଧମାଳ ଓ ଗଜପତି ଯୋଜନା' ଅଧୀନରେ ବ୍ରିଜ ମରାମତି ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା । କିନ୍ତୁ ଦୁଃଖର ବିଷୟ, ଆଜି ପର୍ଯ୍ୟନ୍ତ ଗୋଟିଏ ଇଞ୍ଚ କାମ ମଧ୍ୟ ଆରମ୍ଭ ହୋଇନାହିଁ । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି । ଗ୍ରାମବାସୀମାନେ ନିଜେ କାଠ ରଖି ଏକ ଅସ୍ଥାୟୀ ପୋଲ ତିଆରି କରିଛନ୍ତି । ସେହି କାଠ ପୋଲ ଉପରେ ଜୀବନକୁ ବାଜି ଲଗାଇ ଲୋକମାନେ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି । ବର୍ଷା ଦିନରେ ପରିସ୍ଥିତି ଆହୁରି ଭୟଙ୍କର ହୋଇଯାଉଥିବାରୁ ଗ୍ରାମବାସୀ ଭୟ ଓ ଅନିଶ୍ଚିତତା



ମଧ୍ୟରେ ଦିନ କାଟୁଛନ୍ତି ।ଏହି ପ୍ରସଙ୍ଗରେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ କହିଛନ୍ତି ଯେ, ସେ ପ୍ରତ୍ୟେକ ବୈଠକରେ ଏହି ସମସ୍ୟାକୁ ଉଠାଇ ଆସୁଛନ୍ତି । ବୁଧବାର ଅନୁଷ୍ଠିତ ଜିଲ୍ଲା ପରିଷଦ ବୈଠକରେ ମଧ୍ୟ ସେ ଏହି ବିଷୟ ଉଠାଇଥିବା କହିଛନ୍ତି । କିନ୍ତୁ ବ୍ରିଜ କେବେ ନିର୍ମାଣ ହେବ ତାହା ଅନିଶ୍ଚିତ ଥିବା ନେଇ ସେ ମତ ପ୍ରକାଶ କରିଛନ୍ତି । ଗତବର୍ଷ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଶୀଘ୍ର କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ତାହା କେବଳ ମିଥ୍ୟା ଆଶ୍ୱାସନାରେ ସୀମିତ ରହିଯାଇଥିବା ବୋଲି ସାଧାରଣରେ ଆଲୋଚନା ହେଉଛି । ଆଗକୁବବର୍ଷା ଋତୁ ଆସୁଥିବା ବେଳେ ଯାତାୟାତ ସମସ୍ୟା ଆହୁରି ଗୁରୁତର ହେବା ଆଶଙ୍କା କରାଯାଉଛି । ତେଣୁ ବର୍ଷା ପୂର୍ବରୁ ତୁରନ୍ତ ନୂତନ ବ୍ରିଜ ନିର୍ମାଣ କରି ଗ୍ରାମବାସୀଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ବହୁଚର୍ଚ୍ଚିତ ଆର୍ଥିକ ଠକେଇ ମାମଲାରେ ଫେରାର ଅଭିଯୁକ୍ତା ଝିଲି ସାହୁ ଗିରଫ




ପାରଳାଖେମୁଣ୍ଡି, : ପୋଲିସ ଏକ ବହୁଚର୍ଚ୍ଚିତ ଆର୍ଥିକ ଠକେଇ ମାମଲାରେ ଫେରାର ଅଭିଯୁକ୍ତା ଝିଲି ସାହୁ (୪୩), ସ୍ୱାମୀ- ଉଦୟନାଥ ସାହୁ, ଡୋଲା ଟାଙ୍କି ରୋଡ଼, ପାରଳାଖେମୁଣ୍ଡିଙ୍କୁ ଆଜି ଗିରଫ କରି ନ୍ୟାୟାଳୟକୁ ଚାଲାଣ କରିଛି । ପାରଳାଖେମୁଣ୍ଡି ଥାନା କେସ୍ ନଂ. ୬୫/୨୦୨୫ ରେ ସନ୍ତୋଷିନୀ ପ୍ରଧାନ ଏବଂ ଅନ୍ୟ ୨୫ ଜଣ ମହିଳା ପୀଡ଼ିତଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଥିଲା । ତଦନ୍ତରେ ଜଣାପଡ଼ିଛି ଯେ ଅଭିଯୁକ୍ତା ବିଭିନ୍ନ ମହିଳା ଓ ଗୃହିଣୀମାନଙ୍କୁ ଅଧିକ ଲାଭ ଓ ଟଙ୍କା ଫେରସ୍ତର ମିଥ୍ୟା ପ୍ରତିଶ୍ରୁତି ଦେଇ ସେମାନଙ୍କଠାରୁ ବହୁ ପରିମାଣର ଟଙ୍କା ସଂଗ୍ରହ କରି ପରେ ଆତ୍ମସାତ କରିଥିଲେ । ଏହି ଠକେଇର ପରିମାଣ ଜଷ୍ମ. ୧.୩୮ କୋଟିରୁ ଅଧିକ ହୋଇଥିବା ତଦନ୍ତରେ ପ୍ରକାଶ ପାଇଛି । ମାମଲାରେ ୨୫ ରୁ ଅଧିକ ପୀଡ଼ିତ ଓ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଛି ଏବଂ ସେମାନଙ୍କ ବୟାନ ବ୍ୟାଙ୍କ କାରବାର ତଥ୍ୟ ସହ ସମର୍ଥିତ ହୋଇଛି । ବ୍ୟାଙ୍କ ଖାତା ବିଶ୍ଳେଷଣରୁ ଅଭିଯୁକ୍ତ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ଖାତାରେ ବିପୁଳ ପରିମାଣର ଅର୍ଥ କାରବାର ହୋଇଥିବା ଏବଂ ପୀଡ଼ିତଙ୍କଠାରୁ ଆସିଥିବା ଅର୍ଥ ବିଭିନ୍ନ ଖାତାକୁ ସ୍ଥାନାନ୍ତରିତ ହୋଇଥିବା ଜଣାପଡ଼ିଛି । ତଦନ୍ତ ସମୟରେ ଆର୍ଥିକ ଯାଞ୍ଚ କରାଯାଇ ୩ଟି ଦାମୀ ମୋବାଇଲ ଫୋନ, ୨ଟି ସ୍କୁଟର ଓ ମୋଟର ସାଇକେଲ ଚିହ୍ନଟ କରାଯାଇଛି । ଏହା ସହିତ ଅଭିଯୁକ୍ତା ଏବଂ ତାଙ୍କ ମାତାଙ୍କ ନାମରେ ଥିବା କିଛି ଅସ୍ଥାବର ସମ୍ପତ୍ତିର ତଥ୍ୟ ମଧ୍ୟ ସଂଗ୍ରହ କରାଯାଇଛି ଏବଂ ସେଗୁଡ଼ିକର ଯାଞ୍ଚ ଚାଲିଛି । ଅଭିଯୁକ୍ତାଙ୍କ ବିରୋଧରେ ପାରଳାଖେମୁଣ୍ଡି ଥାନାର ଆଉ ଦୁଇଟି ସମାନ ପ୍ରକୃତିର ମାମଲା ରହିଥିବା ମଧ୍ୟ ଜଣାପଡ଼ିଛି । ଗିରଫ ଏଡ଼ାଇବା ପାଇଁ ସେ ଦୀର୍ଘଦିନ ଧରି ଫେରାର ରହିଥିଲେ ଏବଂ ବିଭିନ୍ନ ନ୍ୟାୟାଳୟରେ ଅଗ୍ରିମ ଜାମିନ ପାଇଁ ଆବେଦନ କରିଥିଲେ, କିନ୍ତୁ ତାଙ୍କ ଆବେଦନଗୁଡ଼ିକ ଖାରଜ ହୋଇଥିଲା । ଆଜି ଆଇନଗତ ପ୍ରକ୍ରିୟା ପାଳନ କରି ତାଙ୍କୁ ଗିରଫ କରାଯାଇ ନ୍ୟାୟାଳୟକୁ ଚାଲାଣ କରାଯାଇଛି । ମାମଲାରେ ଅର୍ଥର ଗତିପଥ, ସମ୍ପତ୍ତି ଏବଂ ଅନ୍ୟାନ୍ୟ ସହଯୋଗୀଙ୍କ ଭୂମିକା ସମ୍ପର୍କରେ ତଦନ୍ତ ଜାରି ରହିଛି ।

## ଭତ୍ତା ନ ପାଇ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ବୃଦ୍ଧବୃଦ୍ଧାମାନେ ପାରଳା ବିଧାୟକଙ୍କୁ ଜଣାଇଲେ

ପାରଳାଖେମୁଣ୍ଡି,: ଗଜପତି ଜିଲ୍ଲାର ଗୁମ୍ମା ବ୍ଲକରେ ଏକ ସଭାରେ ଯୋଗ ଦେବା ପାଇଁ ବିଧାୟକ ରୂପେଶ ପାଣିଗ୍ରାହୀ ଗୁମ୍ମା ଯାଉଥିବା ବେଳେ କିଛି ବୃଦ୍ଧବୃଦ୍ଧା ଗତ କିଛି ମାସ ଧରି ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା ଓ ବିକଳାଙ୍ଗ ଭତ୍ତା ପାଉ ନ ଥିବା ଅଭିଯୋଗ କରିଥିଲେ । ଅନେକ ଦିନ ଧରି ଭତ୍ତା ଟଙ୍କା ନ ମିଳିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କୁ ଜଣାଇ ତୁରନ୍ତ ଭତ୍ତା ପ୍ରଦାନ ପାଇଁ ବ୍ୟବସ୍ଥା କରିବାକୁ ବୃଦ୍ଧବୃଦ୍ଧାମାନେ ଅନୁରୋଧ କରିଥିଲେ । ଏହି ଘଟଣା ନେଇ ପାରଳା ବିଧାୟକ ଶ୍ରୀ ପାଣିଗ୍ରାହୀ ଦୁଃଖ ପ୍ରକାଶ କରିବା ସହ ବୃଦ୍ଧବୃଦ୍ଧାମାନଙ୍କ ସହ ସମସ୍ତେ ଯେପରି ଭତ୍ତା ପାଇବେ ସେ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ବିଧାୟକ ସେମାନଙ୍କୁ ପ୍ରତିଶୃତି ଦେଇଥିଲେ ।

## ଏସ୍ ଏସ୍ ଆର୍ ଭି ଏମ୍ ଇସ୍ପାତ ବିଦ୍ୟାଳୟର ଏନ୍ ଆଇ ଟି ସହିତ ବୁଝାମଣା ପତ୍ର ସ୍ୱାକ୍ଷରିତ

ରାଉରକେଲା: ଏସ୍ ଏସ୍ ଆର୍ ଭି ଏମ୍ ଇସ୍ପାତ ବିଦ୍ୟାଳୟ ସମୂହ ର ଛାତ୍ରଛାତ୍ରୀ ମାନଙ୍କ ମେଧା ଶକ୍ତିର ବିକାଶ ଉପଲକ୍ଷେ ଏନ୍ ଆଇ ଟି (ରାଉରକେଲା) ସହିତ ଏକ ବୁଝାମଣା ପତ୍ର ଗତ ଜୁନ୍ ୧୯ ତାରିଖରେ ସ୍ୱାକ୍ଷରିତ ହୋଇଯାଇଛି । ଏହି ବୁଝାମଣା ପତ୍ର ଅନୁଯାୟୀ ଏସ୍ ଏସ୍ ଆର୍ ଭି ଏମ୍ ବିଦ୍ୟାଳୟ ସମୂହ ର ନବମ ଶ୍ରେଣୀ ରୁ ଦ୍ୱାଦଶ ଶ୍ରେଣୀ ର ଛାତ୍ରଛାତ୍ରୀ ମାନେ ରାଉରକେଲା ଏନ୍ ଆଇ ଟି ଠାରୁ ଶିକ୍ଷା ଗତ ସହଯୋଗ ଲାଭ କରିବେ । ଏହି ବୁଝାମଣା ଅନୁଯାୟୀ, ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ଏନ୍ ଆଇ ଟି ର ବିଭିଓ ପ୍ରୟୋଗ ଶାଳା, ଯାନ୍ତ୍ରିକ ବିଭାଗ, ଗବେଷଣା କେନ୍ଦ୍ର ତଥା ଉଦ୍ଭାବନ କେନ୍ଦ୍ର ଗୁଡ଼ିକ ର ପ୍ରଯୁକ୍ତି ପ୍ରଦର୍ଶନୀ, ସେମିନାର, କର୍ମଶାଳା ଏବଂ ମାର୍ଗ ଦର୍ଶନ କାର୍ଯ୍ୟକ୍ରମ ଗୁଡିକ ରେ ଅଂଶଗ୍ରହଣ କରିବାର ସୁଯୋଗ ଲାଭ କରିବେ । ଏହି ନୂଆ ପଦକ୍ଷେପ ଫଳରେ ବିଦ୍ୟାଳୟ ସମୂହ ର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା, ସୃଜନଶୀଳତା, ଉଦ୍ଭାବନ ମାନସିକତା, ଉଚ୍ଚ ଶିକ୍ଷା ସମ୍ପର୍କରେ ସଚେତନତା ର ବିକାଶ ଘଟାଇବ ଏବଂ ଭବିଷ୍ୟତରେ ଉଚ୍ଚଶିକ୍ଷା ପାଇଁ ଏକ ନିର୍ଣ୍ଣୟାତ୍ମକ ଦିଗ ଉନ୍ମୋଚନ କରିବ । ଏନ୍ ଆଇ ଟି ର ନିର୍ଦ୍ଦେଶକ ପ୍ରଫେସର ଡ କେ ଉମାଶଙ୍କର ରାଓ ଓ ଏସ୍ ଏସ୍ ଆର୍ ଭି ଏମ୍ ବିଦ୍ୟାଳୟ ସମୂହ ର ନିର୍ଦ୍ଦେଶକ ଡକ୍ଟର ଗିରିଜା ଶଙ୍କର ଦାସ ଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇ ଥିବା ଏହି ବୁଝାମଣା ପତ୍ର ଟି ତିନି ବର୍ଷ ଯାଏଁ ବଳବତ୍ତର ରହିବ ବୋଲି ଜଣାପଡିଛି । ଏହି ବୁଝାମଣା ପତ୍ର ସ୍ୱାକ୍ଷର ସମୟ ରେ ଏସ୍ ଏସ୍ ଆର୍ ଭି ଏମ୍ ମୁମ୍ବାଇ ର ଅଧ୍ୟକ୍ଷା ଶୀମତୀ ଶ୍ରେୟା କଦମ୍, ମେକାନିକାଲ ଇଞ୍ଜିନିୟରିଂ ବିଭାଗ ର ପ୍ରାଧ୍ୟାପକ ଡ ଏସ୍ କେ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ଏଭଳି ଏକ ନୂଆ ପଦକ୍ଷେପ ବିଦ୍ୟାଳୟ ର ଛାତ୍ରଛାତ୍ରୀ ଏବଂ ଅଭିଭାବକ ଙ୍କ ମଧ୍ୟରେ ନୂଆ



ଆଶା ଓ ଆନନ୍ଦ ର ସଂଚାର କରିଛି ବୋଲି ବିଦ୍ୟାଳୟ ତଥା ଏନ୍ ଆଇ ଟି କର୍ତ୍ତୃପକ୍ଷ ଙ୍କ ବିବୃତି ରୁ ପ୍ରକାଶ ।

## ବିଷମକଟକରେ 'ଯୁବ ସମୃଦ୍ଧି ଓଡ଼ିଶା' ସମାବେଶ

## ଯୁବପିଢ଼ୀଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ



ବିଷମକଟକ,: ଯୁବ ସମାଜକୁ ସଶକ୍ତ କରିବା, କୌଶଳ ବିକାଶ ମାଧ୍ୟମରେ ରୋଜଗାର ସୁଯୋଗ ସୃଷ୍ଟି କରିବା ଏବଂ ସରକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ବ୍ଲକ ସ୍ତରୀୟ ଯୁବ ସମୃଦ୍ଧି ଓଡ଼ିଶା ସମାବେଶ ଓ କର୍ମଶାଳା ବେଶ୍ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ବିଷମକଟକ ବ୍ଲକର ବିଡିଓ ଶ୍ରୀ ଶିବ ପ୍ରସାଦ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଶ୍ରୀ ଦେବୀ ପ୍ରସାଦ ପଟ୍ଟନାୟକ, ବ୍ଲକ ପ୍ରୋଗ୍ରାମ କୋଅର୍ଡିନେଟର ଶ୍ରୀ ଗୌତମ ଉଲାକା, ଜିଲ୍ଲା କୌଶଳ ବିକାଶ ଅଧିକାରୀ କୁମାରୀ ସ୍ୱର୍ଣ୍ଣଲତା ରାଉତ ଏବଂ ଆଇପିଓ ଶ୍ରୀ ସୁବ୍ରତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । କର୍ମଶାଳାରେ ଅତିଥିମାନେ ଯୁବକ ଓ ଯୁବତୀମାନଙ୍କୁ କୌଶଳ ବିକାଶ, ସ୍ୱରୋଜଗାର ଏବଂ ଉଦ୍ୟୋଗୀକରଣର ଗୁରୁତ୍ୱ ବୁଝାଇଥିଲେ । ବିଭିନ୍ନ ସରକାରୀ ଯୋଜନାର ସଦୁପଯୋଗ କରି କିପରି ଆତ୍ମନିର୍ଭରଶୀଳ ହୋଇହେବ, ସେ ନେଇ ଯୁବପିଢ଼ୀଙ୍କୁ ପ୍ରେରିତ କରାଯାଇଥିଲା । ବକ୍ତାମାନେ ମତ ଦେଇଥିଲେ ଯେ, ଯୁବଶକ୍ତି ହିଁ ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶାର ମୂଳ ଆଧାରଯ ରାଜ୍ୟର ବିକାଶ ଯାତ୍ରାରେ ସକ୍ରିୟ ଭାଗୀଦାର ହୋଇ ନିଜର କୌଶଳ ଓ ନବଚିନ୍ତନ ମାଧ୍ୟମରେ ସଫଳତାର ଶୀର୍ଷରେ ପହଞ୍ଚିବାକୁ ଆହ୍ୱାନ କରାଯାଇଥିଲା । ଏଭଳି କର୍ମଶାଳା ଯୁବପିଢ଼ୀଙ୍କ ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

## ଠିକାଦାରଙ୍କ ମନମୁଖୀ କାମ ଓ ଶ୍ରମିକଙ୍କୁ ପାରିଶ୍ରମିକ ନ ମିଳିବାରୁ ରାସ୍ତାରୋକ

ବଲାଙ୍ଗୀର,୨୧।୬(ଇନଫୋ ନ୍ୟୁଜ ଇଣ୍ଡିଆ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ ନେସନାଲ ହାଇୱେର ବାୟ ପାସ୍ ରାସ୍ତା କାମରେ ଦୁର୍ନୀତି ହେଉଥିବାରୁ ଜନସାଧାରଣ ହଇରାଣ । ଏହି କାମରେ ସ୍ଥାନୀୟ ଅଞ୍ଚଳରେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଏବଂ ଶ୍ରମିକମାନଙ୍କୁ ଦୀର୍ଘଦିନ ଧରି ପାରିଶ୍ରମିକ ପ୍ରଦାନ ନ କରିବାକୁ ନେଇ ଉତ୍ତେଜନା ଦେଖାଦେଇଛି । ବକେୟା ପ୍ରାପ୍ୟ ଦାବିରେ ଶ୍ରମିକମାନେ ରାସ୍ତାରୋକ କରି ପ୍ରତିବାଦ ଜଣାଇଥିଲେ । ଫଳରେ ଦୀର୍ଘ ଦିନ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ସାଧାରଣ ଲୋକ, ଯାତ୍ରୀ ଏବଂ ଛାତ୍ରଛାତ୍ରୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।ଶ୍ରମିକମାନଙ୍କ ଅଭିଯୋଗ ଅନୁଯାୟୀ, କାମ ସରିଥିଲେ ମଧ୍ୟ ସେମାନଙ୍କୁ ନିର୍ଦ୍ଧାରିତ ପାରିଶ୍ରମିକ ପ୍ରଦାନ କରାଯାଇନାହିଁ । ବାରମ୍ବାର ଦାବି କରିବା ସ□ତ୍ତ୍ୱ ଠିକାଦାର କୌଣସି ସନ୍ତୋଷଜନକ ପଦକ୍ଷେପ ନ ନେବାରୁ ସେମାନେ ବାଧ୍ୟ ହୋଇ ରାସ୍ତା ବନ୍ଦ କରିଛନ୍ତି ।ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଶ୍ରମିକମାନଙ୍କ ପ୍ରାପ୍ୟ ଅର୍ଥ ପ୍ରଦାନ ଏବଂ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି ଜୋର ଧରିଛି ।

## ପି.ଏମ୍.କିଷାନ୍‌ର ୨୩ତମ କିସ୍ତି ବିତରଣ ସମାରୋହ ଆୟୋଜିତ

ଅନୁଗୋଳ,(ମହାଭାରତ) :ଜିଲ୍ଲା କୃଷି ବିଭାଗ ଏବଂ ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ପି.ଏମ୍.କିଷାନ୍ ର ୨୩ତମ କିସ୍ତି ବିତରଣ ସମାରୋହ ଆଜି ସ୍ଥାନୀୟ ବ୍ଲାକ୍ ଡାଇମଣ୍ଡ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥମ ପର୍ଯ୍ୟାୟରେ କ୍ଷେତ ବଞ୍ଚାଅ ଅଭିଯାନ ଅନ୍ତର୍ଭୁକ୍ତ ଏକ ଜୈବିକ କୃଷି ସମ୍ବନ୍ଧୀୟ କର୍ମଶାଳାର ଆୟୋଜନ କରାଯାଇଥିଲା, ଯେଉଁଥିରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର ଯୋଗଦେଇ ଜୈବିକ କୃଷିର ଉପକାରିତା ଏବଂ ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବରେ ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ଶ୍ରୀ ବିଜୟ କୁମାର ମାଝୀ ଯୋଗ ଦେଇ ଜୈବିକ କୃଷିର ବିଭିନ୍ନ ଦିଗ ଯଥା ରାସାୟନିକ ସାରର ସନ୍ତୁଳିତ ବ୍ୟବହାର,ସବୁଜ ସାରର ବ୍ୟବହାର, ଜିଆଖତ ଉତ୍ପାଦନ, ଜୈବିକ କୃଷିରେ ଗୋପାଳନର ଭୂମିକା, ମାଟିର ଉର୍ବରତା ରକ୍ଷା କରିବାରେ ଜଳ ସଂରକ୍ଷଣ ଓ ପରିଚାଳନା ସମ୍ବନ୍ଧରେ ଆଲୋଚନା କରିଥଲେ । ଏହା ବ୍ୟତୀତ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପ୍ରାମାଣିକ ପ୍ରାକୃତିକ କୃଷିର ପ୍ରଶିକ୍ଷକ ଶ୍ରୀ ପର୍ଶୁରାମ ପ୍ରଧାନ ନିଜର ଅନୁଭବକୁ ବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ବିଜୟ କୁମାର ଦଳାଇ, ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ,ଉପ-ନିର୍ଦ୍ଦେଶକ ଉଦ୍ୟାନ ଅମ୍ବର ଲୁଗୁନ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର, ଜିଲ୍ଲା କୃଷି ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଜୟ ଶଙ୍କର ପ୍ରଧାନ, ଅତିରିକ୍ତ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଶୁଭେନ୍ଦୁ କୁମାର ଘୋଷଙ୍କ ସମେତ କୃଷକ ତଥା ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । କଲିକତାର ହୁଗୁଳି ଠାରେ ଆୟୋଜିତ ସଭାରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ୨୩ ତମ କିସ୍ତିର ସଫଳ ବିତରଣ କରିଛନ୍ତି, ଯାହାର ସିଧାପ୍ରସାରଣ ଅପରାହ୍ନରେ ପ୍ରଦର୍ଶିତ ହୋଇଥିଲା । ପିଏମ୍ କିଷାନ୍ ଯୋଜନା ଦ୍ୱାରା ଜିଲ୍ଲାର ସମୁଦାୟ ୧ ଲକ୍ଷ ୨୫ ହଜାର ୩୫୬ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି । ଏହି ଅବସରରେ ସେମାନଙ୍କ ଆକାଉଣ୍ଟକୁ ପ୍ରାୟ ୨୫ କୋଟି ୭ ଲକ୍ଷ ୧୨ ହଜାର ଟଙ୍କାର ସହାୟତା ରାଶି ସିଧାସଳଖ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଢେଙ୍କାନାଳ ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦିପ ଗଡ଼ନାୟକ, ମାନ୍ୟବର ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ, ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ଶ୍ରୀ ବିଜୟ କୁମାର ମାଝୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, କୃଷକଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ପିଏମ୍-କିସାନ ଉତ୍ସବ ୨୦୨୬

### ଝାରସୁଗୁଡ଼ାର ୩୪,୦୮୬ ଚାଷୀଙ୍କ ଆକାଉଣ୍ଟକୁ ଗଲା ଟଙ୍କା



ଝାରସୁଗୁଡ଼ା, : ଜିଲ୍ଲାସ୍ତରୀୟ ପିଏମ୍-କିସାନ ଉତ୍ସବ-୨୦୨୬ ଅବସରରେ ଆଜି ଆଭାସୀ ମାଧ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର କୋଟି କୋଟି ଚାଷୀଙ୍କ ପାଇଁ ପିଏମ୍-କିସାନ ଯୋଜନାର ପରବର୍ତ୍ତୀ କିସ୍ତି ରାଶି ହସ୍ତାନ୍ତର କରିଛନ୍ତି । ଏହି ଅବସରରେ ଓଡ଼ିଶାର ୩୪.୬ ଲକ୍ଷରୁ ଅଧିକ ଚାଷୀ ଭାଇ ଓ ଭଉଣୀମାନଙ୍କ ଖାତାକୁ ୨୩ତମ କିସ୍ତି ବାବଦରେ ମୋଟ ୬୯୩ କୋଟି ଟଙ୍କା ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ପ୍ରଦାନ କରାଯାଇଛି । ଏହି ସହାୟତା ରାଶି ଚାଷୀମାନଙ୍କ କୃଷି କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ସହିତ ସେମାନଙ୍କ ଆର୍ଥିକ ସଶକ୍ତିକରଣରେ ବିଶେଷ ସହାୟକ ହେବ । ପିଏମ୍-କିସାନ ଯୋଜନା ଅଧୀନରେ ଯୋଗ୍ୟ ଚାଷୀମାନଙ୍କୁ ବର୍ଷକୁ ୬,୦୦୦ ଟଙ୍କା ତିନୋଟି ସମାନ କିସ୍ତିରେ ପ୍ରଦାନ କରାଯାଉଛି । ଏହାଦ୍ୱାରା ଚାଷୀମାନେ କୃଷି ଉପକରଣ କ୍ରୟ, ବିହନ, ସାର ଏବଂ ଅନ୍ୟାନ୍ୟ କୃଷି କାର୍ଯ୍ୟ ପାଇଁ ଆବଶ୍ୟକ ଆର୍ଥିକ ସହାୟତା ପାଉଛନ୍ତି । ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲ୍ଲା, ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଜିଲ୍ଲାର ଚାଷୀମାନେ ଅତ୍ୟନ୍ତ ଉତ୍ସାହର ସହିତ ଏଥିରେ ଅଂଶଗ୍ରହଣ କରି ପ୍ରଧାନମନ୍ତ୍ରୀଙ୍କ ଉଦବୋଧନ ଶୁଣିଥିଲେ । ଝାରସୁଗୁଡ଼ା ଜିଲ୍ଲା ସ୍ତରୀୟ ପିଏମ୍ କିସାନ ଉତ୍ସବ ଦିବସରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣ ଯୋଗ ଦେଇଥିଲେ । ସେହିପରି ସମ୍ମାନୀତ ଅତିଥି ଭାବେ ମାନ୍ୟବର ମନ୍ତ୍ରୀଙ୍କ ପ୍ରତିନିଧି ଶ୍ରୀ ରଘୁନନ୍ଦନ ପଣ୍ଡା, ମାନ୍ୟବର ସାଂସଦଙ୍କ ପ୍ରତିନିଧି ଶ୍ରୀ ଶ୍ଳୋକ ଶର୍ମା ଏବଂ ଝାରସୁଗୁଡ଼ା ସାଧାରଣ ସମ୍ପାଦକ ପ୍ରେମସେନ ରାଏ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ଼. ସୁସ୍ମିତା ପଣ୍ଡା କାର୍ଯ୍ୟକ୍ରମକୁ ସଫଳତାର ସହ ସଂଯୋଜନା କରିଥିବା ବେଳେ ଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼. ସମୀର ରଞ୍ଜନ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ୨୩ତମ କିସ୍ତି ବାବଦରେ ଝାରସୁଗୁଡ଼ା ଜିଲ୍ଲାର ସର୍ବମୋଟ ୩୪,୦୮୬ ଜଣ ଚାଷୀ ଉପକୃତ ହୋଇଛନ୍ତି ଏବଂ ସେମାନଙ୍କ ବ୍ୟାଙ୍କ ଖାତାକୁ ସର୍ବମୋଟ ୬ କୋଟି ୮୧ ଲକ୍ଷ ୭୨ ହଜାର ଟଙ୍କା ପ୍ରଦାନ କରାଯାଇଛି । ବ୍ଲକୱାରୀ ସୂଚନା ଅନୁଯାୟୀ, ଝାରସୁଗୁଡ଼ା ବ୍ଲକର ୪,୬୩୫ ଜଣ, କିର୍ମୀରା ବ୍ଲକର ୫,୫୩୯ ଜଣ, କୋଲାବିରା ବ୍ଲକର ୫,୮୫୬ ଜଣ, ଲାଇକେରା ବ୍ଲକର ୬,୯୫୯ ଜଣ ଏବଂ ଲଖନପୁର ବ୍ଲକର ୧୧,୦୯୭ ଜଣ ଚାଷୀ ଏହି ଯୋଜନାରେ ଲାଭବାନ ହୋଇଛନ୍ତି । ଏହିପରି ସର୍ବମୋଟ ୬କୋଟି ୮୧ ଲକ୍ଷ ୭୨ ହଜାର ହିତାଧିକାରୀଙ୍କ ବ୍ୟାଙ୍କ ଖାତା କୁ ଆସିଛି ।ଏହି ଅବସରରେ ବିଭିନ୍ନ ବ୍ଲକ ଓ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଅଞ୍ଚଳରୁ ଆସିଥିବା ଶତାଧିକ ଚାଷୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

## ମୁମ୍ବାଇରେ ବର୍ଷା, ମୌସୁମୀ ଆଗକୁ ବଢ଼ିବା ଆଶା

ମୁମ୍ବାଇ : ଶେଷରେ ମୁମ୍ବାଇରେ ରବିବାର ସକାଳେ ଜୋରଦାର ବର୍ଷା ହୋଇଛି । ସହରର ଅନେକ ଅଞ୍ଚଳରେ ଋତୁର ପ୍ରଥମ ଭଲ ବର୍ଷା ହୋଇଛି, ଯାହା ଦୀର୍ଘ ଦିନ ହେଲା ଗରମ ଓ ଗୁଳୁଗୁଳିରେ ଛଟପଟ ହେଉଥିବା ଲୋକଙ୍କ ପାଇଁ ଆଶ୍ୱସ୍ତି ଆଣି ଦେଇଛି । ଚଳିତ ଜୁନ୍ ମାସର ଆରମ୍ଭରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ କୋଙ୍କଣରେ ପହଞ୍ଚିଥିଲା, କିନ୍ତୁ ଜୁନ୍ ୮ ତାରିଖରୁ ସୋଲାପୁର ନିକଟରେ ଅଟକି ଯାଇଥିଲା । ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) କହିଛି ଯେ, ଜୁନ୍ ୨୩ ତାରିଖରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମହାରାଷ୍ଟ୍ର ଓ ଏହା ଆଗକୁ ଅଗ୍ରସର ହେବା ନେଇ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଛି । ପଶ୍ଚିମଘାଟ ବାଦଲ ଯୋଗୁ ମୁମ୍ବାଇରେ ବର୍ଷା ହେଉଛି । ଦେଶର ଅଧିକାଂଶ ଅଞ୍ଚଳରେ ବର୍ତ୍ତମାନ ପ୍ରାକ୍ ମୌସୁମୀ ସକ୍ରିୟ ରହିଛି । ଏହାସତ୍ତ୍ୱେ ୮ଟି ରାଜ୍ୟରେ ତାପମାତ୍ରା ୪୦ ଡିଗ୍ରି ଉପରେ ରହିଛି । ଉତ୍ତର ପ୍ରଦେଶର ବାନ୍ଦା ପୁଣି ଥରେ ଦେଶରେ ସବୁଠୁ ଉତ୍ତପ୍ତ ସ୍ଥାନ ରହିଛି । ଏଠାରେ ଶନିବାର ୪୪.୨ ଡିଗ୍ରି ତାପମାତ୍ରା ରେକର୍ଡ଼ କରାଯାଇଥିଲା । ଦିଲ୍ଲୀରେ ମଧ ତାପମାତ୍ରା ୪୦ ଡିଗ୍ରି ଉପରେ ରେକର୍ଡ଼ କରାଯାଇଥିଲା । ପାଣିପାଗ ବିଭାଗ ଅନୁଯାୟୀ, ଜୁନ୍ ୨୩ ତାରିଖ ସୁଦ୍ଧା ମୌସୁମୀ ମହାରାଷ୍ଟ୍ର, ତେଲେଙ୍ଗାନା, ଓଡ଼ିଶା, ଝାଡ଼ଖଣ୍ଡ, ବିହାର ଓ ଛତିଶଗଡ଼ର କିଛି ଅଂଶକୁ ପ୍ରବେଶ କରିବ ବୋଲି ଆଶା କରାଯାଉଛି । ମେ ?ସୁମୀ ଆଗକୁ ବଢ଼ିବାର ସିଷ୍ଟମ ସକ୍ରିୟ ଥିବା କୁହାଯାଇଛି । ଜୁନ୍ ୨୧ ରୁ ୨୬ ତାରିଖ ମଧ୍ୟରେ ମଧ୍ୟପ୍ରଦେଶ, ବିଦର୍ଭ ଓ ଛତିଶଗଡ଼େର ବର୍ଷା ହେବାର ସମ୍ଭାବନା ରହିଛି । ସାଟେଲାଇଟ୍ ଚିତ୍ରଗୁଡ଼ିକ ମଧ ମେଘ ଆବରଣ ବୃଦ୍ଧି ପାଉଥିବା ଦେଖାଉଛି । ମେ ?ସୁମୀ ୧୫ ଦିନରେ ୧୯ଟି ରାଜ୍ୟ ପର୍ଯ୍ୟନ୍ତ ପହଞ୍ଚିଛି । ମେ ?ସୁମୀ ୯ ଦିନ ହେଲା ଉତ୍ତରପ୍ରଦେଶ-ବିହାର ସୀମା ନିକଟ ମହାରାଜଗଞ୍ଜ ନିକଟରେ ଅଟକି ରହିଛି । ଏହାସତ୍ତ୍ୱେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର ଓ ତେଲଙ୍ଗାନାର ଅନେକ ସହରରେ ତାପାମତ୍ରା ୪୦ ଡିଗ୍ରି ଉପରେ ରହୁଛି । ପ୍ରୟାଗରାଜରେ ତାପମାତ୍ରା ୪୩.୬ ଡିଗ୍ରି, ଖଜୁରାହୋ (ମଧ୍ୟପ୍ରଦେଶ)ରେ ୪୨.୪ ଡିଗ୍ରି, ମହାରାଷ୍ଟ୍ରର ବହ୍ମାପୁରୀରେ ୪୨.୧ ଡିଗ୍ରି, ଛତିଶଗଡ଼ର ରାଜନନ୍ଦଗାଓଁରେ ୪୨ ଡିଗ୍ରି, ବିହାରର ଛାପ୍ରାରେ ୪୧.୮ ଡିଗ୍ରି ଓ ଝାଡ଼ଖଣ୍ଡର ଡାଲଟନଗଞ୍ଜରେ ୪୦ ଡିଗ୍ରି ତାପମାତ୍ରା ରେକର୍ଡ଼ କରାଯାଇଛି ।

## ତେଲେଙ୍ଗାନାରେ ବଡ଼ ଦୁର୍ଘଟଣା ଟଳିଲା : ୪୧ ଯାତ୍ରୀ ସୁରକ୍ଷିତ

ତେଲେଙ୍ଗାନା : ତେଲେଙ୍ଗାନାରେ କରିମନଗର ଜିଲ୍ଲାରେ ରବିବାର ଏକ ଇଲେକ୍ଟ୍ରିକ୍ ବସ୍ ଅଗ୍ନିକାଣ୍ଡ ଘଟିଛି । ତେବେ ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି । କରିମନଗର ଜିଲ୍ଲାର ଆଲୁଗୁନୁରରେ ଆତଙ୍କ ଖେଳିଗଲା ଯେତେବେଳେ ତେଲେଙ୍ଗାନା ରାଜ୍ୟ ସଡ଼କ ପରିବହନ ନିଗମର ଏକ ଇଲେକ୍ଟ୍ରିକ୍ ବସ୍ ୪୧ ଜଣ ଯାତ୍ରୀଙ୍କୁ ନେଇ କରିମନଗରରୁ ହାଇଦ୍ରାବାଦ ଯାଉଥିବା ସମୟରେ ହଠାତ୍ ନିଆଁ ଲାଗିଯାଇଥିଲା । ପୁଲିସର ସୂଚନା ଅନୁଯାୟୀ, ବସ୍‌ଟି ଆଲୁଗୁନୁର ନିକଟସ୍ଥ ଟିମ୍ମାପୁର ମଣ୍ଡଳରେ ପହଞ୍ଚିବା ସମୟରେ ଡ୍ରାଇଭର ବସ୍‌ର ଇଞ୍ଜିନରୁ ଧୂଆଁ ବାହାରୁଥିବା ଦେଖି ତୁରନ୍ତ ଗାଡ଼ିକୁ ଅଟକାଇ ଯାତ୍ରୀମାନଙ୍କୁ ତଳକୁ ଓହ୍ଲାଇବାକୁ କହିଥିଲେ । କିଛି ସମୟ ମଧ୍ୟରେ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା । ବସ୍‌ଟି କିଛି ସମୟ ମଧ୍ୟରେ ପୋଡ଼ି ପାଉଁଶ ହୋଇଯାଇଥିଲା । ତେଲେଙ୍ଗାନା ରାଜ୍ୟ ସଡ଼କ ପରିବହନ ନିଗମର ଇଲେକ୍ଟ୍ରିକ୍ ବସ୍‌ରେ ଅଗ୍ନିକାଣ୍ଡର ଏହା ପ୍ରଥମ ଘଟଣା ନୁହେଁ । ପୂର୍ବରୁ ମାର୍ଚ୍ଚ ୨୯ ତାରିଖରେ ହନୁମାକୋଣ୍ଡା ବସ୍ ଡିପୋରେ ପାର୍କିଂ ହୋଇଥିବା ଏକ ଇଲେକ୍ଟ୍ରିକ୍ ବସ୍‌ରେ ସର୍ଟ ସର୍କିଟ୍ ଯୋଗୁଁ ନିଆଁ ଲାଗିଯାଇଥିଲା, ଯାହା ସୁରକ୍ଷା ମାନଦଣ୍ଡ ଉପରେ ପ୍ରଶ୍ନ ଉଠାଇଥିଲା । ପୁଲିସ ଏକ ମାମଲା ରୁଜୁ କରି ଅଗ୍ନିକାଣ୍ଡର କାରଣ ଜାଣିବା ପାଇଁ ତଦନ୍ତ ଆରମ୍ଭ କରିଛି ।

## ମୁମ୍ବାଇ-ବଡୋଦରା ହାଇୱେରେ ବିଏମ୍‌ଡବ୍ଲ୍ୟୁ ଦୁର୍ଘଟଣାରେ ୨ ମୃତ



ବଦଲାପୁର : ଲକ୍‌ଜରୀ କାର୍ ଓ ଦ୍ରୁତଗତିରେ ଗାଡ଼ିଚାଳନା ପୁଣି ଥରେ ଦୁଇ ଜୀବନ ନେଇଛି । ରବିବାର ଭୋର ସମୟରେ ଜନ୍ମଦିନ ପାଳନ କରିବାକୁ ବିଏମ୍‌ଡବ୍ଲ୍ୟୁ କନର୍ଭଟିବଲ କାରରେ ୩ ଜଣ ଯାଉଥିବାବେଳେ ମୁମ୍ବାଇ-ବଡୋଦରା ରାଜପଥରେ ବଦଲାପୁରଠାରେ କାର୍‌ଟି ଦୁର୍ଘଟଣାଗ୍ରସ୍ତ ହେବାରୁ ଦୁଇଜଣଙ୍କର ମୃତ୍ୟୁ ଘଟିଛି ଓ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି । ଦୁର୍ଘଟଣା ବେଳେ ଗାଡ଼ି ଘଣ୍ଟାକୁ ୨୫୧ କିମି ବେଗରେ ଗତି କରୁଥିଲା । ଦୁର୍ଘଟଣା ପ୍ରଭାବରେ ଗାଡ଼ିଟି ସମ୍ପୂର୍ଣ୍ଣ ଚୁରମାର୍ ହୋଇଯାଇଛି । ପ୍ରାଥମିକ ରିପୋର୍ଟ ଅନୁଯାୟୀ, ଡ୍ରାଇଭର ଦ୍ରୁତ ଗତି ଯୋଗୁ କାର ଉପରୁ ନିୟନ୍ତ୍ରଣ ହରାଇ ଏକ ହାଇୱେ ଡିଭାଇଡରକୁ ଜୋରରେ ଧକ୍କା ଦେଇଥିଲେ । ଧକ୍କା ଏତେ ତୀବ୍ର ଥିଲା ଯେ, ଗାଡ଼ିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ଓ ମୃତକଙ୍କ ଶରୀରର ଅଂଶ ଅଧ କିଲୋମିଟର ଦୂର ଅଞ୍ଚଳ ପର୍ଯ୍ୟନ୍ତ ବିଛାଡ଼ି ହୋଇ ପଡ଼ିଥିଲା । ମୃତକ ଯୋଗେଶ କିଶାନ୍ ନେଗି (୨୪), ରେବେକା ବାବୁ ଜାକୋବ (୨୨) ବୋଲି ଚିହ୍ନଟ ହୋଇଛନ୍ତି । ଆହତ ଅଙ୍ଗଦ ଗିଲ୍ (୨୬) ବୋଲି ଜଣାପଡ଼ିଛି । ଗିଲ୍ ଓ ନେଗିଙ୍କ ଘର ବଦଲାପୁର ଓ ରେବେକାଙ୍କ ଘର ବାନ୍ଦ୍ରା ବୋଲି ଜଣାପଡ଼ିଛି । ଗୁରୁତର ଆହତ ଗିଲ୍‌ଙ୍କୁ କଲ୍ୟାଣସ୍ଥିତ ଫୋର୍ଟିସ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି । ରବିବାର ୨୪ ବର୍ଷରେ ପଦାର୍ପଣ କରିଥିବା ଯୋଗେଶ ନେଗିଙ୍କ ଜନ୍ମଦିନ ପାଳନ କରିବା ଅବସରରେ ଏମାନେ ବାହାରେ ବୁଲୁଥିଲେ । ଦୁର୍ଘଟଣା ରାତି ୨ଟା ସମୟରେ ହୋଇଥିବା ପୁଲିସ କହିଛି । ରାତିର ଅନ୍ଧକାରରେ ଦ୍ରୁତ ଗତିରେ ଆସୁଥିବା କାର୍‌ର ଡ୍ରାଇଭର ରାସ୍ତାର ଅବସ୍ଥା ଜାଣି ପାରିନଥିଲେ । ଫଳରେ କାର୍‌ଟି ଡିଭାଇଡରକୁ ଧକ୍କା ଦେବା ପରେ ବହୁବାର ପଲଟି ମାରିଥିଲା । ହୁଡ ଖୋଲା ଥିବାରୁ ଯାତ୍ରୀମାନେ ଇଆଡେ ସିଆଡ଼େ ଛିଟିକି ପଡ଼ି ଗୁରୁତର ଭାବେ ଆହତ ହୋଇଥିଲେ । ପୁଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି । ଦୁର୍ଘଟଣା ଘଟିଥିବା ରାସ୍ତାରେ କାମ ଚାଲିଥିବାରୁ ଏହା ସର୍ବସାଧାରଣଙ୍କ ପାଇଁ ଖୋଲା ଯାଇ ନଥିବାବେଳେ ଏମାନେ କିପରି ସେହି ରାସ୍ତାରେ ପ୍ରବେଶ କଲେ ପୁଲିସ ତା'ର ତଦନ୍ତ କରୁଛି ।

# ରୁଷିଆରୁ ଭାରତର ଅଶୋଧିତ ତୈଳ ଆମଦାନୀରେ ରେକର୍ଡ ବୃଦ୍ଧି

## ଜୁନରେ ଦୈନିକ ୨୬.୬ ଲକ୍ଷ ବ୍ୟାରେଲ୍ ତେଲ କିଣିଲେ ଭାରତୀୟ ରିଫାଇନର୍ସ



ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟରୁ ତୈଳ ଯୋଗାଣ ସମ୍ପୂର୍ଣ୍ଣ ସ୍ୱାଭାବିକ ହେବା ପୂର୍ବରୁ ଭାରତୀୟ ରିଫାଇନିଂ କମ୍ପାନୀଗୁଡ଼ିକ ରୁଷିଆରୁ ଅଶୋଧିତ ତୈଳ ଆମଦାନୀକୁ ବେଶ୍ ବୃଦ୍ଧି କରିଛନ୍ତି । ସାମୁଦ୍ରିକ ଗୋଇନ୍ଦା ସଂସ୍ଥା ''କେପ୍ଲର'' ରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ଜୁନ୍ ୧ ରୁ ୧୯ ତାରିଖ ମଧ୍ୟରେ ଭାରତ ରୁଷିଆରୁ ଦୈନିକ ହାରାହାରି ୨୬.୬ ଲକ୍ଷ ବ୍ୟାରେଲ୍ ଅଶୋଧିତ ତୈଳ ଆମଦାନୀ କରିଛି, ଯାହା ମେ' ମାସର ଦୈନିକ ୧୯.୧ ଲକ୍ଷ ବ୍ୟାରେଲ୍ ତୁଳନାରେ ଯଥେଷ୍ଟ ଅଧିକ । ଏହି ବୃଦ୍ଧି ସହ ଭାରତର ସବୁଠାରୁ ବଡ଼ ତୈଳ ଯୋଗାଣକାରୀ ଦେଶ ଭାବେ ରୁଷିଆ ନିଜର ସ୍ଥିତିକୁ ଆହୁରି ମଜବୁତ କରିଛି । ଅନ୍ୟପଟେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ରୁ ମଧ ଆମଦାନୀ ଅପେକ୍ଷାକୃତ ଅଧିକ ରହିଥିବା ବେଳେ ଜୁନ୍ ମାସରେ ଦୈନିକ ୬.୩୬ ଲକ୍ଷ ବ୍ୟାରେଲ୍ ତେଲ ଆମଦାନୀ ହୋଇଛି । ଏହା ପଛକୁ ସାଉଦି ଆରବ ଦୈନିକ ୩.୮୪ ଲକ୍ଷ ବ୍ୟାରେଲ୍ ସହ ତୃତୀୟ ଏବଂ ଭେନେଜୁଏଲା ଦୈନିକ ୨.୦୯ ଲକ୍ଷ ବ୍ୟାରେଲ୍ ସହ ଚତୁର୍ଥ ବୃହତ୍ତମ ଯୋଗାଣକାରୀ ଦେଶ ଭାବେ ଉଭା ହୋଇଛି, ଯଦିଓ ଆମେରିକାରୁ ଆମଦାନୀ ହ୍ରାସ ପାଇ ଦୈନିକ ୯୧,୦୦୦ ବ୍ୟାରେଲ୍ରେ ପହଞ୍ଚିଛି ।

ଆମେରିକା ଓ ଇସ୍ରାଏଲର ଆକ୍ରମଣ ପରେ ଇରାନ ଦ୍ୱାରା ରଣନୀତିକ ଭାବେ ଗୁରୁତ୍ୱପୂର୍ଣ୍ଣ ''ଷ୍ଟ୍ରେଟ୍ ଅଫ୍ ହରମୁଜ୍'' ସାମୁଦ୍ରିକ ମାର୍ଗ ବନ୍ଦ ହେବା ଯୋଗୁଁ ବିଶ୍ୱ ଓ ଭାରତୀୟ ଶକ୍ତି ବଜାର ଗଭୀର ଭାବେ ପ୍ରଭାବିତ ହୋଇଥିଲା । ବିଶ୍ୱର ମୋଟ ତୈଳ ବ୍ୟବହାରର ପ୍ରାୟ ୨୦ ପ୍ରତିଶତ ଏହି ମାର୍ଗ ଦେଇ ପରିବହନ ହେଉଥିବାରୁ ଏହା ଗଲ୍ଫ ଦେଶଗୁଡ଼ିକ ପାଇଁ ମୁଖ୍ୟ ରପ୍ତାନି ପଥ ଅଟେ । ଆମେରିକା ଓ ଇରାନ ମଧ୍ୟରେ ସାମୟିକ ଯୁଦ୍ଧବିରତି ଚୁକ୍ତି ପରେ ଗତ ସପ୍ତାହରୁ ଏହି ସାମୁଦ୍ରିକ ପଥ ଦେଇ ଯୋଗାଣ ପ୍ରକ୍ରିୟା ଧୀରେ ଧୀରେ ଆରମ୍ଭ ହୋଇଛି, ଯେଉଁଥିରେ ଭାରତୀୟ ପତାକାଧାରୀ ୩ଟି ତୈଳ ଟ୍ୟାଙ୍କର ଓ ଗୋଟିଏ ଏଲଏନଜି କ୍ୟାରିଅର୍ ପ୍ରାୟ ୮.୬ ଲକ୍ଷ ଟନ୍ ସାମଗ୍ରୀ ସହ ଯାତ୍ରା ପୁନଃ ଆରମ୍ଭ କରିଛନ୍ତି । କେପ୍ଲର ସଂସ୍ଥାର ବରିଷ୍ଠ ପରିଚାଳକ ସୁମିତ ରିତୋଲିଆଙ୍କ ଅନୁଯାୟୀ, ହରମୁଜ୍ ଜଳପଥ ଖୋଲିବା ଦ୍ୱାରା ଭାରତକୁ ସବୁଠାରୁ ଶୀଘ୍ର ଏଲପିଜି ଯୋଗାଣରେ ଆଶ୍ୱସ୍ତି ମିଳିବ, କାରଣ ଭାରତ ନିଜର ମୋଟ ଏଲପିଜି ଆବଶ୍ୟକତାର ପ୍ରାୟ ୬୫ ପ୍ରତିଶତ ଆମଦାନୀ କରିଥାଏ, ଯାହାର ୯୦ ପ୍ରତିଶତ ଗଲ୍ଫ ଦେଶଗୁଡ଼ିକରୁ ଆସିଥାଏ ।

ରୁଷିଆରୁ ମିଳୁଥିବା ଆକର୍ଷଣୀୟ ରିହାତି ଓ ଭାରତୀୟ ବଜାରରେ ଥିବା ସ୍ଥିର ଚାହିଦା ଯୋଗୁଁ ହରମୁଜ୍ ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହେବା ପରେ ମଧ ରୁଷିଆର ଅଶୋଧିତ ତେଲ ଭାରତର ଆମଦାନୀ ରଣନୀତିର ଏକ ପ୍ରମୁଖ ଅଂଶ ହୋଇ ରହିବ । ଯଦିଓ ଗଲ୍ଫ ମାର୍ଗର ସଂକଟ ଯୋଗୁଁ ଭାରତ ବିକଳ୍ପ ଭାବେ ଆମେରିକା, ଆଟଲାଣ୍ଟିକ ବେସିନ ଓ ଭେନେଜୁଏଲାରୁ ନିଜର ତୈଳ ଏବଂ ଗ୍ୟାସ୍ ଉତ୍ସକୁ ବିବିଧ କରିବାରେ ସଫଳ ହୋଇଛି, ତଥାପି ପରିବହନ ଖର୍ଚ୍ଚ ହ୍ରାସ ଓ ବିଶ୍ୱ ବଜାରରେ ତେଲ ଦର ନିୟନ୍ତ୍ରଣ ପାଇଁ ହରମୁଜ୍ ପଥର ସ୍ଥିରତା ଅତ୍ୟନ୍ତ ଜରୁରୀ । ସମ୍ପୂର୍ଣ୍ଣ ରୂପେ ପୂର୍ବ ସ୍ଥିତି ଫେରିବା ପାଇଁ ଶିପିଂ କମ୍ପାନୀ ଏବଂ ବ୍ୟବସାୟୀମାନଙ୍କ ମଧ୍ୟରେ ସୁରକ୍ଷାକୁ ନେଇ ଆତ୍ମବିଶ୍ୱାସ ଆସିବା ଆବଶ୍ୟକ, ଯାହା ପାଇଁ ଆହୁରି କିଛି ସପ୍ତାହ କିମ୍ବା ମାସ ସମୟ ଲାଗିପାରେ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି ।

## ସୁଡ଼ଙ୍ଗ ଭିତରେ ୩୦ ହିଜବୁଲ୍ଲା ଆତଙ୍କବାଦୀ, ବାହାରୁ ଘେରି ରହିଛନ୍ତି ଇସ୍ରାଏଲୀ ସେନା



ତେଲ ଅଭିଭ: ଇସ୍ରାଏଲୀ ସେନା ଲେବାନନର ଏକ ଗୁପ୍ତ ସୁଡ଼ଙ୍ଗରେ ୩୦ ଜଣ ହିଜବୁଲ୍ଲାଆତଙ୍କବାଦୀଙ୍କୁ ଘେରି ରହିଛନ୍ତି । କିଛି ରିପୋର୍ଟ ଅନୁଯାୟୀ, ଡେବନିତ ଗ୍ରାମର ଏକ ଭୂତଳ ଘାଟିରେ ହିଜବୁଲ୍ଲା ଆତଙ୍କବାଦୀ ଲୁଚି ରହିଛନ୍ତି । ଇସ୍ରାଏଲୀ ସେନା ସେମାନଙ୍କୁ ବାହାରୁ ଘେରି ରହିଛନ୍ତି । ଏହି ସୁଡ଼ଙ୍ଗ ନେଟୱାର୍କ ଏକ କିଲୋମିଟରରୁ ଅଧିକ ଲମ୍ବା ଏବଂ ଆଇଡିଏଫ ବାହିନୀ ଭୂମି ଉପରେ ଏବଂ ମାଟି ତଳେ ଉଭୟ ସ୍ଥାନରେ ହିଜବୁଲ୍ଲା ଆତଙ୍କବାଦୀଙ୍କ ସହ ଲଢୁଛନ୍ତି । ରିପୋର୍ଟରେ କୁହାଯାଇଛି, ହିଜବୁଲ୍ଲା ଆତଙ୍କବାଦୀ ଭିତରେ ଫସି ରହିଛନ୍ତି । ସେମାନେ ମୋର୍ଟାର ଏବଂ ଡ୍ରୋନ୍ ବ୍ୟବହାର କରି ଇସ୍ରାଏଲୀ ସେନା ସହିତ ଲଢୁଛନ୍ତି । ଆଇଡିଏଫ କହିଛି, ଏହି ଘାଟି ଦକ୍ଷିଣ ଲେବାନନରେ ହିଜବୁଲ୍ଲାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁଖ୍ୟାଳୟ ମଧ୍ୟରୁ ଗୋଟିଏ । ଏହି ଅଞ୍ଚଳରେ ଅପରେସନର ଲକ୍ଷ୍ୟ ହେଉଛି ଉତ୍ତର ଇସ୍ରାଏଲୀ ଜନସାଧାରଣ ଉପରେ ଥିବା ବିପଦକୁ ଦୂର କରିବା । ରିପୋର୍ଟ ଅନୁଯାୟୀ, ଆତ୍ମସମର୍ପଣ କରିବା ପରିବର୍ତ୍ତେ, ସୁଡ଼ଙ୍ଗ ଭିତରେ ଫସି ରହିଥିବା ଆତଙ୍କବାଦୀମାନେ ମୋର୍ଟାର ଏବଂ ଡ୍ରୋନ୍ ବ୍ୟବହାର କରି ଇସ୍ରାଏଲୀ ସେନା ଉପରେ ଲଗାତାର ଆକ୍ରମଣ କରୁଛନ୍ତି ।

## ତାମିଲନାଡୁର ଚିଙ୍ଗୁଡ଼ି କାରଖାନାରେ ଗ୍ୟାସ୍ ଲିକ୍ ; ୭ ମୃତ

ତାମିଲନାଡୁ : ତାମିଲନାଡୁର ତିରୁଭାଲୁର ଜିଲ୍ଲାରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ଜିଲ୍ଲାର ପେରିୟାପାଲାୟମ୍ ନିକଟରେ ଥିବା ଏକ ବେସରକାରୀ ସାମୁଦ୍ରିକ ଖାଦ୍ୟ (ସୀ-ଫୁଡ୍) ପ୍ରକ୍ରିୟାକରଣ କାରଖାନାରେ ହଠାତ୍ ଆମୋନିଆ ଗ୍ୟାସ୍ ଲିକ୍ ହେବା ଯୋଗୁଁ ୭ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି । ଏହି ବିଷାକ୍ତ ଗ୍ୟାସ୍ ସଂସ୍ପର୍ଶରେ ଆସି ଶତାଧିକ ଶ୍ରମିକ ଅସୁସ୍ଥ ହୋଇ ପଡ଼ିଥିବା ବେଳେ ସେମାନଙ୍କୁ ଜରୁରୀକାଳୀନ ଚିକିତ୍ସା ପାଇଁ ନିକଟସ୍ଥ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତେବେ କାରଖାନାରେ ୩୦୦ରୁ ଅଧିକ ଶ୍ରମିକ କାମ କରୁଥିବା ବେଳେ ଦୁର୍ଘଟଣା ସମୟରେ ୧୦୦ ରୁ ଅଧିକ ଶ୍ରମିକ କାର୍ଯ୍ୟରତ ଥିଲେ । ଗ୍ୟାସ୍ ଲିକ୍ ହେବା ମାତ୍ରେ ସେଠାରେ ଶ୍ରମିକମାନେ ନିଶ୍ୱାସ ପ୍ରଶ୍ୱାସ ନେବାରେ ପ୍ରବଳ କଷ୍ଟ ଅନୁଭବ କରିଥିଲେ । ରିପୋର୍ଟ ଅନୁଯାୟୀ, ୭୦ ରୁ ଅଧିକ ଶ୍ରମିକ ଗୁରୁତର ଭାବେ ଶ୍ୱାସକ୍ରିୟା ଜନିତ ସମସ୍ୟାର ସମ୍ମୁଖୀନ ହୋଇଥିବା ବେଳେ କେତେକଙ୍କ ନାକ ଓ ପାଟିରୁ ରକ୍ତସ୍ରାବ ହୋଇ ସେମାନେ ଚେତାଶୂନ୍ୟ ହୋଇପଡ଼ିଥିଲେ । ଖବର ପାଇ ପୋଲିସ ଓ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ଅସୁସ୍ଥ ଶ୍ରମିକମାନଙ୍କୁ ବେସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ୭ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଅନ୍ୟ ୧୦ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଚେନ୍ନାଇର ଷ୍ଟାନଲେ ମେଡିକାଲ କଲେଜ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି । ତିରୁଭାଲୁର ଜିଲ୍ଲାପାଳ କବିତା କାରଖାନା ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବା ସହ ହସ୍ପିଟାଲରେ ଆହତମାନଙ୍କୁ ଭେଟି ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଛନ୍ତି । ପ୍ରଶାସନ ପକ୍ଷରୁ ଏହି ଗ୍ୟାସ୍ ଲିକର ପ୍ରକୃତ କାରଣ ଜାଣିବା ପାଇଁ ଏକ ବିଧିବଦ୍ଧ ତଦନ୍ତ ଆରମ୍ଭ କରାଯାଇଛି ।

## ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା: ଯନ୍ତର ମନ୍ତରଠାରେ ଦ୍ୱିତୀୟ ଦିନ ପାଇଁ ଦୀପ୍ କେଙ୍କ ଆନ୍ଦୋଳନ ଜାରି



ନୂଆଦିଲ୍ଲୀ : ନିଟ୍ ପ୍ରଶ୍ନପତ୍ର ଲିକ୍‌କୁ ନେଇ କକ୍ରୋଚ ଜନତା ପାର୍ଟି (ସିଜେପି) ପ୍ରତିଷ୍ଠାତା ଅଭିଜିତ ଦୀପ୍‌କେ ଓ ତାଙ୍କ ସମର୍ଥକଙ୍କ ଧାରଣା ରବିବାର ଦ୍ୱିତୀୟ ଦିନ ପାଇଁ ଜାରି ରହିଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଦୀପ୍‌କେ ଓ ତାଙ୍କ ସମର୍ଥକ ରାତି ସାରା ଧାରଣାରେ ବସି ରହିଥିଲେ । ଦୀପ୍‌କେ ଲୋକମାନଙ୍କୁ ଧାରଣାରେ ଯୋଗଦେବାକୁ ଅନୁରୋଧ କରିବା ସହିତ ନିଟ୍ ପୁନଃପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ଶେଷ ହେବା ପରେ ଆନ୍ଦୋଳନରେ ଯୋଗ ଦେବାକୁ ଆହ୍ୱାନ କରିଥିଲେ । ଦୀପ୍ କେ କହିଛନ୍ତି, ଆମେ ଆନ୍ଦୋଳନ ଜାରି ରଖିଛୁ, କିନ୍ତୁ ଆପଣମାନଙ୍କ ବିନା ଯୋଗଦାନରେ ଏହା ସଫଳ ହେବନାହିଁ ବୋଲି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଯନ୍ତରମନ୍ତରଠାରେ ରବିବାର କହିଛନ୍ତି ।

ଦିଲ୍ଲୀ ପୁଲିସ ଆୟୋଜକଙ୍କୁ ଶନିବାର ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଧାରଣା ପାଇଁ ଅନୁମତି ଥିବା କହି ଧାରଣାସ୍ଥଳ ଛାଡ଼ି ଦେବାକୁ କହିଥିଲା । କିନ୍ତୁ ରବିବାର ମଧ ଆନ୍ଦୋଳନ ଜାରି ରହିଛି । ଦୀପ୍ କେ ପୁଲିସକୁ ଆନ୍ଦୋଳନ ପାଇଁ ଅନ୍ୟ ଏକ ସ୍ଥାନ ଯୋଗାଇ ଦେବାକୁ କହିବା ସହିତ ସେ ପର୍ଯ୍ୟନ୍ତ ସେମାନେ ଯନ୍ତରମନ୍ତରଠାରେ ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି । ଆନ୍ଦୋଳନକାରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ସ୍ଲୋଗାନ ଦେଇଥିଲେ ଓ ପ୍ଲାକାର୍ଡ଼ ପ୍ରଦର୍ଶନ କରିଥିଲେ । ଶନିବାର ଅପରାହ୍ଣରେ ପ୍ରବଳ ପୁଲିସ

## ଇରାନର ପରମାଣୁ ସ୍ଥଳଗୁଡ଼ିକର ଯାଞ୍ଚ ବଦଳରେ ଆମେରିକା ଅନଫ୍ରିଜ୍ କରିବ ୬ ବିଲିୟନ ଡଲାର !

ୱାସିଂଟନ: ଗତ ସପ୍ତାହରେ ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ଶାନ୍ତି ଚୁକ୍ତି ପରେ, ଦୁଇ ଦେଶ ମଧ୍ୟରେ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଆରମ୍ଭ ହେବାକୁ ଯାଉଛି । ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ସ୍ୱିଜରଲ୍ୟାଣ୍ଡରେ ପହଞ୍ଚିବେ । ରବିବାର ଆଲୋଚନାରେ ପରମାଣୁ କାର୍ଯ୍ୟକ୍ରମ, ପ୍ରତିବନ୍ଧକ ଦ୍ୱାରା ଅବରୋଧିତ ଇରାନୀ ପାଣ୍ଠି ଏବଂ ଆଞ୍ଚଳିକ ଉତ୍ତେଜନା ଭଳି ପ୍ରସଙ୍ଗ ଉପରେ ଆଲୋଚନା ହେବ । ରିପୋର୍ଟ ଅନୁଯାୟୀ, ଆମେରିକା ଚାହୁଁଛି ଯେ, ଆଲୋଚନା ଇରାନର ପରମାଣୁ ପ୍ରତିଷ୍ଠାନର ଯାଞ୍ଚ ସହିତ ଆରମ୍ଭ ହେଉ ଏବଂ ପ୍ରତିବଦଳରେ ଇରାନକୁ କିଛି ଜମା ହୋଇଥିବା ପାଣ୍ଠିକୁ ଦେବାକୁ ଆମେରିକା ଇଚ୍ଛୁକ । ରିପୋର୍ଟ ଅନୁଯାୟୀ, ପ୍ରଥମ ପର୍ଯ୍ୟାୟ ଆଲୋଚନାରେ ଇରାନରେ ଜାତିସଂଘ (ୟୁଏନ)ର ପରୀକ୍ଷକମାନଙ୍କୁ ଏହାର ପରମାଣୁ ସ୍ଥାନ ପରିଦର୍ଶନ କରିବାକୁ ଅନୁମତି ଦେବା ପାଇଁ ଆମେରିକା ଚେଷ୍ଟା କରୁଛି ।

## ରେଡ୍ ଆଲର୍ଟ ଫ୍ରାନ୍ସର ଏକ ତୃତୀୟାଂଶ ଅଞ୍ଚଳ : ରାସ୍ତା ଶୂନ୍ ଶାନ-ମଦ୍ୟପାନ ନିଷେଧ




ଫ୍ରାନ୍ସ : ୟୁରୋପ ପୁଣି ଥରେ ଏକ ଗମ୍ଭୀର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି । ଏଥର ଫ୍ରାନ୍ସ ଏହାର କେନ୍ଦ୍ରସ୍ଥଳ ପାଲଟିଛି । ସଦ୍ୟ ସମାପ୍ତ ଜି-୭ ଶିଖର ସମ୍ମିଳନୀର କିଛି ଦିନ ପରେ, ସାରା ଦେଶରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଛି, ଯାହା ପରିସ୍ଥିତିକୁ ଜରୁରୀକାଳୀନ ସ୍ତରକୁ ନେଇଯାଇଛି । ରାସ୍ତା ଶୂନ ଶାନ ହୋଇ ପଡ଼ିଛି । ପାଗର ଗମ୍ଭୀରତାକୁ ଦୃଷ୍ଟିରେ ରଖି ସରକାର ଦେଶର ପ୍ରାୟ ଏକ ତୃତୀୟାଂଶ ଅଞ୍ଚଳ ପାଇଁ ରେଡ୍ ଆଲର୍ଟ ଜାରି କରିଛନ୍ତି ।

ପାଣିପାଗ ପୂର୍ବାନୁମାନ ଭୟଙ୍କର ରହିଛି । ଅନେକ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରି ସେଲସିୟସ୍ ଛୁଇଁବ ବୋଲି ଆଶା କରାଯାଉଛି । ଗରମ ଯୋଗୁ ଜଙ୍ଗଲରେ ନିଆଁ ଲାଗିବାର ଆଶଙ୍କା ମଧ ବୃଦ୍ଧି ପାଇଛି । ତେଣୁ ଫରାସୀ ସେନା ଏବଂ ସମସ୍ତ ଜରୁରୀକାଳୀନ ସେବାକୁ ହାଇ ଆଲର୍ଟରେ ରଖାଯାଇଛି । ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଅନେକ ବଡ଼ ବାହ୍ୟ କ୍ରୀଡ଼ା ଇଭେଣ୍ଟକୁ ବାତିଲ କରାଯାଇଛି । ସାର୍ବଜନୀନ ସ୍ଥାନରେ ମଦ ବିକ୍ରି ଏବଂ ମଦ୍ୟପାନ ଉପରେ ମଧ କଡ଼ା କଟକଣା ଲାଗୁ କରାଯାଇଛି । ଯାହା ଦ୍ୱାରା ଡାକ୍ତରୀ ଦଳଗୁଡ଼ିକ କେବଳ ଗ୍ରୀଷ୍ମ ପ୍ରବାହ ଦ୍ୱାରା ପ୍ରଭାବିତ ଲୋକଙ୍କ ଉପରେ ଧ୍ୟାନ ଦେଇପାରିବେ । ଫ୍ରାନ୍ସ ସରକାରଙ୍କ ସବୁଠାରୁ ବଡ଼ ଚିନ୍ତା ହେଉଛି ଦେଶର ବୃଦ୍ଧ ଏବଂ ବାସହୀନ ନାଗରିକଙ୍କୁ ସୁରକ୍ଷଦେବା । ଫ୍ରାନ୍ସ ୨୦୦୩ର ବିନାଶକାରୀ ଗ୍ରୀଷ୍ମ ପ୍ରବାହକୁ ଭୁଲିନାହିଁ, ଯେଉଁଥିରେ ଉପଯୁକ୍ତ ବ୍ୟବସ୍ଥା ଅଭାବରୁ ପ୍ରାୟ ୧୫,୦୦୦ ବୃଦ୍ଧ ପ୍ରାଣ ହରାଇଥିଲେ । ସରକାରଙ୍କ ପକ୍ଷରୁ ବିଶେଷ ସତର୍କତା ଅବଲମ୍ବନ କରାଯାଉଛି । ଅଧିକାରୀମାନେ କହିଛନ୍ତି ଯେ ରବିବାର ଅପେକ୍ଷା ସୋମବାର ଆହୁରି ଅଧିକ ଗରମ ହେବ ବୋଲି ଆଶା କରାଯାଉଛି, ତେଣୁ ଲୋକଙ୍କୁ ମଧ୍ୟାହ୍ନ ସମୟରେ ଘରେ ରହିବାକୁ ଅନୁରୋଧ କରାଯାଇଛି । ରାଜଧାନୀ ପ୍ୟାରିସରେ, ଲୋକଙ୍କୁ ଆଶ୍ୱସ୍ତି ଦେବା ପାଇଁ ଆଇଫେଲ ଟାୱାର ଭଳି ପ୍ରମୁଖ ପର୍ଯ୍ୟଟନ ସ୍ଥଳରେ ପାଣି ସ୍ପ୍ରେ ସହିତ ସ୍ୱତନ୍ତ୍ର କୁଲିଂ ଷ୍ଟେସନ ସ୍ଥାପନ କରାଯାଇଛି । ଫ୍ରାନ୍ସର ଏକ ପ୍ରମୁଖ ସମସ୍ୟା ହେଉଛି ଯେ, ଅଧିକାଂଶ ଘରେ ଏୟାର କଣ୍ଡିସନିଂ(ଏସି)ର ଅଭାବ ରହିଛି, ଯାହା ସୁରକ୍ଷା ପାଇଁ ବିକଳ୍ପଗୁଡ଼ିକୁ ସୀମିତ କରୁଛି । ସେହିପରି, ସରକାର ପରମାଣୁ ଶକ୍ତି କେନ୍ଦ୍ର ପାଇଁ ଜଳର ଉପଲବ୍ଧତା ଉପରେ ମଧ କଡ଼ା ନଜର ରଖିଛନ୍ତି, ଯାହା ଦ୍ୱାରା ବିଦ୍ୟୁତ ଯୋଗାଣ ଏବଂ ଶୀତଳୀକରଣ ପ୍ରକ୍ରିୟା ଯେପରି ବାଧାପ୍ରାପ୍ତ ନହେବ ।

### ଇଂଲଣ୍ଡ ବିପକ୍ଷ ଦିନିକିଆ ପାଇଁ ଭାରତୀୟ ଟିମ୍ ଘୋଷଣା

# ବୁମରା-କୋହଲି ଫେରିଲେ, ଜୈସୱାଲ ନିରାଶ

ନୂଆଦିଲ୍ଲୀ, ୨୧।୬: ଭାରତର ଇଂଲଣ୍ଡ ଗସ୍ତ ପାଇଁ ରବିବାର ବିସିସିଆଇ ପକ୍ଷରୁ ୧୫ ଜଣିଆ ଦିନିକିଆ ଟିମ୍ ଘୋଷଣା କରାଯାଇଛି। ଟିମ୍‌ରେ ରୋହିତ ଶର୍ମା ତାଙ୍କ ସ୍ଥାନ ବଜାୟ ରଖିଥିବା ବେଳେ ଆଫଗାନିସ୍ତାନ ବିପକ୍ଷ ସିରିଜ୍‌ର ଫାଇନାଲ ମ୍ୟାଚ୍‌ରେ ଶତକ ମାରିଥିବା ଯଶସ୍ୱୀ ଜୈସୱାଲଙ୍କୁ ବାଦ୍ ଦିଆଯାଇଛି।ବିରାଟ କୋହଲିଙ୍କୁ ସର୍ତ୍ତମୂଳକ ଭାବେ ଟିମ୍‌ରେ ସାମିଲ କରାଯାଇଛି। ମାଂଶପେଶୀରେ ଆଘାତ ଯୋଗୁ ଆଫଗାନିସ୍ତାନ ବିପକ୍ଷ ଦିନିକିଆ ସିରିଜ୍‌ରୁ ବାଦ୍ ପଡିଥିବା ବିରାଟ କୋହଲିଙ୍କୁ ଫିଟ୍‌ନେସ୍ ଟେଷ୍ଟ ଦେବାକୁ ପଡିବ। ଫିଟ୍‌ନେସ୍ ଟେଷ୍ଟ ପାଇଁ ତାଙ୍କୁ ସୋମବାର (ଆସନ୍ତାକାଲି) ବେଙ୍ଗାଲୁରୁ ସ୍ଥିତ ସେଣ୍ଟର ଅଫ୍ ଏକ୍ସେଲେନ୍ସ ରେ ହାଜର ହେବାକୁ କୁହାଯାଇଥିବା ଜଣାପଡିଛି।ମାଂଶପେଶୀରେ ଆଘାତ ଯୋଗୁ ବିରାଟ କୋହଲିଙ୍କୁ ଆଫଗାନିସ୍ତାନ ବିପକ୍ଷ ସିରିଜ୍‌ରୁ ବାଦ୍ ଦିଆଯାଇଥିବା ବେଳେ ତାଙ୍କ ସ୍ଥାନରେ ଯଶସ୍ୱୀ ଜୈସୱାଲଙ୍କୁ ନିଆଯାଇଥିଲା। ସେ ଏହି ସିରିଜ୍‌ର ଫାଇନାଲ ମ୍ୟାଚ୍‌ରେ ଅପରାଜିତ ୧୧୦ ରନ୍ କରିଥିଲେ। ଏମିତିକି ସେ ତାଙ୍କର ଶେଷ ୩ଟି ଦିନିକିଆ ମ୍ୟାଚ୍‌ରୁ ୨ଟି ଶତକ ହାସଲ କରିଥିଲେ ହେଁ ତାଙ୍କୁ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ପାଇଁ ଚୟନ କରାଯାଇନାହିଁ।

ତେବେ ଆଫଗାନିସ୍ତାନ ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରିଥିବା ଗୁରୁନୂର ବ୍ରାର୍



ନିଜ ସ୍ଥାନ ପକ୍କା କରିଛନ୍ତି। ତେବେ ମହମ୍ମଦ ସିରାଜ ଓ ଯଶସ୍ୱୀ ଜୟସ୍ୱଲାଙ୍କୁ ବିଶ୍ରାମ ଦିଆଯାଇଥିଲ। ତେବେ ଆଫ୍‌ଗାନିସ୍ତାନ ବିପକ୍ଷ ଶୃଙ୍ଖଳା ଖେଳି ନଥିବା ଅକ୍ଷର ପଟେଲ ଦଳକୁ ଫେରିଛନ୍ତି। ଆଇପିଏଲ୍‌ରେ ମାଂସପେସୀ ଆହତ ଜନିତ ସମସ୍ୟା ଯୋଗୁଁ କୋହଲିଙ୍କୁ ଆଫ୍‌ଗାନିସ୍ତାନ ବିପକ୍ଷ ଦିନକିଆ ଦଳରେ ସାମିଲ କରାଯାଇ ନଥିଲା। ସେହିପରି ଆଇପିଏଲ୍ ବେଳେ ପାଦରେ ଆଘାତ ଜନିତ ସମସ୍ୟାରେ ପଡି ଚିକିତ୍ସିତ ହେଉଥିବା ବରୁଣ ଚକ୍ରବର୍ତ୍ତୀ ସୁସ୍ଥ ହେବାର ଶେଷ ସୋପନରେ ଅଛନ୍ତି। ତେଣୁ ତାଙ୍କୁ ଆୟର୍ଲାଣ୍ଡ ଟ୍‌ବେଣ୍ଟି-୨୦ ଦଳରୁ ବାଦ ଦିଆଯାଇଛି ବୋଲି ବିସିସିଆଇ ଏହି ଅବସରରେ ସ୍ପଷ୍ଟ କରିଛି।

ଆଜି ଘୋଷଣା କରାଯାଇଥିବା ଦଳରେ ଯଶପ୍ରୀତ ବୁମରା ଓ ଅକ୍ଷର ପଟେଲଙ୍କ ନାଁ ଅଛି। ନ୍ୟୁଜ୍ ଏଜେନ୍ସି ପିଟିଆଇ 'ବିସିସିଆଇ' ସୂତ୍ରକୁ ଆଧାର କରି ଏକ ରିପୋର୍ଟ ପ୍ରକାଶ କରିଛି ଯେ ଇଂଲଣ୍ଡ ବିପକ୍ଷରେ ଟପ୍ ଅର୍ଡରରେ କୌଣସି ପ୍ରକାର ପରୀକ୍ଷାନିରୀକ୍ଷା କରିବାକୁ ଚୟନକର୍ତ୍ତାମାନେ ଆଗ୍ରହ ଦେଖାଇ ନାହାନ୍ତି। ବିରାଟ କୋହଲି ୩ ନମ୍ବରରେ ବ୍ୟାଟିଂ କରିବେ। ରୋହିତ ଶର୍ମାଙ୍କ ସହ ମିଶି ଶୁବମନ ଗିଲ୍ ଓପନ୍ କରିବେ। କୌଣସି ପ୍ରକାରର ବିଶେଷ ସ୍ଥିତି ଉପୁଜିଲେ ଈଶାନ କିଷନଙ୍କୁ ଓପନିଂ ପାଇଁ ପଠାଯାଇପାରେ।

ଶୁବମନ ଗିଲଙ୍କ ନେତୃତ୍ୱରେ ଘୋଷଣା କରାଯାଇଥିବା ୧୫ ଜଣିଆ ଦିନିକିଆ ଟିମ୍‌ରେ ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପ-ଅଧିନାୟକ), କେଏଲ ରାହୁଲ (ୱିକେଟ୍ କିପର), ଈଶାନ କିଶନ (ୱିକେଟ୍ କିପର), ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, ନୀତୀଶ କୁମାର ରେଡ୍ଡୀ, କୁଲଦୀପ ଯାଦବ, ଯଶପ୍ରୀତି ବୁମ୍ରା, ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା, ଅର୍ଶଦୀପ ସିଂହ ଓ ଗୁରନୁର ବ୍ରାର।

ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଜୁଲାଇ ୧୪ରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ୍ ଜୁଲାଇ ୧୪ରେ ଏଜବାଷ୍ଟନରେ ଖେଳାଯିବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ସୋଫିଆ ଗାର୍ଡେନସରେ ଜୁଲାଇ ୧୬ରେ ଖେଳାଯିବ। ତୃତୀୟ ତଥା ଶେଷ ମ୍ୟାଚ୍ ଲର୍ଡସରେ ଜୁଲାଇ ୧୯ରେ ଖେଳାଯିବ। ଭାରତୀୟ ସମୟ ଅନୁସାରେ ପ୍ରଥମ ଓ ତୃତୀୟ ମ୍ୟାଚ୍ ଅପରାହ୍ନ ସାଢେ ୩ଟାରୁ ଆରମ୍ଭ ହେବ। ଦ୍ୱିତୀୟ ମ୍ୟାଚ୍‌ଟି ଅପରାହ୍ନ ସାଢେ ୫ଟାରୁ ଖେଳାଯିବ।

**ଭାରତର ଇଂଲଣ୍ଡ ଗସ୍ତ**
ଜୁଲାଇ ୧, ପ୍ରଥମ ଟି-୨୦, ଚେଷ୍ଟର ଲେ ଷ୍ଟ୍ରିଟ
ଜୁଲାଇ ୪, ଦ୍ୱିତୀୟ ଟି-୨୦, ମାଞ୍ଚେଷ୍ଟର
ଜୁଲାଇ ୭, ତୃତୀୟ ଟି-୨୦, ନର୍ଟିଂହାମ
ଜୁଲାଇ ୯, ଚତୁର୍ଥ ଟି-୨୦, ବ୍ରିଷ୍ଟମ
ଜୁଲାଇ ୧୧, ପଞ୍ଚମ ଟି-୨୦, ସାଉଥମ୍ପଟନ
ଜୁଲାଇ ୧୪, ପ୍ରଥମ ଦିନିକିଆ, ବର୍ମିଂହାମ
ଜୁଲାଇ ୧୬, ଦ୍ୱିତୀୟ ଦିନିକିଆ, କାର୍ଡିଫ
ଜୁଲାଇ ୧୯, ତୃତୀୟ ଦିନିକିଆ

## ଜାପାନର ନକ୍‌ଆଉଟ୍ ଆଶା ଉଜ୍ଜୀବିତ



ମଣ୍ଟେରେ, ୨୧।୬(ଏଜେନ୍ସି): ଫିଫା ବିଶ୍ୱକପ୍‌ର ୧୦୦୦ତମ ମ୍ୟାଚ୍ ରବିବାର ଖେଳାଯାଇଛି। ଏହି ଐତିହାସିକ ମ୍ୟାଚ୍‌ରେ ମୁହାଁମୁହିଁ ହୋଇଥିଲେ ଜାପାନ ଓ ଟ୍ୟୁନିସିଆ। ଏଥିରେ ଜାପାନ ୪-୦ ଗୋଲ୍‌ରେ ଟ୍ୟୁନିସିଆକୁ ହରାଇ ଚଳିତ ବିଶ୍ୱକପ୍‌ର ନକ୍‌ଆଉଟ୍ ପ୍ରବେଶ ଆଶାକୁ ଉଜ୍ଜୀବିତ ରଖିଛି।

ଅନ୍ୟପକ୍ଷରେ ପରାଜୟ ସହ ଟ୍ୟୁନିସିଆ ନକ୍‌ଆଉଟ୍ ଦୌଡରୁ ବାଦ୍ ପଡିଛି। ଗ୍ରୁପ୍-ଏଫ୍‌ରେ ଜାପାନର ନିଜର ପ୍ରଥମ ମ୍ୟାଚ୍ ନେଦରଲାଣ୍ଡ୍‌ସ ସହ ଡ୍ର ରଖି ଗୋଟିଏ ପଏଣ୍ଟ୍ ପାଇଥିଲା। ଏହି ବିଜୟ ସହ ଜାପାନର ପଏଣ୍ଟ ସଂଖ୍ୟା ୪ରେ ପହଞ୍ଚିଛି ଏବଂ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିଛି। ନେଦରଲାଣ୍ଡ୍‌ସ ୪ ପଏଣ୍ଟ୍ ପାଇଥିଲେ ମଧ୍ୟ ଗୋଲ୍ ବ୍ୟବଧାନରେ ଆଗରେ ରହି ଶୀର୍ଷ ସ୍ଥାନରେ ଦଖଲ କରିଛି।

ରବିବାର ଫିଫା ବିଶ୍ୱକପ୍‌ର ୧୦୦୦ତମ ମ୍ୟାଚ୍ ଖେଳାଯାଇଛି। ସ୍ୱିଡେନ୍ ୨ ମ୍ୟାଚ୍‌ରୁ ୧ ବିଜୟ ଓ ପରାଜୟରୁ ୩ ପଏଣ୍ଟ୍ ପାଇ ତୃତୀୟ ଏବଂ ଟ୍ୟୁନିସିଆ ପଏଣ୍ଟ୍‌ଶୂନ୍ୟ ସହ ଚତୁର୍ଥ ସ୍ଥାନରେ ରହିଛି। ଗ୍ରୁପ୍‌ର ଶେଷ ଦୁଇ ମ୍ୟାଚ୍‌ରେ ସ୍ୱିଡେନ୍‌କୁ ଜାପାନ ଏବଂ ଟ୍ୟୁନିସିଆକୁ ନେଦରଲାଣ୍ଡ୍‌ସ ଭେଟିବ। ଏହି ମାଇଲ୍‌ଖୁଣ୍ଟ ମ୍ୟାଚ୍‌ର ଚତୁର୍ଥ ମିନିଟ୍‌ରେ କେଇତୋ ନାକାମୁରାଙ୍କ ପାସ୍‌କୁ ଡାଇଚି କାମାଡା ଗୋଲ୍‌ରେ ପରିଣତ କରି ଜାପାନକୁ ଆଗରେ ରଖିଥିଲେ।

ଏହାପରେ ଆୟାସେ ଉଏଦା (୩୧ ମିନିଟ୍)ଙ୍କ ଗୋଲ୍‌ରେ ଜାପାନ୍ ୨-୦ରେ ଅଗ୍ରଣୀ ନେଇଥିଲା। ପ୍ରଥମାର୍ଦ୍ଧରେ ୨-୦ରେ ଆଗରେ ଥିବା ଜାପାନ ଦ୍ୱିତୀୟାର୍ଦ୍ଧରେ ୨ଟି ଗୋଲ୍ ଲଦି ୪-୦ରେ ବିଜୟ ମୁଣ୍ଡଇ ମାରିଥିଲା। ଜୁନିୟା ଇତୋ (୬୯ ମିନିଟ୍) ଦଳ ପାଇଁ ତୃତୀୟ ଗୋଲ୍ କରିଥିଲେ। ଏହର ୧୫ ମିନିଟ୍ ପରେ କାଇଶୁ ସାନୋଙ୍କ ସୁନ୍ଦର ପାସ୍‌କୁ ଉଏଦା (୮୪ ମିନିଟ୍) ମୁଣ୍ଡରେ ବଲ୍‌କୁ ଟ୍ୟୁନିସିଆର ଗୋଲ୍ ପୋଷ୍ଟ୍‌କୁ ପଠାଇ ବ୍ୟକ୍ତିଗତ ଯୁଗଳ ସଫଳତା ପାଇବା ସହ ଏହି ଐତିହାସିକ ମ୍ୟାଚ୍‌ରେ ଦଳର ବିଜୟରେ ନିଜର ଛାପ ଛାଡିଥିଲେ।

### ନେସନ୍ସ କପ୍ ମହିଳା ହକି

# ଭାରତ ବିଜେତା




ଅକ୍‌ଲାଣ୍ଡ: ନ୍ୟୁଜିଲାଣ୍ଡରେ ଆୟୋଜିତଏଫ୍‌ଆଇଏଚ୍ ନେସନ୍ସ କପ୍ ମହିଳା ହକି ପ୍ରତିଯୋଗିତାରେ ଭାରତ ବିଜେତା ହୋଇଛି। ପୂରା ପ୍ରତିଯୋଗିତାରେ ଅପରାଜେୟ ଥିବା ଭାରତ ରବିବାର ଫାଇନାଲ୍‌ରେ ଘରୋଇ ଦଳକୁ ୨-୦ ଗୋଲ୍‌ରେ ପରାସ୍ତ କରି ଦ୍ୱିତୀୟ ଥର ଲାଗି ଏହି ଟ୍ରଫି ହାତେଇଛି। ଭାରତ ପ୍ରଥମ ଥର ଲାଗି ୨୦୨୨ ଉଦ୍‌ଘାଟନୀ ସଂସ୍କରଣରେ ବିଜେତା ହୋଇଥିଲା। ଚଳିତ ସଂସ୍କରଣରେ ଭାରତ ପୁଲ୍-ଏ'ରେ ଆମେରିକା, ଜାପାନ, ଉରୁଗୁଏକୁ ହରାଇ ସେମିଫାଇନାଲ୍‌ରେ ପହଞ୍ଚିଥିଲା।

ସେମିଫାଇନାଲ୍‌ରେ ଚିଲିକୁ ୬-୦ରେ ହରାଇ ଟ୍ରଫି ଲଇରେ ଅବତୀର୍ଣ୍ଣ ହୋଇଥିଲା। ଏହି ଟ୍ରଫି ବିଜୟ ସହ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌କୁ ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ମହିଳା ଦଳର ସମସ୍ତ ଖେଳାଳିଙ୍କୁ ୩ ଲକ୍ଷ ଟଙ୍କା ଲେଖାଏଁ ଏବଂ ସର୍ପୋଟ ଷ୍ଟାଫ୍‌ଙ୍କୁ ୧.୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଦେବାକୁ ହକି ଇଣ୍ଡିଆ ଘୋଷଣା କରିଛି।ମ୍ୟାଚ୍‌ର ଚତୁର୍ଥ ମିନିଟ୍‌ରେ ଭ୍ରମଣକାରୀ ଦଳ ପେନାଲ୍‌ଟି କର୍ଣ୍ଣର ଅର୍ଜନ କରିଥିଲା। ଏହାକୁ ନବନୀତ କେର ଗୋଲ୍‌ରେ ପରିଣତ କରି ଦଳକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ପ୍ରଥମ କ୍ୱାର୍ଟରର ଶେଷ ମିନିଟ୍‌ରେ ଦଳକୁ ମିଳିଥିବା ଅନ୍ୟଏକ ପେନାଲ୍ଟି କର୍ଣ୍ଣରକୁ ଓଡିଆ ଝିଅ ସୁନେଲିତା ଟୋପ୍ପୋ ଗୋଲ୍‌ରେ ପରିଣତ କରି ୨-୦ରେ ଭାରତକୁ ଆଗୁଆ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତ ଶୃଙ୍ଖଳିତ ଖେଳ ଖେଳି ଘରୋଇ ଦଳକୁ କୌଣସି ସୁଯୋଗ ଦେଇ ନଥିଲା। ଫଳରେ ପ୍ରଥମାର୍ଦ୍ଧ ଭାରତ ପକ୍ଷରେ ୨-୦ରେ ରହିଥିଲା। ଶେଷ ଦୁଇ କ୍ୱାର୍ଟରରେ ମଧ୍ୟ ଭାରତର ଡିଫେଣ୍ଡର ଚମତ୍କାର ଖେଳି ଘରୋଇ ଦଳକୁ କୌଣସି ସୁଯୋଗ ଦେଇ ନଥିଲେ। ଏପରିକି ଶେଷ କ୍ୱାର୍ଟରରେ ନ୍ୟୁଜିଲାଣ୍ଡକୁ ମିଳିଥିବା ପେନାଲ୍‌ଟି କର୍ଣ୍ଣରକୁ ସବିତା ବିଫଳ କରି ଭାରତର ବିଜୟ ନିଶ୍ଚିତ କରିଥିଲେ। ଚମତ୍କାର ପ୍ରଦର୍ଶନ ପାଇଁ ଲାଲରେମସିଆମିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ଦୀପିକା (୬ ଗୋଲ୍) ଯୁଗ୍ମ ଭାବେ ଆମେରିକାର ଆସ୍‌ଲେ ସେସାଙ୍କ ସହ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ।

## ମହିଳା ବିଶ୍ୱକପ୍‌ରୁ ବାଦ୍ ପଡ଼ିଲେ ବାଂଲା, ପାକ୍, ନେଦରଲାଣ୍ଡ

ନୂଆଦିଲ୍ଲୀ, ୨୧/୦୬; ଭାରତ, ଦ.ଆଫ୍ରିକା ପରେ ବାଂଲାଦେଶ ଆଗରେ ବି ଆଣ୍ଠେଇଲା । ଶେଷରେ ବିଶ୍ୱକପରୁ ବିଦା ହେଲା ପାକିସ୍ତାନ । ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପରେ ପାକିସ୍ତାନର ଅଭିଯାନ ସମାପ୍ତ ହୋଇଛି । ବାଂଲାଦେଶ ବିପକ୍ଷରେ ୨୩ ରନରେ ହାରିବା ସହିତ ବିଶ୍ୱକପରୁ ବିଦା ହୋଇଛି ଟିମ୍ । ଟୁର୍ଣ୍ଣାମେଣ୍ଟର ୧୫ତମ ମ୍ୟାଚ୍ ରେ, ବାଂଲାଦେଶ ମହିଳା କ୍ରିକେଟ୍ ଦଳ ପାକିସ୍ତାନକୁ ପରାସ୍ତ କରି ଇତିହାସ ସୃଷ୍ଟି କରିଥିଲା। ବାଂଲାଦେଶର ବୋଲର ଚମତ୍କାର ପ୍ରଦର୍ଶନ କରି ଅସମ୍ଭବ ବିଜୟ ହାସଲ କରିଛନ୍ତି । ଏହି ପରାଜୟ ସହିତ, ପାକିସ୍ତାନ ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଛି । ଦଳର ଏହା ପରାଜୟର ହ୍ୟାଟ୍ରିକ୍ ଥିଲା । ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପରେ ପାକିସ୍ତାନ ବିପକ୍ଷରେ ଏହା ବାଂଲାଦେଶର ପ୍ରଥମ ବିଜୟ । ସେହିପରି ନେଦଲ୍ୟାଣ୍ଡସ ବିଶ୍ୱକପ ଅଭିଯାନ ମଧ୍ୟ ସରିଛି । ଇଂଲଣ୍ଡ ଏବଂ ୱେଲ୍ସରେ ଚାଲିଥିବା ଆଇସିସି ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପର ଲିଗ୍ ମ୍ୟାଚରୁ ପାକିସ୍ତାନର ଖେଳ ଶେଷ ହୋଇଛି । ବାଂଲାଦେଶ ବିପକ୍ଷରେ ପରାଜୟ ସହିତ ଟୁର୍ଣ୍ଣାମେଣ୍ଟରୁ ବିଦା ହୋଇଛି । ଗ୍ରୁପ ଏରୁ ପାକିସ୍ତାନ ଏବଂ ନେଦରଲ୍ୟାଣ୍ଡସ ଦୁଇଟି ଟିମର ଯାତ୍ରା ସରିଛି । ଦୁଇ ଦଳର ୨ଟି ଲେଖାଏଁ ମ୍ୟାଚ୍ ରହିଛି । ଜିତିଲେ ବି ଆଉ କୌଣସି ଲାଭ ନାହିଁ ।

### ଶ୍ରୀଲଙ୍କା ବୋଲରଙ୍କୁ ଧୋଇଲେ ସୂର୍ଯ୍ୟବଂଶୀ

# ତ୍ରିରାଷ୍ଟ୍ରୀୟ ଶୃଙ୍ଖଳାରେ ଭାରତ ଏ' ଚାମ୍ପିଅନ୍

ଦାମ୍ବୁଲା, ୨୧।୬: ତ୍ରିରାଷ୍ଟ୍ରୀୟ ଶୃଙ୍ଖଳାର ଫାଇନାଲ ମୁକାବିଲାରେ 'ଶ୍ରୀଲଙ୍କା-ଏ'କୁ ଭାରତ ୬୬ ରନ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଶ୍ରୀଲଙ୍କାର ରଣଗିରିସ୍ଥିତ ଦାମ୍ବୁଲା ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶ୍ରୀଲଙ୍କା ୩୭୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳ ୪୭.୧ ଓଭରରେ ସମସ୍ତ ୱିକେଟ୍ ହରାଇ ୩୧୧ ରନ୍ ସଂଗ୍ରହ କରିପାରିଛି।

ଶ୍ରୀଲଙ୍କାର ଇନିଂସ ଆରମ୍ଭ କରିଥିଲେ ନିର୍ଲାସାନ ଡିକୱେଲା ଏବଂ ଅଭିଶକା ଫର୍ନାଡୋ। ଉଭୟ ପ୍ରଥମ ୱିକେଟ ପାଇଁ ୨୮ ରନ୍ ସଂଗ୍ରହ କରିଥିଲେ। ଏଥିରୁ ଅଭିଶକାଙ୍କ ବ୍ୟକ୍ତିଗତ ସ୍କୋର ଥିଲା ୩ରନ୍। ଭାରତର ଦ୍ୱିତୀୟ ଶିକାର ହୋଇଥିଲେ ନିର୍ଲାସା। ସେ ୧୭ଟି ବଲ୍ ଖେଳି ୪ଟି ଚୌକା ଏବଂ ଗୋଟିଏ ଛକା ବଳରେ ୨୫ ରନ୍ କରିଥିଲେ। ଦଳ ୭୫ ରନ୍‌ରେ ନୁୱାଇନ୍ଦୁ ଫର୍ନାଡୋ (୨୧ ରନ୍)ଙ୍କୁ ହରାଇଥିଲା। ଭାରତର ୪ର୍ଥ ଶିକାର ହୋଇଥିଲେ ସଦିରା ସମରୱିକ୍ରମା, ଯିଏକି ଆଉଟ୍ ହେବା ପୂର୍ବରୁ ୪୪ଟି ବଲ୍ ଖେଳି ୯ଟି ଚୌକା ସହାୟତାରେ ୫୨ ରନ୍ କରିଥିଲେ। ଶ୍ରୀଲଙ୍କା ପଞ୍ଚମ ୱିକେଟ୍ ଭାବେ ରବିନ୍ଦୁ ଫର୍ନାଡୋ (୧୯ ରନ୍)ଙ୍କୁ ହରାଇଥିଲା। ସେତିକି ବେଳେ ଦଳର ସ୍କୋର ୧୪୯ ରନ୍‌ରେ ପହଞ୍ଚି ସାରିଥିଲା। ସାହାନ ଆର୍ଚ୍ଚିଗେ ୪୦ଟି ବଲ୍





ଖେଳି ୪ଟି ଚୌକା ଏବଂ ଗୋଟିଏ ଛକା ବଳରେ ୩୮ ରନ୍ କରିଥିଲେ। ବିଜୟକାନ୍ତ ବ୍ୟାସକାନ୍ତ ୩୧ ରନ୍ କରିଥିଲେ। ସେ ୩୪ଟି ବଲ୍ ଖେଳି ୫ଟି ଚୌକା ମାରିଥିଲେ।, ୱାନଜୁ ସାହାନ ୬୨ ରନ୍ କରିଥିଲେ। ସେ ୬୯ଟି ବଲ୍ ଖେଳି ୫ଟି ଚୌକା ମାରିଥିଲେ।, ଦୁଲାଜ ସମୁଦିତା ୧୧ଟି ବଲ୍‌ରୁ ୨ଟି ଚୌକା ସହାୟତାରେ ୧୫ ରନ୍ କରିଥିଲେ। ମହମ୍ମଦ ସିରାଜ ୨୧ ରନ୍ କରିଥିଲେ।

ଭାରତ ପକ୍ଷରୁ ଯଶ ଠାକୁର ଏବଂ ବିପ୍ର ନିଗମ ୩-୩ ୱିକେଟ ଅକ୍ତିଆର କରିଥିଲେ। ଅନୁକୁଲ ରୟ ୨ ୱିକେଟ୍ ନେଇଥିଲା ବେଳେ ଅଶୋକ ଶର୍ମା ଏବଂ ତିଲକ ବର୍ମାଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

ଟସ୍ ଜିଣି ଘରୋଇ ଶ୍ରୀଲଙ୍କା ଦଳ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ତିଲକ ବର୍ମାଙ୍କ ନେତୃତ୍ୱରେ ଭାରତ ବ୍ୟାଟିଂ କରିଥିଲା ଏବଂ ଦଳ ୫୦ ଓଭରରେ ୯ଟି ୱିକେଟ୍ ହରାଇ ୩୭୭ ରନ୍ ସଂଗ୍ରହ କରିଥିଲା। ଭାରତ ପାଇଁ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୨୯ଟି ବଲ୍ ଖେଳି ୩୨୪.୧୪ ହାରରେ ୯୪ ରନ୍ ସଂଗ୍ରହ କରିଥିଲେ। ଏଥିରେ ୧୦ଟି ଚୌକା ଏବଂ ୮ଟି ଛକା ସାମିଲ ଥିଲା।

ଅଧିନାୟକ ତିଲକ ବର୍ମା ୯୦ଟି ବଲ୍ ଖେଳି ୬୭ ରନ୍ କରିଥିଲେ, ଯେଉଁଥିରେ ସେ ୪ଟି ଚୌକା ଏବଂ ଗୋଟିଏ ଛକା ସାମିଲ କରିଥିଲେ। ଋତୁରାଜ ଗାଏକ୍ୱାର୍ଡ ୪୦, ପ୍ରିୟାଂଶ ଆର୍ଯ୍ୟ ଓ ଅନୁକୁଳ ରୟ ୩୯-୩୯, କୁମାର କୁଶାଗ୍ରା ୩୬, ବିପ୍ରରାଜ ନିଗମ ୨୭, ନିଶାନ୍ତ ସିନ୍ଧୁ ୧୬ ରନ୍ ସଂଗ୍ରହ କରିଥିଲେ। ସୂର୍ଯ୍ୟାଂଶ ଶେଡଗେ ୨ ରନ୍ ଏବଂ ଯଶ ଠାକୁର ଅପରାଜିତ ୨ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ କୁଗାଥାସ ମାଥୁଲାନ, ରବିନ୍ଦୁ ଫର୍ନାଡୋ ଏବଂ ୱାନୁଜା ସାହନ ପ୍ରତ୍ୟେକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ମହମ୍ମଦ ସିରାଜ, ସାହନ ଆର୍ଚ୍ଚିଗେ ଏବଂ ଦୁଲାଜ ସମୁଦିଥାଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

## ୧୪ ହଜାର ରନ୍ ଟେଷ୍ଟ କ୍ଲବରେ ରୁଟ୍

ନୂଆଦିଲ୍ଲୀ, ୨୦/୬ : ଇଂଲଣ୍ଡର ମହାନ ବ୍ୟାଟର ଜୋ ରଟ ନ୍ୟୁଜିଲାଣ୍ଡ ବିପକ୍ଷ ଖେଳାଯାଉଥିବା ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ପାଳିରେ ନିଜ ୧୪,୦୦୦ଟେଷ୍ଟ ରନ ପୂରା କରିଛନ୍ତି । ସେହିଭଳି ସଚିନ ତେନ୍ଦୁଲକର ଟେଷ୍ଟରେ ସବୁଠାରୁ ଅଧିକ ରନ୍ କରିଥିବା ରେକର୍ଡ଼ ଭାଙ୍ଗିଛନ୍ତି ଏବଂ ଦ୍ରୁତଗତିରେ ଆଗକୁ ବଢୁଛନ୍ତି । ଏହି ଟେଷ୍ଟର ପ୍ରଥମ ପାଳିରେ ସେ ୪୬ରନ୍ କରିଥିଲେ । ସେ ଅର୍ଦ୍ଧଶତକରୁ ବର୍ତ୍ତି ଯାଇଥିଲେ କିନ୍ତୁ ଦ୍ୱିତୀୟ ପାଳିରେ ନିଜ ଅର୍ଦ୍ଧଶତକ ପୂରା କରିଛନ୍ତି ।ଜୋ ରଟ ବିଶ୍ୱର ଦ୍ୱିତୀୟ ବ୍ୟାଟର ହୋଇଛନ୍ତି। ସେ ଟେଷ୍ଟ କ୍ରିକେଟରେ ୧୪,୦୦୦ରନର ସଂଖ୍ୟା ଛୁଇଁଛନ୍ତି । ତାଙ୍କ ବ୍ୟତୀତ କେବଳ ସଚିନ ତେନ୍ଦୁଲକର ଏଭଳି କରିଛନ୍ତି । ଯାହା ଏବେ ଟେଷ୍ଟରେ ସବୁଠାରୁ ଅଧିକ ରନ୍ କରିଥିବା ବ୍ୟାଟର ଅଛନ୍ତି । ଏହି ଲିଷ୍ଟରେ ରଟ ଦ୍ୱିତୀୟ ନମ୍ବରରେ ଅଛନ୍ତି । ତୃତୀୟ ନମ୍ବରରେ ରିକି ପଣ୍ଟିଂ ଅଛନ୍ତି । ଯିଏ ନିଜ ଟେଷ୍ଟ କ୍ୟାରିୟରରେ ୨୮୭ପାଳିରେ ପ୍ରାୟ ୧୩୩୭୮ ରନ୍ କରିଛନ୍ତି ।

## ଆୟର୍ଲ୍ୟାଣ୍ଡ ବିପକ୍ଷ ଟି୨୦ ସିରିଜ୍ ବରୁଣ ଚକ୍ରବର୍ତ୍ତୀ ବାଦ୍

ନୂଆଦିଲ୍ଲୀ : ଆୟର୍ଲ୍ୟାଣ୍ଡ ବିପକ୍ଷ ଟି୨୦ ସିରିଜ୍ ପୂର୍ବରୁ ଭାରତୀୟ ଟିମ୍‌କୁ ଲାଗିଛି ବଡ ଝଟକା। ବରୁଣ ଚକ୍ରବର୍ତ୍ତୀଙ୍କୁ ଏହି ସିରିଜ୍‌ରୁ ବାଦ୍ ଦିଆଯାଇଛି। ପାଦରେ ଆଘାତ ଯୋଗୁ ତାଙ୍କୁ ଟିମ୍‌ରୁ ବାଦ୍ ଦିଆଯାଇଛି। ବିସିସିଆଇ ପକ୍ଷରୁ ରବିବାର ଏହି ଘୋଷଣା କରାଯାଇଛି।

୨୦୨୬ ଆଇପିଏଲ ବେଳେ ତାଙ୍କ ପାଦରେ ଗଭୀର ଆଘାତ ଲାଗିଥିଲା। ସେ ସୁସ୍ଥ ହେଲେଣି। କିନ୍ତୁ ସଂପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି। ସେ ଏବେ ବିସିସିଆଇର ବେଙ୍ଗଲୁରୁ ସ୍ଥିତ ସେଣ୍ଟର ଅଫ୍ ଏକ୍ସେଲେନ୍ସରେ ଅଛନ୍ତି। ଏକ ଡାକ୍ତରୀ ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛି। ଆୟର୍ଲ୍ୟାଣ୍ଡ ବିପକ୍ଷ ଟି୨୦ ସିରିଜ୍ ଆରମ୍ଭ ହେଲା ବେଳକୁ ସେ ସଂପୂର୍ଣ୍ଣ ଫିଟ୍ ହେବାର ସମ୍ଭାବନା ନଥିବାରୁ ତାଙ୍କୁ ଟିମ୍‌ରୁ ବାଦ୍ ଦିଆଯାଇଛି।ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଆୟର୍ଲ୍ୟାଣ୍ଡ ବିପକ୍ଷରେ ଘୋଷଣା କରାଯାଇଥିବା ଟିମ୍‌ରେ ଅଭିଷେକ ଶର୍ମା, ସଞ୍ଜୁ ସାମସନ (ୱିକେଟ୍ କିପର), ଈଶାନ କିଶନ (ୱିକେଟ୍ କିପର), ଶିବମ ଦୁବେ, ତିଲକ ବର୍ମା (ଉପ-ଅଧିନାୟକ), ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ହର୍ଷିତ ରାଣା, ଅର୍ଶଦୀପ ସିଂହ, ପ୍ରିନ୍ସ ଯାଦବ, ବୈଭବ ସୂର୍ଯ୍ୟବଂଶୀ ଓ ପ୍ରସିଦ୍ଧ କ୍ରିଷ୍ଣା ଅଛନ୍ତି। ଆୟର୍ଲ୍ୟାଣ୍ଡ ବିପକ୍ଷ ଟିଟ୍ୱେଣ୍ଟି ସିରିଜ୍‌ରେ ଦୁଇଟି ମ୍ୟାଚ୍ ଖେଳାଯିବ। ପ୍ରଥମଟି ଜୁନ୍ ୨୬ରେ ଓ ଦ୍ୱିତୀୟଟି ଜୁନ୍ ୨୮ ତାରିଖରେ ଖେଳାଯିବ।

## ଡେନିଜ୍‌ଙ୍କ ଡବଲ୍, ଜର୍ମାନୀ ନକ୍‌ଆଉଟ୍‌ରେ

ଟରୋଣ୍ଟୋ: ଚଳିତ ଫିଫା ବିଶ୍ୱକପ୍‌ରେ ଅନ୍ୟତମ ଶ୍ରେଷ୍ଠ ଦଳ ଜର୍ମାନୀକୁ ପାଣି ପିଆଇଛି ପଶ୍ଚିମ ଆଫ୍ରିକୀୟ ଦେଶ ଆଇଭରିକୋଷ୍ଟ। ତେବେ ଇନ୍‌ଜ୍ୟୁରି ଟାଇମ୍ ଗୋଲ୍ ବଳରେ ୪ ଥର ବିଜେତା ଜର୍ମାନୀ ୨-୧ ଗୋଲ୍‌ରେ ଜିତିଯାଇଛି। ଏଥି ସହିତ ଜର୍ମାନୀ ଗ୍ରୁପ୍ 'ଇ'ରେ କ୍ରମାଗତ ବିଜୟ ସହ ନକ୍‌ଆଉଟ୍ ଯୋଗ୍ୟତା ଅର୍ଜନ କରି ନେଇଛି। ବଦଳ ଖେଳାଳି ଡେନିଜ୍ ଇଣ୍ଡାଭ୍‌ଙ୍କ ଡବଲ୍ ଗୋଲ୍ ଜର୍ମାନୀକୁ ପରାଜୟ ମୁହଁରୁ ବାହାର କରି ବିଜୟ ଦେଇଛି। ପ୍ରଥମରୁ ବିପଜ୍ଜନକ ମନେ ହେଉଥିବା ଆଇଭରିକୋଷ୍ଟ ୩୦ତମ ମିନିଟ୍‌ରେ ଅଗ୍ରଣୀ ନେଇଯାଇଥିଲା। ଅଧିନାୟକ ଫ୍ରାଙ୍କ୍ କେସିଙ୍କ ଶକ୍ତିଶାଳୀ କିକ୍‌କୁ ଜର୍ମାନୀ ଗୋଲି ଓ ଡିଫେଣ୍ଡର୍ ରୋକି ଦେଇଥିଲେ ମଧ୍ୟ ରିବାଉଣ୍ଡ୍‌ରୁ ଆସିଥିବା ବଲ୍‌କୁ ସେ ଦ୍ୱିତୀୟ ପ୍ରୟାସରେ ପୋଷ୍ଟ୍ ଭିତରକୁ ପଠାଇଦେଇଥିଲେ। ଏହା ପରେ ଜର୍ମାନୀର ତାଳମେଳ ବିହୀନ ତଥା ମାନ୍ଦା ଖେଳରୁ ବି



ଫାଇଦା ଉଠାଇ ଆଇଭରିକୋଷ୍ଟ ଏକାଧିକ ସୁଯୋଗ ସୃଷ୍ଟି କରିଥିଲା। ପ୍ରଥମାର୍ଦ୍ଧରେ ଉଭୟ ଦଳ ଆଉ ଗୋଲ୍ ଦେବାରେ ବିଫଳ ହୋଇଥିଲେ। ଦ୍ୱିତୀୟାର୍ଦ୍ଧରେ ଜର୍ମାନୀ ଅପେକ୍ଷାକୃତ ଉନ୍ନତ ଖେଳିଥିଲା। ଫଳରେ ଦଳକୁ ୬୮ତମ ମିନିଟ୍‌ରେ ଏହାର ସୁଫଳ ମିଳିଥିଲା। ତିନିଟି ଅଦଳବଦଳ ଯୋଜନାରେ ଆସିଥିବା ଡେନିଜ୍ ଉଣ୍ଡାଭ୍‌ଙ୍କ ଗୋଲ୍ ଜର୍ମାନୀର ସମ୍ମାନ ରଖିଥିଲା। ଇନ୍‌ଜ୍ୟୁରି ଟାଇମ୍‌ରେ ଉଣ୍ଡାଭ୍ (୯୦+୪ ମିନିଟ୍) ଦ୍ୱିତୀୟ ଗୋଲ୍ ଦେଇ ଅପ୍ରତ୍ୟାଶିତ ଭାବେ ବିଜୟକୁ ନିଶ୍ଚିତ କରିଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ